NITIDIN

# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
1 OCTOBER 2025
ବୁଧବାର
୧ ଅକ୍ଟୋବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 138 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୩୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର






ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ସମସ୍ତ ପାଠକ, ବିତରକ ଓ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

– ପରିଚାଳନା ନିର୍ଦ୍ଦେଶକ

## 'ନିତିଦିନ'ର ଛୁଟି

ଦୁର୍ଗାପୂଜା ଉପଲକ୍ଷେ ଅକ୍ଟୋବର ୧ ଓ ୨ ତାରିଖ 'ନିତିଦିନ' କାର୍ଯ୍ୟାଳୟ ବନ୍ଦ ରହିବ । 'ନିତିଦିନ'ର ପରବର୍ତ୍ତୀ ସଂଖ୍ୟା ୪ ତାରିଖ ଶନିବାର ପ୍ରକାଶ ପାଇବ ।

– ପ୍ରକାଶକ

# ପୁଲିସ ଏସ୍‌ଆଇ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,ବ୍ରହ୍ମପୁର,୩୦।୯/ଏନ୍‌ଏନ୍‌ଏସ୍:**

ପୁଲିସ ଏସ୍‌ଆଇ ପରୀକ୍ଷା ସ୍ଥଗିତ ହୋଇଛି । ଅପ୍ରତ୍ୟାଶିତ ଘଟଣାକ୍ରମକୁ ନେଇ ଅକ୍ଟୋବର ୫ ଓ ୬ରେ ହେବାକୁ ଥିବା ଲିଖିତ ପରୀକ୍ଷା ସ୍ଥଗିତ ରଖାଯାଇଥିବା ନେଇ ନିଷ୍ପତ୍ତି ହୋଇଛି । ଏନେଇ ମଙ୍ଗଳବାର ଓପିଆର୍‌ବି ଅଧ୍ୟକ୍ଷଙ୍କ ପକ୍ଷରୁ ସୂଚନା ଜାରି କରାଯାଇଛି । ଆଗକୁ ପରୀକ୍ଷା କେବେ ହେବ, ସେ ନେଇ ନୂଆ ତାରିଖ ଘୋଷଣା କରାଯିବ ବୋଲି ଓପିଆର୍‌ବି ଅଧ୍ୟକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି ।

ସୂଚନା ମୁତାବକ ଅକ୍ଟୋବର ୫ ଓ ୬ ତାରିଖରେ ସବୁ ଜିଲ୍ଲାରେ ପୁଲିସ ଏସ୍‌ଆଇ ପରୀକ୍ଷା ହେବାକୁ ଥିଲା । ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ୧୨୦ରୁ ଊର୍ଦ୍ଧ୍ୱ ଆଶାୟୀଙ୍କୁ କୋଚିଂ

### ଆଶାୟୀମାନଙ୍କ ପାଇଁ ହେଲ୍ପ ଲାଇନ୍ ନମ୍ବର ଜାରି

ଦେବା ପାଇଁ ହାଇଦ୍ରାବାଦ ନେଉଥିଲା । ହେଲେ ସେମାନଙ୍କୁ ପିଛାକରି ଶ୍ରୀକାକୁଲମ୍‌ରେ ଧରିଥିଲା ବ୍ରହ୍ମପୁର ପୁଲିସ । ବର୍ତ୍ତମାନ ଆଶାୟୀମାନେ ପୁଲିସ ଅଧୀନରେ ରହିଛନ୍ତି । ପୁଲିସ ସେମାନଙ୍କୁ ▶▶ ୫

**ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ**

# ଆଲୋଚନା କଲେ, ଅଭିଯୋଗ ଶୁଣିଲେ

**କେନ୍ଦୁଝର,୩୦।୯/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ନିଜ ଜନ୍ମମାଟି ରାଇକଳାକୁ ଯାଇ ଗ୍ରାମବାସୀ ଓ ଜନସାଧାରଣଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି, ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି । ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କହିଥିଲେ



ଯେ 'ଆଜି କେନ୍ଦୁଝର ଗସ୍ତ ଅବସରରେ ରାଇକଳାସ୍ଥିତ ବାସଭବନରେ ଜନସାଧାରଣଙ୍କ ସହ ମିଶିବା ସହ ବିଭିନ୍ନ ବିଷୟରେ ଆଲୋଚନା କଲି ଓ ଅଭିଯୋଗ ପତ୍ର ଗ୍ରହଣ କଲି । ମୁଁ ଆପଣଙ୍କ ମାଟିର ପୁଅ, ଆପଣଙ୍କ ଭିତରୁ ଜଣେ, ଆପଣମାନେ ହିଁ ମୋର ଶକ୍ତି ଓ ସାମର୍ଥ୍ୟ । ଆପଣଙ୍କ ଆତ୍ମୀୟତା ନିକଟରେ ମୁଁ ସବୁବେଳେ ଋଣୀ । ପରେ ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପକୁ ଯାଇ ମା' ଦୁର୍ଗାଙ୍କ ଦର୍ଶନ କରିବା ସହ ▶▶ ୫

सत्यमेव जयते



ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)

OIPR-15001/13/1202/2526

DADLS-53



ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



सत्यमेव जयते



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍‌ପାଟି)

OIPR-15001/13/1198/2526

DADLS-52





ଗାନ୍ଧୀ ଜୟନ୍ତୀ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ରାଜଧାନୀରେ ଶ୍ରଦ୍ଧାଳୁଙ୍କ ଘରେ ନବରାତ୍ରୀ ଅବସରରେ କନ୍ୟାପୂଜା

## 'ଗାନ୍ଧୀଙ୍କ ସହ ଗୋଟିଏ ପାଦ'

# ରାଷ୍ଟ୍ରୀୟ ପଦଯାତ୍ରାରେ ସାମିଲ ପାଇଁ ଉତ୍କଳ ସର୍ବୋଦୟ ମଣ୍ଡଳର ବାରାଣସୀ ଗସ୍ତ

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ବାରାଣସୀର ରାଜଘାଟ ସ୍ଥିତ ସର୍ବୋଦୟ ସାଧନା କେନ୍ଦ୍ରକୁ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ସହିତ ଭାରତୀୟ ରେଳ ବିଭାଗ ମିଳିତ ଭାବରେ ବୁଲଡୋଜର୍ ଚଳାଇ ଧ୍ୱଂସ କରିବା ତଥା ଗଣତନ୍ତ୍ର, ସମ୍ବିଧାନ, ରାଷ୍ଟ୍ରୀୟ ଐତିହ୍ୟର ସୁରକ୍ଷା ପରିପ୍ରେକ୍ଷୀରେ ସର୍ବସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ନେତୃତ୍ୱରେ ଦେଶର ସମସ୍ତ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ଜନ ଆନ୍ଦୋଳନ କର୍ମୀ ତଥା ଗଣତାନ୍ତ୍ରିକ ଜନ ସଂଗଠନର ସହଯୋଗରେ ଆସନ୍ତା ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀରୁ ୨୬ ନଭେମ୍ବର ସମ୍ବିଧାନ ଦିବସ ପର୍ଯ୍ୟନ୍ତ ବାରାଣସୀ ରାଜଘାଟରୁ ଦିଲ୍ଲୀ ରାଜଘାଟ ପର୍ଯ୍ୟନ୍ତ ୧୦୦୦ କି.ମି. ବ୍ୟାପୀ 'ଗାନ୍ଧୀଙ୍କ ସହ ଗୋଟିଏ ପାଦ' ରାଷ୍ଟ୍ରୀୟ ପଦଯାତ୍ରା ଅନୁଷ୍ଠିତ ହେବ।

ସମଗ୍ର ଓଡ଼ିଶାରୁ ଉତ୍କଳ ସର୍ବୋଦୟ ମଣ୍ଡଳର ନେତୃତ୍ୱରେ ଶତାଧିକ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ଜନ ଆନ୍ଦୋଳନ କର୍ମୀ, ସାମାଜିକ କର୍ମୀ, ମହିଳା, ପୁରୁଷ, ଯୁବ-ଛାତ୍ର ଗୋଷ୍ଠୀ ଏହି ପଦଯାତ୍ରାରେ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଥମ ପର୍ଯ୍ୟାୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ରଚନା ସମିତି ସଂଯୋଜକ ଅନ୍ତର୍ଯାମୀ ବରାଳ, ମହିଳା ସେଲ୍ ସଂଯୋଜିକା ରାବେୟା ବେଗମ୍, ନୈତାଲିମର ଟ୍ରଷ୍ଟି ବିପିନ ବାରିକ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସହ ସଂଯୋଜିକା ଅଲିଭା ଦାଶ ପ୍ରମୁଖ ଟ୍ରେନ ଯୋଗେ ବାରାଣସୀ ଅଭିମୁଖେ ଗସ୍ତ କରିଥିବା ବେଳେ ଆଗାମୀ ପର୍ଯ୍ୟାୟରେ ମଣ୍ଡଳର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ସଂଗଠନ ସମ୍ପାଦକ ଗୌରାଙ୍ଗ ରାଉତ, ନିୟମଗିରି ଆନ୍ଦୋଳନର ରାଜକିଶୋର ସୁନାନୀ, ସମେତ ବିଭିନ୍ନ ଜିଲ୍ଲାର ଲୋକସେବକ, ସର୍ବୋଦୟ ମିତ୍ର ତଥା ସାମାଜିକ କର୍ମୀ, ଜନ ଆନ୍ଦୋଳନ କର୍ମୀ ମାନେ ପଦଯାତ୍ରାରେ ସାମିଲ ହେବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷ ରାମଚନ୍ଦ୍ର ରାହି, ସେବାଗ୍ରାମ ଆଶ୍ରମର ଅଧ୍ୟକ୍ଷା ଆଶା ବୋଥ୍ରା, ବିଶିଷ୍ଟ ଶିକ୍ଷାବିତ୍ ଆନନ୍ଦ କୁମାର, ସମାଜବାଦୀ ନେତା ଅଫଲାତୁନ, ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ସମାଜ ବିଜ୍ଞାନୀ ଯୋଗେନ୍ଦ୍ର ଯାଦବ, ବିଶିଷ୍ଟ ଜନ ଆନ୍ଦୋଳନ ନେତ୍ରୀ ମେଧା ପାଟକର ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହେବା ପାଇଁ ସମ୍ମତି ପ୍ରଦାନ କରିଥିବା ବେଳେ ସର୍ବସେବା ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଗୌରାଙ୍ଗ ମହାପାତ୍ର, ସମ୍ପାଦକ ଅରବିନ୍ଦ ଅଞ୍ଜୁମ, ସମ୍ପାଦକେ ଆନ୍ଦୋଳନ ସମିତିର ସଂଯୋଜକ ଡଃ ବିଶ୍ୱଜିତ୍, ଉତ୍ତର ପ୍ରଦେଶ ସର୍ବୋଦୟ ମଣ୍ଡଳ ସଭାପତି ରାମ ଧୀରଜଙ୍କ ନେତୃତ୍ୱରେ ଏହି ରାଷ୍ଟ୍ରୀୟ ପଦଯାତ୍ରା ଅନୁଷ୍ଠିତ ହେଉଛି।





ଭିଏସ୍‌ଏସ୍‌ନଗର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଓ ଆକର୍ଷଣୀୟ ତୋରଣ

# ୱାର୍କଚାର୍ଜଡ୍ କର୍ମଚାରୀ ପାଇବେ ପେନ୍‌ସନ୍

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଳରେ ରାଜ୍ୟ ଜଳ ସମ୍ପଦ ବିଭାଗର ଅଠାନବେ ଜଣ ୱାର୍କଚାର୍ଜଡ଼୍ କର୍ମଚାରୀ ପେନ୍‌ସନ୍ ପାଇବେ। ଏଥି ନିମନ୍ତେ ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ମୁଖ୍ୟଙ୍କୁ ଚିଠି କରିବା ପରେ ଅଠାନବେ ଜଣଙ୍କୁ ପେନ୍‌ସନ୍ ପ୍ରଦାନ ବାବଦରେ କେତେ ଟଙ୍କା ଲାଗିବ ଯନ୍ତ୍ରୀମୁଖ୍ୟ ଅଧସ୍ତନ ଅଧିକାରୀଙ୍କୁ ଚିଠି କରିଛି। ଅକ୍ଟୋବର ଛଅ ତାରିଖ ମଧ୍ୟରେ ବ୍ୟୟ ଅଟକଳ ଓ ସମ୍ପୃକ୍ତ କର୍ମଚାରୀ ମାନଙ୍କର ଅବସର ସମୟ ପ୍ରଦାନ ନିମନ୍ତେ ଚିଠିରେ ଉଲ୍ଲେଖ କରିଛି। ସ୍ମରଣଯୋଗ୍ୟ ଯେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏସ୍‌ଏଲ୍‌ପି (ଡାଇରୀ) ନମ୍ବର ୩୩୪୦୦/୨୦୨୩ ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ କରାଯାଇଥିବା ରିଟ୍ ଅପିଲ ତା ୨୪.୦୭.୨୦୨୫ ରିଖରେ ଖାରଜ ହେବା ପରେ ସରକାର ଅଠା ନବେ ଜଣ ଆବେଦନକାରୀଙ୍କୁ ପେନସନ ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ 'ଓଡ଼ିଶା ଅବସରପ୍ରାପ୍ତ ୱାର୍କଚାର୍ଜଡ୍/ରେଗୁଲାର୍ କର୍ମଚାରୀ କ୍ରିୟାନୁଷ୍ଠାନ ସଂଗଠନ' ଅଭିଯୋଗ କରି ସରକାରଙ୍କ ନିକଟରେ ପ୍ରଶ୍ନ ଉଠାଇଛି ଯେ ଏମାନଙ୍କ ଭଳି ଯେଉଁ ଗରିବବର୍ଗର ଅବସରପ୍ରାପ୍ତ କର୍ମଚାରୀମାନେ ଅର୍ଥ ଅଭାବରୁ କୋର୍ଟକୁ ଯାଇପାରୁ ନାହାନ୍ତି ସେମାନେ କ'ଣ ପେନ୍‌ସନ୍ ପାଇବେ ନାହିଁ ? ସରକାର କେଉଁ ସ୍ୱାର୍ଥରେ କୋର୍ଟରେ ବାରମ୍ବାର ରିଟ୍ ଅପିଲ କରିବା ଓ ରିଟ୍ ଅପିଲ୍ ନାକଚ ପରେ ସର୍ବୋଚ୍ଚ କୋର୍ଟରେ ଏସ୍‌ଏଲ୍‌ପି ଅପିଲ୍ କରି ଏସ୍‌ଏଲ୍‌ପି ବିଚାର ଯୋଗ୍ୟ ନହେବା ଓ ପରୋକ୍ଷରେ ଓକିଲଙ୍କ ଖର୍ଚ୍ଚ ବାବଦରେ ରାଜକୋଷରୁ ଅର୍ଥ ବ୍ୟୟ ହେବା ଏହା ସରକାରଙ୍କ କର୍ମଚାରୀଙ୍କ ବିରୋଧରେ ନକାରାତ୍ମକ ନଷ୍ପତ୍ତି ନୁହେଁକି ? ତେବେ ଯେଉଁ କର୍ମଚାରୀ କୋର୍ଟକୁ ଯିବ ଆଉ କୋର୍ଟରେ ଜିତିବ ସରକାର ତାଙ୍କୁ ପେନସନ ଦେବେ। କୋର୍ଟରେ ପେନ୍‌ସନ୍ ସମ୍ବନ୍ଧୀୟ ମକଦ୍ଦମା କରିନଥିବା କର୍ମଚାରୀ କ'ଣ ସାମ୍ବିଧାନିକ ଧାରା -୧୬ରୁ ବଞ୍ଚିତ ହେବ। ସାମ୍ବିଧାନିକ ଧାରା -୧୬କୁ ସରକାର ଅମାନ୍ୟ କରି ୩୫ରୁ ୪୨ ବର୍ଷ ଧରି ସରକାରଙ୍କୁ ସେବା ଦାନ କରିଥିବା କର୍ମଚାରୀଙ୍କୁ ଚାକିରିର ଅବସର ବୟସ ସମୟରେ ପେନ୍‌ସନ୍ ନଦେଇ ସେମାନଙ୍କ ହକ୍ ପ୍ରାପ୍ୟକୁ ଫାଙ୍କିବା ସରକାରଙ୍କ ସମ୍ବିଧାନ ବିରୋଧୀ ଶାସନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ମୋକଦ୍ଦମା ଖୋର ନହୋଇ ସହନଶୀଳତା ନୀତି ଅବଲମ୍ବନ କରି ଅଠାନବେ ଜଣଙ୍କୁ ପେନସନ ପ୍ରଦାନ କରାଯିବା ଭିତରେ ଏମାନଙ୍କ ଭଳି ସମାନ ସ୍ଥିତିରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ ଦେବା ନିମନ୍ତେ ସରକାର ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେବାକୁ କ୍ରିୟାନୁଷ୍ଠାନ ସଂଗଠନର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ ସର୍ବଶ୍ରୀ ଅରୁଣ କେଶରୀ ପରିଡା ଓ ଗିରିଶ ନନ୍ଦ ଦାବି କରିଛନ୍ତି।

## ସାରେଗାମା ସଙ୍ଗୀତର ମହାପ୍ରତିଯୋଗିତାରେ ତନୁଶ୍ରୀ ପ୍ରଥମ

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଗତ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ସାରେଗାମା ସଙ୍ଗୀତର ମହାପ୍ରତିଯୋଗିତାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ସୁଶ୍ରୀ ତନୁଶ୍ରୀ ଜେନା ଓଡ଼ିଶାର ବିଭିନ୍ନ ସ୍ଥାନରୁ ବଛା ହୋଇଆସିଥିବା ଚବିଶ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲି ତରଫରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଉଲ୍ଲେଖଯୋଗ୍ୟ, ତନୁଶ୍ରୀ ପିଲାଟି ବେଳୁ ତୃତୀୟ ଶ୍ରେଣୀରେ ପଢ଼ିବାଠାରୁ ଯୁକ୍ତ ଦୁଇ ଶେଷ ପର୍ଯ୍ୟନ୍ତ ଇଟିକିଲି ମିଟିକିଲି ମଞ୍ଚର ସଙ୍ଗୀତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଆସିଛନ୍ତି। ତାଙ୍କର କୃତୀତ୍ୱ ନିମନ୍ତେ ଇଟିକିଲି ମିଟିକିଲି ତରଫରୁ ଗତ ୨୦୨୩ ମସିହାରେ ତାଙ୍କୁ ସଙ୍ଗୀତଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ତନୁଶ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନର ସଭାପତି ଶରତ କୁମାର ଦାଶ, ଉପସଭାପତି ଚିତ୍ତ ମହାପାତ୍ର, ସଚିବ ଶରତ କୁମାର ନାୟକ, ସାଂସ୍କୃତିକ ସମ୍ପାଦିକା ଅନୀତା ରଥ ତଥା ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସଙ୍ଗୀତ ଜଗତରେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା ସହ ଆନନ୍ଦ ପ୍ରକାଶ କରିଛନ୍ତି।

## ୭ ସ୍ଥାନରେ ରାବଣପୋଡ଼ି

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଗତବର୍ଷ ତୁଳନାରେ ଏଥର କମ୍ ସ୍ଥାନରେ ରାବଣପୋଡ଼ି ହେବ। ଗତଥର ୧୨ଟି ସ୍ଥାନରେ ରାବଣପୋଡି ହୋଇଥିବାବେଳେ ଏଥର ୭ଟି ସ୍ଥାନରେ ହେବ। ନହରକଣ୍ଟା, କୋରଡ଼କଣ୍ଟା, ବରମୁଣ୍ଡା, ବାଙ୍କୁଆଳ, ଗୋପାଳପୁର (ଯାଆଁଳା), କିଟ୍ ରୋଡ ଓ କପିଳପ୍ରସାଦ ଫୁଟବଲ୍ ପଡ଼ିଆରେ ରାବଣପୋଡ଼ି ପାଇଁ ଅନୁମତି ମିଳିଛି। ରାବଣପୋଡ଼ି ସ୍ଥାନଗୁଡ଼ିକରେ ଅଗ୍ନିଶମ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହିସବୁ ସ୍ଥାନଗୁଡ଼ିକ ପୁଲିସ ପରିଦର୍ଶନ ସହ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

# ବାଚସ୍ପତି ସୁରମା ପାଢ଼ୀଙ୍କ ଏମ୍ସ ପରିଦର୍ଶନ

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଗତକାଲି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଏବଂ ପରିବାରକୁ ସଶକ୍ତ କରିବା ପାଇଁ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପକ୍ଷରୁ ଜାରି ରହିଥିବା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ବାଚସ୍ପତି ଶ୍ରୀମତୀ ପାଢ଼ୀ। ଏହି ଅବସରରେ ବାଚସ୍ପତି ଉଚ୍ଚ ରକ୍ତଚାପ ଏବଂ ଅଣ-ସଂକ୍ରାମକ ରୋଗ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ଅଭିଯାନରେ ସାମିଲ ହିତାଧିକାରୀ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ମଧ୍ୟ ସିଧାସଳଖ ଆଲୋଚନା କରିଥିଲେ। ବାଚସ୍ପତିଙ୍କୁ ସ୍ୱାଗତ କରି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ତାଙ୍କ ପ୍ରଶଂସା ପ୍ରକାଶ କରି କହିଥିଲେ ଯେ ସ୍ୱାସ୍ଥ୍ୟ ପରୀକ୍ଷା ଅଭିଯାନରେ ଅଂଶଗ୍ରହଣ କରିବା ଏବଂ ହିତାଧିକାରୀଙ୍କ ସହ ଆଲୋଚନା କରିବା, ନିଶ୍ଚିତ ଭାବରେ ସମସ୍ତ ଅଂଶୀଦାରଙ୍କୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନକୁ ଏକ ବିରାଟ ସଫଳତା ଦେବା ପାଇଁ ପ୍ରେରଣା ଦେବ। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଅଭିଯାନର ଏକ ଅଂଶ ଭାବରେ ମହିଳାମାନଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସ୍କ୍ରିନିଂ ଆୟୋଜନ କରିବାରେ ଏମ୍ସ ଭୁବନେଶ୍ୱରର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଅନୁକରଣୀୟ ସେବା ପାଇଁ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ ବୃତ୍ତିଗତ ଦକ୍ଷତାକୁ ମଧ୍ୟ ପ୍ରଶଂସା କରିଥିଲେ। ବାଚସ୍ପତିଙ୍କ ଗସ୍ତ ଅବସରରେ ଏମ୍ସର ବରିଷ୍ଠ ଅଧିକାରୀ, ଚିକିତ୍ସକ, ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ବିପୁଳ ଉତ୍ସାହର ସହିତ ଚଳିତ ମାସ ୧୭ ତାରିଖରୁ ଜାରି ରହିଛି। ଅଦ୍ୟାବଧି ହଜାର ହଜାର ମହିଳା ଏହି ଜାତୀୟ ପ୍ରତିଷ୍ଠାନରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇସାରିଛନ୍ତି। ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ।

# ପୁଲିସ ଏସ୍‌ଆଇ ଲିଖିତ ପରୀକ୍ଷା ବାତିଲକୁ ବିଜେଡିର ବିରୋଧ

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ପୁଲିସ ଏସ୍‌ଆଇ ନିଯୁକ୍ତି ପାଇଁ ଅକ୍ଟୋବର ୫ ଓ ୬ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଆଜି ଓପିଆର୍‌ବି ଦ୍ୱାରା ସ୍ଥଗିତ ରଖାଯିବାକୁ ନେଇ ବିଜୁ ଜନତା ଦଳ ତରଫରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଛାତ୍ର ବିଜୁ ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ଗତ ପନ୍ଦର ମାସର ବିଜେପି ଶାସନରେ ପନ୍ଦର ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରାଯାଇଛି। ଯାହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ନିଜେ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି। ତେଣୁ ସେ ଏ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉତ୍ତର ରଖିବା ଦରକାର। ଏହି ଘଟଣାରୁ ରାଜ୍ୟର ହଜାର ହଜାର ଚାକିରି ଆଶାୟୀ ଯୁବକଯୁବତୀମାନେ ନିଯୁକ୍ତି ପାଇଁ ଥିବା ବ୍ୟବସ୍ଥା ଉପରେ ସନ୍ଦେହ ଉପୁଜିଛି। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଜେଡି ଦାବି କରିଛି। ନିଯୁକ୍ତି ବ୍ୟବସ୍ଥା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେଲେ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

# ଓଡ଼ିଆ ଶ୍ରମିକଙ୍କୁ ଓଡ଼ିଶାକୁ ଫେରେଇ ଆଣିବା ପାଇଁ ସହାୟତା

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଦୁବାଇରେ ଚିକିତ୍ସିତ ହେଉଥିବା ଜଣେ ଓଡ଼ିଆ ଶ୍ରମିକଙ୍କୁ ଓଡ଼ିଶାକୁ ଫେରେଇ ଆଣିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲାରେ ବାସ କରୁଥିବା ସ୍ୱପ୍ନିଲ ପଟ୍ଟନାୟକ ଦୁବାଇରେ ଜଣେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ସେଠାରେ ସେ ଯକୃତଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ବେଳେ ଓଡ଼ିଶା ଫେରି ଆସିବା ପାଇଁ ଅନୁରୋଧ କରିଥିଲେ। ଏହି ସମ୍ବନ୍ଧୀୟ ସୂଚନା ମିଳିବା ପରେ ଦୁବାଇ ସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ (କନ୍‌ସୁଲେଟ ଜେନେରାଲ ଅଫ୍ ଇଣ୍ଡିଆ, ଦୁବାଇ), ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ସ୍ୱପ୍ନିଲ ପଟ୍ଟନାୟକଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ବର୍ତ୍ତମାନ ସେ ଶ୍ରୀରାମ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକଠାରେ ଚିକିତ୍ସିତ ହେଉଛନ୍ତି। ସ୍ୱପ୍ନିଲଙ୍କ ସହ ତାଙ୍କ ପରିବାରକୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯିବା ନେଇ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ପ୍ରଦାନ କରଯାଇଛି।

## 'ସ୍ୱଚ୍ଛତା ହିଁ ସେବା'

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହେଲ୍‌ପ୍‌ମେଟ୍ ଓ ଷ୍ଟେଟ୍‌ବ୍ୟାଙ୍କ୍‌ର ମିଳିତ ଆନୁକୂଲ୍ୟେର ମହାତ୍ମା ଗାନ୍ଧୀଙ୍କର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଡ. ଜ୍ୟୋତ୍ସ୍ନାରାଣୀ ପାତ୍ର ସ୍ୱତନ୍ତ୍ର କାର୍ଯ୍ୟ ଅଧିକାରୀଙ୍କ ସହଯୋଗରେ ନୟାଗଡ଼ ଜିଲ୍ଲାର ରଘୁନାଥ ଉଚ୍ଚ ବିଦ୍ୟାଳୟ ମଝିଆଖଣ୍ଡ ଓ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମାଜସେବୀ ମୋନିକା ମହାପାତ୍ରଙ୍କ ସ୍ମୃତିରେ ଉଦ୍ଦିଷ୍ଟ କରାଯାଇଛି। ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ସରପଞ୍ଚ, ମଧୁମିତା ତରାଇ, ପଦ୍ମଚରଣ ରାଉତରାୟ, ଗଣେଶ୍ୱର ରାଉତ, ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଗିରିଜାଶଙ୍କର ମହାପାତ୍ର ହେଲ୍ପମେଟ୍ ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ, ଚମକ ଚାନ୍ଦିନୀ ଦାଶ, ଦିପ୍ତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ସ୍ୱାଧୀନତାଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇ କହିଛନ୍ତି ଯେ ସୁସ୍ଥ ସମାଜ ଗଠନ ପାଇଁ ସ୍ୱଚ୍ଛତା ହିଁ ଖୋରାକ୍ ଯୋଗାଇଥାଏ। ହେଲ୍ପମେଟ୍ ଓ ଷ୍ଟେଟ୍‌ବ୍ୟାଙ୍କ ତରଫରୁ ଦୁଇଟି ବିଦ୍ୟାଳୟରେ ସାନିଟାରିପ୍ୟାଡ୍ ସହ ସମସ୍ତ ସଫେଇ ସରଞ୍ଜାମ ଦିଆଯାଇଛି। ହେଲ୍ପମେଟ୍‌ର ସଭାପତି ଡ. ଅଞ୍ଜଳି ତ୍ରିପାଠୀ କହିଛନ୍ତି ଯେ ଏହି ସ୍ୱଚ୍ଛତା ଅଭିଯାନ ନୟାଗଡ଼ ଜିଲ୍ଲାର ପ୍ରତି ବିଦ୍ୟାଳୟରେ କରାଯିବ।

## ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ରରେ କୁମାରୀ ପୂଜା

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଆଜି ଶିବାନନ୍ଦ ଆଶ୍ରମରେ ୧୩ ଜଣ ନବ କୁମାରୀଙ୍କୁ ଦୁର୍ଗାଙ୍କ ୯ ରୂପରେ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ ରୂପରେ ପୂଜା କରାଯାଇଥିଲା। ପ୍ରାରମ୍ଭରେ ପାଦ ପ୍ରକ୍ଷ୍ୟାଳନ, ଶୃଙ୍ଗାର, ପୁଷ୍ପ ମାଲ୍ୟ, ଉପହାର ଆଦି କନ୍ୟାରୂପୀ ନବ ଦୁର୍ଗାଙ୍କୁ ଭକ୍ତମାନେ ଅର୍ପଣ କରିଥିଲେ। ଏହାପରେ ରୀତି ଅନୁଯାୟୀ ପୂଜା, ଆରତୀ କରାଯାଇ ନବ କୁମାରୀଙ୍କୁ ପ୍ରସାଦ ଅର୍ପଣ କରାଯାଇଥିଲା। ଦିବ୍ୟ ଜୀବନ ସଂଘର ସଭାପତି ରାଧାଶ୍ୟାମ ଦାସ,ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଅନ୍ନପୂର୍ଣ୍ଣା ଦାସ, ଅନୁନୟା ସାହୁ, କାଦମ୍ବିନୀ ଦାସ, ଶୈଳବାଳା ମହାନ୍ତି, ରାଜଗୋପାଳ ଆଚାରୀ ପରିଚାଳନା କରିଥିଲେ। ନବଦୁର୍ଗା ରୂପରେ ପ୍ରିୟାସୀ, ଅନିମା, ଅସୀମା, ସାବିତନୟା, ଦିବ୍ୟାଶା, ମାଇସା, ଏ. ସାବି, ରାଜଲକ୍ଷ୍ମୀ, ସାଇ ଶ୍ରଦ୍ଧା, ଆଇଭି ସାଇନି, ପ୍ରୀତେଶ ନବ ଦୁର୍ଗା ରୂପରେ ପୂଜା ପାଇଥିଲେ।

# ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ୩ ଗିରଫ

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଦିନକୁ ଦିନ ଅପରାଧୀମାନେ ସକ୍ରିୟ ହୋଇ ଅନେକ ଦୁଷ୍କର୍ମ ଓ ଅପହରଣ ଭଳି ଘୃଣ୍ୟ କାମକୁ କରି ଆସୁଛନ୍ତି। ଦଶହରାକୁ ନେଇ ପୁଲିସ ଯେତେ ସୂଚନା ଦେଲେ ବି ଅପରାଧୀ ତାଙ୍କ କାର୍ଯ୍ୟକଳାପକୁ ଲଗାମ ନ ଦେବା ଏବେ କମିଶନରେଟ୍ ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ଗତ ୨ ଦିନ ତଳେ ଭୁବନେଶ୍ୱର ଉପକଣ୍ଠ ପଟିଆ ଇଞ୍ଜଣା ଗାଁ ଭିତରେ ଗୋଟେ ଭଡ଼ାଘରୁ ଜଣେ ମହିଳାଙ୍କୁ ଅତି ଗୁରୁତର ଭାବେ ଉଦ୍ଧାର କରା ଯାଇଥିବା ସୂଚନା ପୁଲିସ ଦେଇଛି।







ମିଳିଥିବା ସୂଚନା ଅନୁଯାୟୀ। ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ବିରିପଟା ଗ୍ରାମର ସୁବାସ ରାଉତଙ୍କ ପୁଅ ଅବିନାଶ ରାଉତ ଓରଫ ପପୁନ ଓ ସେହି ଗ୍ରାମର ଜଣେ ବିଜେପି ଯୁବ ନେତା ବୋଲାଉଥିବା ବାପି ଧଳ ସମେତ ଭୁବନେଶ୍ୱରରେ ଅନେକ ଅପରାଧ କରିଥିବା ସତ୍ୟବ୍ରତ ସ୍ୱାଇଁଙ୍କୁ ଗିରଫ କରିଛି ଭରତପୁର ପୁଲିସ। ଗତ ୩ ବର୍ଷ ହେବ ସୁବାସ ରାଉତଙ୍କ ପୁଅ ଅବିନାଶ ରାଉତ ବିଭିନ୍ନ ମହିଳାଙ୍କୁ ହାତରେ ରଖି ଭୁବନେଶ୍ୱର ପଟିଆ ଅଞ୍ଚଳରେ ସେକ୍ସ ରାକେଟ୍ ଚଳାଇଥିବା ଜଣାପଡ଼ିଥିଲା। ଏସବୁ ଘଟଣା ଜଣାପଡ଼ିବା ପରେ ପୁଲିସ ସ୍କାନର୍‌ରେ ୨ ଥର ଧରାପଡ଼ି ମୋଟା ଅଙ୍କର ଟଙ୍କା ଦେଇ ଖସିଯାଇଥିଲା ଅବିନାଶ। ଏବେ ଜଣେ ମହିଳାଙ୍କୁ ବାରମ୍ବାର ବିବାହ କରିବାର ପ୍ରତିଶ୍ରୁତି ଦେଇ ତାକୁ ଅନେକ ବଡ଼ ବଡ଼ ଲୋକଙ୍କ ପାଖକୁ ଯିବାକୁ ପ୍ଲାନ କରିବା ବେଳେ ମହିଳା ଜଣଙ୍କ ଫେରାର ହୋଇ ଯାଇଥିଲେ। ୨ ମାସ ପରେ କୌଣସି ଏକ ସୂତ୍ରରୁ ଖବର ପାଇଁ ଅବିନାଶ ରାଉତ ନିଜ ଗାଁର ଜଣେ ନିଶା ବେପାରୀ ବାପି ଧଳକୁ ଡାକିବା ସହ ଏକ ବଡ଼ ପ୍ଲାନ ପ୍ରସ୍ତୁତି କରି ସୁପାରୀ କିଲର୍ ସତ୍ୟବ୍ରତ ସ୍ୱାଇଁଙ୍କୁ ଡାକିଥିଲେ। ୩ ଜଣ ମିଶି ରାତି ୨ଟାରେ ଝିଅକୁ ଏକ ସ୍କର୍ପିଓ ଗାଡିରେ ଆଣି ଭୁବନେଶ୍ୱର ଇଞ୍ଜଣା ଗାଁ ଭିତରେ ରଖି ୩ ଜଣ ୨ ଦିନ ଧରି ବାରମ୍ବାର ଧର୍ଷଣ କରିଥିବା ଝିଅ ତାଙ୍କ ବୟାନରେ ପ୍ରକାଶ କରିଥିବା ଜଣାପଡ଼ିଛି। ଅବିନାଶ ରାଉତ ନାଁରେ ବିଭିନ୍ନ ଥାନାରେ ୨୩ଟି ଅପରାଧିକ ଓ ବାପି ଧଳ ନାଁରେ ୩ଟି ହତ୍ୟା ଓ ବୋମା ଫିଙ୍ଗା ଭଳି ସଙ୍ଗୀନ ଅଭିଯୋଗର ଖୋରାକ ପାଇଛି ପୁଲିସ। ଅବିନାଶ ରାଉତଙ୍କ ବାପା ଯାଜପୁରରେ ଥିବା ଜୁଣଭଦ୍ରା କଲେଜରେ ପ୍ରିନ୍ସିପାଲ ଥିବା ବେଳେ ପୁଅ ଏବେ ବାପା ଓ ପୂରା ପରିବାରର ଇଜ୍ଜତକୁ ନଷ୍ଟ କରିଦେଲା ବୋଲି ଗ୍ରାମବାସୀ ପୁଲିସକୁ କହିଛି। ଯାଜପୁର ପୁଲିସ ରିମାଣ୍ଡରେ ନେଇକି ଅଧିକ କିଛି ସୁରାକ ପାଇବ ବୋଲି ଆଶା ରଖିଛି।

# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 1 OCTOBER 2025
ବୁଧବାର ୧ ଅକ୍ଟୋବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 138 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୩୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



Now At :
• JEYPORE • SEMILIGUDA
• NABARANGPUR • RAYAGADA

000 Down Payment Interest Processing

PATRA'S BIG FESTIVAL SALE 21st SEP – 2nd OCT

GST BACHAT UTSAV

PATRA® Creating Better Lifestyles

GET UPTO 2 EMI Refund

TRIPLE CASHBACK UPTO ₹30,000/-

EMI Starts 990/-

UPTO 36 MONTHS EMI FACILITY

ASSURED GIFTS for EMI Card holders

PATRA PROTEKT UPTO 4 YEARS EXTENDED WARRANTY WITH EASY EMI

Pay ₹3990/- Take 4 Products

INSTANT DELIVERY

Daily Lucky Draw Win 2.5 Lakhs Everyday (VALID UNTIL 31.12.2025)

EXCHANGE SAVE UPTO 10,000/-

GIFT VOUCHER SMART WATCH WORTH ₹5990/- On Your Next Purchase VALID UNTIL 30.12.2025

UP TO 7.5% INSTANT DISCOUNT SBI card
*Min. Trxn.: ₹15,000; Max. Discount: ₹5,000 per card. Also valid on EMI Trxns. Validity: 24 Sep - 08 Oct 2025. T&C Apply.

iPhone 17 Series ₹0/- Down Payment 24 EMI EMI STARTS ₹3500/- Get a smart watch worth ₹5999* FREE
SAMSUNG Galaxy Z Fold 7 EMI STARTS ₹2575/-
SAMSUNG Galaxy s25 ultra EMI STARTS ₹3999/-
oppo Oppo Reno 14 EMI STARTS ₹2790/-
oppo F31 Series 0 DOWN PAYMENT
vivo X200 fe EMI STARTS ₹2950
vivo V60 EMI STARTS ₹2950/-
ONEPLUS 13 EMI STARTS ₹3490/-

SAMSUNG Tablet EMI STARTS ₹999/-
ipad EMI STARTS ₹1999/-
Macbook EMI STARTS ₹3490/-
hp EMI STARTS ₹2990/-
DELL EMI STARTS ₹3190/-
acer Price STARTS ₹25,999/-
Lenovo Price STARTS ₹29,990/-
EMI STARTS ₹1490/-
EMI STARTS ₹999/-
hp EMI STARTS ₹1500/-

EMI STARTS ₹1199/-
Nikon EMI STARTS ₹5990/-
Canon EMI STARTS ₹4499/-
Smart Watch Price STARTS ₹1199/-
Price STARTS ₹799/-
EMI STARTS ₹5990/-
Power Bank Price STARTS ₹999/-
Neckband Price STARTS ₹299/-
Sound Bar upto 30% off
Bluetooth Speaker Price STARTS ₹799/-
UPTO 30% off EMI STARTS ₹1990/-
UPTO 35% off EMI STARTS ₹1250/-

UPTO 30% off EMI STARTS ₹850/-
UPTO 25% off EMI STARTS ₹2790/-
UPTO 30% off EMI STARTS ₹4590/-
UPTO 20% off EMI STARTS ₹1690/-
UPTO 25% off EMI STARTS ₹950/-
VISI COOLER EMI STARTS 2490/-
WATER COOLER EMI STARTS 2090/-
DEEP FREEZER EMI STARTS ₹1990/-
1.5 Ton 3 Star AC Price Starts ₹25,990/- EMI STARTS ₹1990/-
KUTCHINA FREE UP TO 30% Off

ଏବେ ଘରେ ପାଇବେ ସିନେମା ହଲ ର ଅନୁଭୂତି
100" MINI LED TV Sound Box II ₹9990/-
Price ₹4,49,999/- + Price ₹9,990/- = ~~₹4,59,989/-~~
Offer Price Rs. 2,49,999/-

Rs. 1,15,490/- + Rs. 31,590/- = ~~Rs. 1,47,080/-~~
Offer Price Rs. 75,000/-
SBS REF. 32" Smart Google TV

0% Finance • EASY EMI • EXCHANGE OLD HOME & OFFICE FURNITURE & SAVE UPTO ₹10,000/-

Hisense
GLOBAL NO.1 in 100"+ TV
Check Out Exciting Festive Offers Now
Avail GST Benefits
Fixed EMI ₹1999*
Zero* Downpayment
Cashback upto ₹10000*
1 YEAR* JioHotstar Premium Voucher
*T&C Apply. Offer applicable on selected models. *Limited Period Offer

# PATRA ELECTRONICS

## Contact Us : 9040035044, 9937544443

DASPALLA : PH : 9078059633, BOUDH : PH : 9078058633, PATTAMUNDAI : PH : 8093007949, NABARANGPUR : PH : 8093009158, RAYAGADA : PH : 8093009134, JEYPORE : PH : 8093009132, SONEPUR : PH : 8093009159, SUNDARGARH : PH : 8093446128, SEMILIGUDA : PH : 8093009031, TALCHER : PH : 8093446129, RAHAMA : PH : 8093009032, SALEPUR : PH : 8093004353, BERHAMPUR : PH : 9938998049, 9040075527, PURI : PH : 9938060499, CHANDIKHOL : PH : 9938060899, BALANGIR : PH : 9178919222, BARGARH : PH : 9777220955, SAMBALPUR : AINTHAPALI: PH : 9777362111, DHANUPALI : PH : 8093004351, JHARSUGUDA : PH: 9040075526, ROURKELA : PH : 8260524244, ANGUL : PH : 9178128333, DHENKANAL : PH : 9777272111, KEONJHAR : PH : 9861024244, JAJPUR ROAD : PH : 9692474244, BARIPADA : PH : 8260024244, BALASORE : PH : 7853074244, 9861724244, KHORDHA : PH : 9040014044, JAGATSINGHPUR : PH : 9937250300, 9937178700, BHUBANESWAR : HANSPAL : PH : 9778224244, SAI MANDIR CHACK, TANKAPANI ROAD : PH : 9777939344, BARAMUNDA: PH : 9040026744, BAPUJI NAGAR : PH: 9040035444, SAHEEDNAGAR : PH : 8984074244, PATIA : PH : 9437020420, KHANDAGIRI : PH : 9438803734, CUTTACK : CHOUDWAR : PH : 9777089501, CDA : PH : 9437061055, CHAULIAGANJ : PH : 9777268111, BADAMBADI : PH : 9437579644, COLLEGE SQUARE : PH : 8093009035, JALESWAR : PH : 9163690709, ETERNAL ELECTRONICS BARIKPUR BAZAR, BHADRAK PH : 7008046628

T & C Apply. Indicated Offers are selected models & brands specific. Product visuals are for representational purpose only, offers valid till stock last & can not be clubbed. exchange offer at sole discretion of the company. All EMI`s offer are applicable at sole discretion of financing companies &tenure of EMI varies from company to company. All disputes are subject to the juridiction of courts at cuttack only

## ଉତ୍ତର ଚେନ୍ନାଇ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଅଘଟଣ

# ଆର୍ଚ ଖସିପଡ଼ିବାରୁ ୯ ମୃତ



**ଚେନ୍ନାଇ, ୩୦।୯/ଏଜେନ୍ସି:** ଉତ୍ତର ଚେନ୍ନାଇ ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ସ୍ଥାନରେ ଘଟିଥିବା ଏକ ଦୁଃଖଦ ଘଟଣାରେ ଅନ୍ୟୁନ ୯ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଅନୁସାରେ ଏହି ଅଞ୍ଚଳରେ ଏକ ନିର୍ମାଣାଧୀନ ଷ୍ଟିଲ୍ ତୋରଣ (ଆର୍ଚ) ଭୁଶୁଡ଼ି ପଡ଼ିବାରୁ ଏପ୍ରକାର ଅଘଟଣ ଘଟିଛି। ମୃତକଙ୍କ ବ୍ୟତୀତ ଅନେକ ଲୋକ ଆହତ ହୋଇଥିବା ଏବଂ କିଛି ଲୋକ ଭାଙ୍ଗିଯାଇଥିବା ଢାଞ୍ଚାର ଭଗ୍ନାବଶେଷ ତଳେ ଫସିରହିଥିବା ଜଣାପଡିଛି। ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଥିବା ବେଳେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ସେହିପରି ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ପ୍ରାୟ ୩୦ ଫୁଟ ଉଚ୍ଚରୁ ଆର୍ଚ ଖସି ଶ୍ରମିକମାନଙ୍କ ଉପରେ ପଡ଼ିଥିଲା। ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ। ତୁରନ୍ତ ଉଦ୍ଧାରକାରୀ ଦଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଚେନ୍ନାଇ ଷ୍ଟାନଲୀ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଚେନ୍ନାଇ ପୁଲିସ୍ କହିଛି ଯେ ପ୍ରାଥମିକ ରିପୋର୍ଟରୁ ସୂଚିତ ହୋଇଛି ଯେ ୯ ଜଣଙ୍କ ବ୍ୟତୀତ ୧୫ ଜଣ ଅନ୍ୟ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି, ଯେତେବେଳେ ୩୦ ଜଣ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ପୀଡିତମାନଙ୍କୁ ଚିକିତ୍ସା ପାଇଁ ଉତ୍ତର ଚେନ୍ନାଇର ଷ୍ଟାନଲି ସରକାରୀ ହସ୍ପିଟାଲକୁ ପଠାଯାଇଛି। ଆଭାଡି ପୁଲିସ୍ ଅଧିକାରୀଙ୍କ ଅନୁଯାୟୀ, ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ହସ୍ପିଟାଲର ଶବାଗାରରେ ସଂରକ୍ଷିତ ରଖାଯାଇଛି। ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସଠିକ୍ କାରଣ ଜାଣିବା ପାଇଁ ପୋଲିସ ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଅଧିକ ବିବରଣୀ ଅପେକ୍ଷା କରାଯାଉଛି। ତାମିଲନାଡୁ ବିଦ୍ୟୁତ୍ ବୋର୍ଡର ସଚିବ ତଥା ଏହି ଥର୍ମାଲ ପାୱାର ପ୍ଲାଣ୍ଟର ମାଲିକ ତଥା ତାମିଲନାଡୁ ଜେନେରେସନ୍ ଆଣ୍ଡ୍ ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନର ଅଧ୍ୟକ୍ଷ ଜେ. ରାଧାକୃଷ୍ଣନ୍ ଏହି ଘଟଣାରେ ଗଭୀର ଦୁଃଖବ୍ୟକ୍ତ କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ପ୍ଲାଣ୍ଟ ପକ୍ଷରୁ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏକ ଏକ୍ସ ପୋଷ୍ଟରେ ଏହି ଘଟଣାକୁ ନିଶ୍ଚିତ କରିବା ସହ ସମସ୍ତ ୯ ମୃତକ ପୂର୍ବ ରାଜ୍ୟ ଆସାମର ନାଗରିକ (ଶ୍ରମିକ) ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାରେ ଏକ୍ସ' ଜରିଆରେ ପୋଷ୍ଟ କରି ଦୁଃଖ ବ୍ୟକ୍ତ କରିଛନ୍ତି।

# ଆଜିଠୁ ସ୍ପିଡ୍ ପୋଷ୍ଟ ମହଙ୍ଗା

**ନୂଆଦିଲ୍ଲୀ,୩୦।୯/ଏଜେନ୍ସି:** ଡାକ ବିଭାଗ ପକ୍ଷରୁ ସ୍ପିଡ୍ ପୋଷ୍ଟ ପାଇଁ ନୂଆ ଶୁଳ୍କ ବ୍ୟବସ୍ଥା ଆଜି ଠାରୁ ଲାଗୁ ହୋଇଛି। ବିଭାଗ ପକ୍ଷରୁ ବର୍ଦ୍ଧିତ ଶୁଳ୍କ ସହ କେତେକ ନୂଆ ସୁବିଧା ମଧ୍ୟ ଘୋଷଣା କରାଯାଇଛି । ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇବା ଏବଂ ସ୍ପିଡ୍ ପୋଷ୍ଟରେ ନିର୍ଭରଯୋଗ୍ୟତା, ସୁରକ୍ଷା ଓ ସୁବିଧାକୁ ଆହୁରି ବୃଦ୍ଧି କରିବା ଲକ୍ଷ୍ୟରେ ବିଭାଗ ଏହି ପଦକ୍ଷେପ ନେଇଥିବା ଦର୍ଶାଇଛି। ଏଥିରେ କୁହାଯାଇଛି ଯେ ବଢୁଥିବା ପରିଚାଳନା ଖର୍ଚ୍ଚ ଓ ସେବାର ଆଧୁନିକୀକରଣକୁ ଧ୍ୟାନରେ ରଖି, ନୂଆ ଶୁଳ୍କ ଘୋଷଣା କରାଯାଇଛି। ପ୍ରାୟତଃ ୫୦ ଗ୍ରାମ ପର୍ଯ୍ୟନ୍ତ ଓଜନ ବା ଦୂରତା ପାଇଁ ସ୍ଥାନୀୟ ସ୍ପିଡ୍ ପୋଷ୍ଟର ଶୁଳ୍କ ୧୯ ଟଙ୍କା ହେବା ସହିତ, ଅଧିକ ୨୦୦ କି.ମି. ପାଇଁ ୪୭ ଟଙ୍କା ଶୁଳ୍କ ରଖାଯାଇଛି। ସେହିପରି ୫ ରୁ ୨୫୦ ଗ୍ରାମ ପର୍ଯ୍ୟନ୍ତ ୨୪ ରୁ ୭୭ ଟଙ୍କା ଓ ୨୫୧ ରୁ ୫୦୦ ଗ୍ରାମ ପର୍ଯ୍ୟନ୍ତ ୨୮ ରୁ ୯୩ ଟଙ୍କା ଶୁଳ୍କ ଦେବାକୁ ହେବ। ପ୍ରକାଶ, ଦୀର୍ଘ ୧୩ ବର୍ଷ ପରେ ଏହି ଶୁଳକ ବୃଦ୍ଧି ପାଇଛି। ଶେଷ ଥର ପାଇଁ ଅକ୍ଟୋବର ୨୦୧୨ରେ ସ୍ପିଡପୋଷ୍ଟ ଶୁଳ୍କ ବୃଦ୍ଧି କରାଯାଇଥିଲା। ସେହିପରି ନୂଆ ସୁବିଧା ମଧ୍ୟରେ ରହିଛି ଓଟିପି ଆଧାରିତ ସୁରକ୍ଷିତ ବିତରଣ, ଅନଲାଇନ୍ ପେମେଣ୍ଟ, ଏସଏମଏସ୍ ଆଧାରିତ ବିଜ୍ଞପ୍ତି, ସୁବିଧାଜନକ ଅନଲାଇନ୍ ବୁକିଂ, ପ୍ରକୃତ-ସମୟ ଅପଡେଟ୍ ଏବଂ ପଞ୍ଜୀକରଣ ସୁବିଧା ଇତ୍ୟାଦି।

# ଡଲାର୍ ତୁଳନାରେ ଐତିହାସିକ ସର୍ବନିମ୍ନ ସ୍ତରରେ ଟଙ୍କା

**ମୁମ୍ବାଇ, ୩୦।୯/ଏଜେନ୍ସି:** ବିଦେଶୀ ପୁଞ୍ଜି ପ୍ରବାହ ଜାରି ରଖିବା ଏବଂ ବିଶ୍ୱ ବାଣିଜ୍ୟ ଉତ୍ତେଜନାକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ମଙ୍ଗଳବାର ଭାରତୀୟ ମୁଦ୍ରା 'ଟଙ୍କା' ଆମେରିକୀୟ ଡଲାର ତୁଳନାରେ ପୁଣିଥରେ ହ୍ରାସ ପାଇଛି। ଏହି ହ୍ରାସ ସହ ଏବେ ଟଙ୍କା ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ସୁଦ୍ଧା ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ୮୮.୭୯କୁ ଖସିଆସିଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ୮୮.୬୯ ଏବଂ ୮୮.୮୦ ମଧ୍ୟରେ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ କାରବାର କରିବା ପରେ ଟଙ୍କା ୮୮.୭୩ରେ ଖୋଲିଥିଲା ଏବଂ ୮୮.୭୯ରେ ବନ୍ଦ ହୋଇଥିଲା। ଏହା ପୂର୍ବ ବନ୍ଦ ତୁଳନାରେ ୪ ପଇସା ହ୍ରାସକୁ ଦର୍ଶାଉଛି। ସୋମବାର 'ଟଙ୍କା' ଡଲାର ପିଛା ୩ ପଇସା ହ୍ରାସ ପାଇ ୮୮.୭୫ରେ ବନ୍ଦ ହୋଇଥିଲା। ଫିନରେକ୍ସ ଟ୍ରେଜେରୀ ଆଡଭାଇଜର୍ସ ଏଲ୍ଏଲ୍ପିର ଟ୍ରେଜେରୀ ମୁଖ୍ୟ ଅନିଲ କୁମାର ଭନ୍ସାଲୀ କହିଛନ୍ତି ଯେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍ପିଆଇ) ଭାରତୀୟ ସମ୍ପତ୍ତି ବିକ୍ରି ଏବଂ ଡଲାର କିଣିବା ଜାରି ରଖିଛନ୍ତି, ଯାହା ଟଙ୍କା ଉପରେ ଅନେକାଂଶରେ ଚାପ ସୃଷ୍ଟି କରୁଛି।



## ମୁମ୍ବାଇ ଆକ୍ରମଣର ୧୮ ବର୍ଷ ପରେ ଚିଦାମ୍ବରମ୍‌ଙ୍କ ବଡ଼ ସ୍ୱୀକାରୋକ୍ତି

# ପ୍ରତିଶୋଧ ନେବାକୁ ଚାହିଁଥିଲି, କିନ୍ତୁ ଅନ୍ତର୍ଜାତୀୟ ଚାପ ଥିଲା



**ନୂଆଦିଲ୍ଲୀ, ୩୦।୯/ଏଜେନ୍ସି:** ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ର ଗୃହମନ୍ତ୍ରୀ ପି. ଚିଦାମ୍ବରମ୍ କିଛି କଥାକୁ ସର୍ବସାଧାରଣରେ କହିଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରିପୋର୍ଟ ଅନୁସାରେ ଚିଦାମ୍ବରମ୍ କହିଛନ୍ତି ଯେ ସେ ଯେତେବେଳେ ମନମୋହନ ସିଂହଙ୍କ ସରକାରରେ ଗୃହମନ୍ତ୍ରୀ ଭାବେ ଅବସ୍ଥାପିତ ଥିଲେ ସେତେବେଳେ ସେ ମଧ୍ୟ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧ ନେବା ସମ୍ପର୍କରେ ଚିନ୍ତା କରିଥିଲେ। ସେ ନିଜ ଚିନ୍ତାଧାରା ସମ୍ପର୍କରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ୍‌ଙ୍କୁ ମଧ୍ୟ ଜଣାଇଥିଲେ, କିନ୍ତୁ ତତ୍କାଳୀନ କଂଗ୍ରେସ ସରକାର ଆତଙ୍କବାଦୀଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଥିଲେ। କାରଣ କଂଗ୍ରେସ ସରକାର ଉପରେ ଆମେରିକା ପକ୍ଷରୁ ମାତ୍ରାଧିକ ଚାପ ରହିଥିଲା।

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ୧୭ ବର୍ଷ ବିତିଯାଇଥିବା ବେଳେ ଚିଦାମ୍ବରମ୍ ଏପରି କିଛି ଗୁପ୍ତ ବିଷୟ ଉପରୁ ପରଦା ହଟାଇଛନ୍ତି। ପୂର୍ବତନ କେନ୍ଦ୍ର ଗୃହମନ୍ତ୍ରୀ ମଙ୍ଗଳବାର ଏକ ନ୍ୟୁଜ୍ ଚ୍ୟାନେଲ ସହ ଏକ ସାକ୍ଷାତକାରରେ କହିଛନ୍ତି ଯେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନ ନେବାର ନିଷ୍ପତ୍ତି ଅନ୍ତର୍ଜାତୀୟ ଚାପ ଏବଂ ବୈଦେଶିକ ମନ୍ତ୍ରଣାଳୟର ଆଭିମୁଖ୍ୟ ଯୋଗୁଁ ହୋଇଥିଲା। ତେବେ ଚିଦାମ୍ବରମ୍‌ଙ୍କ ଏପ୍ରକାର ସ୍ୱୀକାରୋକ୍ତିକୁ ନେଇ ବିଜେପି ତାଚ୍ଛଲ୍ୟ କରିଛି। ଅନ୍ତର୍ଜାତୀୟ ଚାପ ଆଗରେ ତତ୍କାଳୀନ କଂଗ୍ରେସ ସରକାର ମୁଣ୍ଡ ନୁଆଁଇଥିଲା ଏବଂ ଏତେ ବଡ଼ ଆତଙ୍କବାଦୀ ଘଟଣାକୁ ଠିକ୍ ଭାବେ ପରିଚାଳନା କରିନଥିଲା ବୋଲି ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଅଭିଯୋଗ କରିଛନ୍ତି। ଯୋଶୀଙ୍କ କହିବାନୁସାରେ ଏହାକୁ ସ୍ୱୀକାର କରିବା ପାଇଁ ଦୀର୍ଘ ୧୮ ବର୍ଷ ଲାଗିଗଲା। ଯଦି ସେତେବେଳେ କଂଗ୍ରେସ ଆତଙ୍କବାଦ ଓ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ତେବେ ଆଜି ଭାରତରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଭଳି ଘଟଣା ଘଟିନଥାନ୍ତା।

ପ୍ରକାଶ, ୨୦୦୮, ନଭେମ୍ବର ୨୬ରେ ଘଟିଥିବା ମୁମ୍ବାଇ ଆକ୍ରମଣରେ ୧୭୫ଜଣ ପ୍ରାଣ ହରାଇଥିଲେ। ୬୦ ଘଣ୍ଟା ଧରି, ୧୦ ଆତଙ୍କବାଦୀ ମୁମ୍ବାଇର ରାସ୍ତା, ତାଜ୍ ହୋଟେଲ, ସିଏସ୍‌ଟି ରେଳ ଷ୍ଟେସନ, ନରିମାନ ହାଉସ୍ ଏବଂ କାମା ହସ୍ପିଟାଲକୁ ଟାର୍ଗେଟ୍ କରି ନିର୍ବିରୋଧୀ ଗୁଳିଚାଳନା କରିଥିଲେ। ଅବଶ୍ୟ ସୁରକ୍ଷା କର୍ମୀଙ୍କ ସାହସିକ ଅପରେସନ୍ ଯୋଗୁ କେବଳ ଅଜମଲ୍ କସବ୍ ନାମକ ଜଣେ ଆତଙ୍କବାଦୀକୁ ବାଦ୍ ଦେଲେ ଅନ୍ୟ ସମସ୍ତ ୯ ଆତଙ୍କୀଙ୍କୁ ସେନା ଯବାନ୍ ନିପାତ କରିବାରେ ସଫଳ ହୋଇଥିଲେ। କସବ୍‌କୁ ଜୀବନ୍ତ ଗିରଫ କରାଯାଇଥିଲା। ୨୦୧୨ ନଭେମ୍ବର ୨୧ ସକାଳେ କସାବକୁ ପୁଣେର ୟେରୱାଡା ଜେଲରେ ଫାଶୀ ଦିଆଯାଇଥିଲା।

## ବିହାର ବିଧାନସଭା ନିର୍ବାଚନ

# ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର୍ ତାଲିକା



**ପାଟନା, ୩୦।୯/ଏଜେନ୍ସି:** ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପରେ ନିର୍ବାଚନ କମିଶନ ମଙ୍ଗଳବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ସଂଶୋଧିତ ତାଲିକା ପୋଲ୍ ପ୍ୟାନେଲର ସରକାରୀ ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି। ବିହାରରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ ଏହି ଭୋଟର ତାଲିକା ଆଧାରରେ ହିଁ କରାଯିବ। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) କହିଛନ୍ତି ଯେ ତାଲିକାର ଭୌତିକ କପି ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ବଣ୍ଟନ କରାଯିବ ଯେଉଁମାନେ ଜିଲ୍ଲା ମାଜିଷ୍ଟ୍ରେଟ ଭାବରେ କାର୍ଯ୍ୟ କରନ୍ତି। ଏହା ବ୍ୟତୀତ, ଚୂଡ଼ାନ୍ତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ ଏବଂ ରାଜ୍ୟ ରାଜନୈତିକ ଦଳ ସହିତ ସେୟାର କରାଯିବ। ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାର ବର୍ତ୍ତମାନର କାର୍ଯ୍ୟକାଳ ନଭେମ୍ବର ୨୨ ରେ ସମାପ୍ତ ହେଉଛି। ଏହା ପୂର୍ବରୁ ବିଧାନସଭା ନିର୍ବାଚନ ଏବଂ ଫଳାଫଳ ଘୋଷଣା କରାଯିବା ନେଇ ଆଶା କରାଯାଉଛି।

ବିହାର ଏସ୍ଆଇଆର୍ ପ୍ରକ୍ରିୟା ଅନ୍ତର୍ଗତ ଷ୍ଟେଟ୍ ଇଣ୍ଟେନ୍ସିଭ୍ ରିଭିଜନ ପରେ, ୪୭ ଲକ୍ଷରୁ ଅଧିକ ଅଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ୨୪ ଜୁନ୍ ସୁଦ୍ଧା, ଭୋଟର ତାଲିକାରେ ୭.୮୯ କୋଟି ଭୋଟର ଥିଲେ। ସଂଶୋଧନ ପରେ, ୬୫ ଲକ୍ଷ ଅଯୋଗ୍ୟ ଭୋଟରଙ୍କୁ ହଟାଇ ଦିଆଯାଇଛି, ଯାହା ୧ ଅଗଷ୍ଟରେ ପ୍ରକାଶିତ ଡ୍ରାଫ୍ଟ ତାଲିକାରେ ମୋଟ ୭.୨୪ କୋଟିକୁ ହ୍ରାସ କରିଛି। ପରବର୍ତ୍ତୀ ସମୟରେ, ଅତିରିକ୍ତ ୩.୬୬ ଲକ୍ଷ ଅଯୋଗ୍ୟ ଭୋଟରଙ୍କୁ ହଟାଇ ଦିଆଯାଇଛି, ଯେତେବେଳେ ୨୧.୫୩ ଲକ୍ଷ ଯୋଗ୍ୟ ଭୋଟର ଯୋଡାଯାଇଛି। ଏହା ଚୂଡ଼ାନ୍ତ ତାଲିକାରେ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ୭.୪୨ କୋଟିକୁ ବୃଦ୍ଧି କରିଛି। ଅନ୍ୟପକ୍ଷେ ପାଟନା ପ୍ରଶାସନ ୧୪ଟି ଆସନରେ ସଂଶୋଧିତ ତାଲିକା ବାଣ୍ଟିଛି। ସଂଶୋଧିତ ତାଲିକା ଅନୁଯାୟୀ, ପାଟନାର ୧୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୪୮,୧୫,୨୯୪ ରହିଛି। ଏହା ଅଗଷ୍ଟ ୧ ତାରିଖରେ ପ୍ରକାଶିତ ଡ୍ରାଫ୍ଟ ତାଲିକାରେ ଅନ୍ତର୍ଭୁକ୍ତ ମୋଟ ଭୋଟରଙ୍କ ସଂଖ୍ୟା ଅପେକ୍ଷା ୧,୬୩,୬୦୦ ଅଧିକ, ଜିଲ୍ଲା ପ୍ରଶାସନ କହିଛି।

ବିହାର ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ବିଜେପିକୁ ସପକ୍ଷରେ ରଖିବା ପାଇଁ ନିର୍ବାଚନ କମିଶନଙ୍କ ଉପରେ ଭୋଟର ତାଲିକାରେ ହେରଫେର କରୁଥିବା ଅଭିଯୋଗ କରିଥିଲେ। ଏପରିକି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ଦାଖଲ କରାଯାଇଥିଲା। ତଥାପି, ସର୍ବୋଚ୍ଚ ନ୍ୟାୟାଳୟ ଅନୁରୋଧ ପାଳନ କରିନଥିଲେ କିନ୍ତୁ ସ୍ପଷ୍ଟ କରିଥିଲେ ଯେ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବା ପରେ ମଧ୍ୟ ଯଦି କୌଣସି ଭୁଲ୍ କାର୍ଯ୍ୟ ଦେଖାଯାଏ ତେବେ ପ୍ରକ୍ରିୟାକୁ ବାତିଲ କରାଯାଇପାରିବ। ଅଦାଲତ ଜୋର ଦେଇ କହିଛନ୍ତି ଯେ ତାଲିକା ପ୍ରକାଶ କରିବା ଦ୍ୱାରା ଏହାକୁ ଆଇନଗତ ଚ୍ୟାଲେଞ୍ଜରୁ ରକ୍ଷା କରାଯାଇପାରିବ ନାହିଁ। ଏସ୍ଆଇଆର୍ ପ୍ରକ୍ରିୟା ଉପରେ ଚୂଡ଼ାନ୍ତ ଶୁଣାଣି ଅକ୍ଟୋବର ୭ ରେ ହେବ।




# କ୍ୱେଟାରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ

# ୧୩ ମୃତ, ୩୨ ଆହତ



**କ୍ୱେଟା/ ଇସଲାମାବାଦ୍, ୩୦।୯/ଏଜେନ୍ସି:** ବେଲୁଚିସ୍ତାନ ପ୍ରଦେଶର କ୍ୱେଟା ଠାରେ ଥିବା ଏକ ସେନା ଘାଟି ନିକଟରେ ବିସ୍ଫୋରଣ ହୋଇଛି। ପୂର୍ବ କ୍ୱେଟାରେ ଥିବା ପାକିସ୍ତାନ ସେନାର ଫ୍ରଣ୍ଟିୟର କର୍ପସ୍ କାର୍ଯ୍ୟାଳୟ ନିକଟରେ ଏକ ଭୟଙ୍କର ବିସ୍ଫୋରଣ ହୋଇଛି। କେବଳ ସେତିକି ନୁହେଁ ଏହାପରେ କିଛି ସମୟ ପାଇଁ ଗୁଳି ଚାଳନା ମଧ୍ୟ ହୋଇଥିବା ସୂଚନା ମିଳିଛି। ତେବେ ଏଥିରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳ ୩୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳ ଭାବରେ ବିବେଚିତ ମଡେଲ୍ ଟାଉନ୍ ଏବଂ ଆଖାପାଖ ଅଞ୍ଚଳରେ ଏପ୍ରକାର ଭୟଙ୍କର ଘଟଣା ଘଟିଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବିସ୍ଫୋରଣ ବେଳର ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଥିବା ବେଳେ ଏବେ ଏହା ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମଘାତୀ ବିସ୍ଫୋରଣ ଥିବା ଜଣାପଡିଛି। ଏକ ବ୍ୟସ୍ତବହୁଳ ରାସ୍ତାରେ ଏହି ଆତ୍ମଘାତୀ ବିସ୍ଫୋରଣ ଘଟିଥିବା ପାକିସ୍ତାନୀ ଖବରକାଗଜ ଡନ୍ ରିପୋର୍ଟ କରିଛି। ମୃତକଙ୍କ ମଧ୍ୟରେ ୪ ଆତଙ୍କବାଦୀ ଥିବା ଏହା ଦର୍ଶାଇଛି। କ୍ୱେଟ୍ଟ । ଏସ୍ଏସ୍‌ପି ମହମ୍ମଦ ବାଲୋଚ୍‌ଙ୍କ ଅନୁଯାୟୀ, ଅର୍ଦ୍ଧସାମରିକ ବାହିନୀ ମୁଖ୍ୟାଳୟ ନିକଟରେ ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ନିକଟବର୍ତ୍ତୀ ଘରର ଝରକା କାନ୍ଥ ଆଦି ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷେ ପାକିସ୍ତାନୀ ରାଷ୍ଟ୍ରପତି ଆସିଫ୍ ଅଲି ଜର୍ଦ୍ଦାରୀ କହିଛନ୍ତି ଯେ ଭାରତ ସମର୍ଥିତ ତେହେରିକ୍-ଏ-ତାଲିବାନ୍ ପାକିସ୍ତାନ (ଟିଟିପି) (ପାକିସ୍ତାନୀ ବିଦ୍ରୋହୀ ସଂଗଠନ)ର ଆତଙ୍କବାଦୀମାନେ ଏହି ଆକ୍ରମଣ ପଛରେ ଅଛନ୍ତି। ଭାରତ ଏପର୍ଯ୍ୟନ୍ତ ଏହି ଅଭିଯୋଗର ଜବାବ ଦେଇନାହିଁ। ବିସ୍ଫୋରଣ ପରେ କ୍ୱେଟାର ସମସ୍ତ ପ୍ରମୁଖ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିବା ବଲୁଚିସ୍ତାନ ସ୍ୱାସ୍ଥ୍ୟମନ୍ତ୍ରୀ ବଖତ ମହମ୍ମଦ କାକର ସୂଚନା ଦେଇଛନ୍ତି। କାକରଙ୍କ କହିବାନୁସାରେ କ୍ୱେଟା ସିଭିଲ୍ ହସ୍ପିଟାଲ, ବଲୁଚିସ୍ତାନ ମେଡିକାଲ୍ କଲେଜ ଓ ହସ୍ପିଟାଲ ଏବଂ ଟ୍ରମା ସେଣ୍ଟରକୁ ପ୍ରସ୍ତୁତ ରହିବାକୁ ଏବଂ ସମସ୍ତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଏବଂ ପାରାମେଡିକାଲ୍ କର୍ମଚାରୀଙ୍କୁ ହସ୍ପିଟାଲରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର ସରଫରାଜ ବୁଗ୍‌ତି ଏହି ଘଟଣାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ସୂଚନାଯୋଗ୍ୟ, ୨୦୦୭ରେ ବୈତୁଲ୍ଲା ମେହସୁଦ୍ ପାକିସ୍ତାନୀ ସେନା ବିରୋଧୀ ପ୍ରାୟ ୧୩ଟି ବିଦ୍ରୋହୀ ଗୋଷ୍ଠୀକୁ ଏକତ୍ର କରି ତେହରିକ୍-ଏ-ତାଲିବାନ୍ ପାକିସ୍ତାନ (ଟିଟିପି) ଗଠନ କରିଥିଲେ। ଆମେରିକା ଆଫଗାନିସ୍ତାନ ଉପରେ ୨୦୦୧ରେ ଆକ୍ରମଣ କରିବା ପରେ ପାକିସ୍ତାନ ଆମେରକାକୁ ସମର୍ଥନ କରିବା ଟିଟିପିକୁ ପାକ୍ ସରକାର ବିରୋଧୀ ସଜାଇଦେଇଛି। ଏସବୁ ମଧ୍ୟରେ ପାକିସ୍ତାନରେ ଟିଟିପି ଆକ୍ରମଣ ୯୦% ବୃଦ୍ଧି ପାଇଛି।










# ସ୍କୁଲ୍ ଛାତ ଭୁଶୁଡ଼ି ଚାପି ହୋଇଛନ୍ତି ୬୫ ଛାତ୍ରଛାତ୍ରୀ

**ଇଣ୍ଡୋନେସିଆ, ୩୦।୯/ଏଜେନ୍ସି:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଏକ ଇସଲାମିକ୍ ସ୍କୁଲ କୋଠା ଭୁଶୁଡି ପଡିବାରୁ ପ୍ରାୟ ୬୫ ପିଲା ଚାପି ହୋଇଯିବା ଭଳି ଅଘଟଣ ସମ୍ପର୍କରେ ସୂଚନା ମିଳିଛି। ସୂଚନା ମିଳିବା ମାତ୍ରେ ଦେଶର ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରିରଖିଛନ୍ତି। ତେବେ ରିପୋର୍ଟ ଲେଖାହେବା ବେଳକୁ ଜଣେ ଛାତ୍ରର ମୃତଦେହ ଉଦ୍ଧାର କରାଯାଇଥିବା କୁହାଯାଇଛି। ରିପୋର୍ଟ ଅନୁସାରେ ପୂର୍ବ ଜାଭା ସହର ସିଡୋଆର୍ଜୋରେ ଥିବା ଅଲ୍ ଖୋଜିନି ଇସଲାମିକ୍ ବୋର୍ଡିଂ ସ୍କୁଲର ଏକ ନିର୍ମାଣାଧୀନ କୋଠାର ଛାତ ହଠାତ୍ ଭୁଶୁଡି ପଡିଛି। ଦୁର୍ଘଟଣାର ଶିକାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ୭ମରୁ ୧୧ଶ ଶ୍ରେଣୀରେ ପଢୁଥିବା ପିଲା ଯେଉଁମାନଙ୍କ ବୟସ ୧୨ ରୁ ୧୭ ବର୍ଷ ବୟସ ମଧ୍ୟରେ ବୋଲି କୁହାଯାଇଛି।






# ଶ୍ରୀକ୍ଷେତ୍ରରେ ଗୋସାଣୀ ଯାତ୍ରା

**ପୁରୀ,୩୦।୯/ଏନ୍‌ଏନ୍‌ଏସ୍:** ଦଶହରା ସମୟରେ ଦୁର୍ଗାପୂଜାକୁ ପୁରୀରେ ଗୋଷାଣି ଯାତ୍ରା ଭାବେ ପାଳନ କରାଯାଏ। ପୁରୀରେ ଥିବା ଅନେକ ସ୍ଥାନରେ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତିପୂଜା ପାଆନ୍ତି। ମହିଷାସୁରର ପତନ ପରେ ଦୁର୍ଗାଙ୍କ ସହଚରୀ ଯୋଗିନୀମାନେ ବିଭିନ୍ନ ପୀଠରେ ଅବସ୍ଥାନ କଲେ। ଏହିମାନଙ୍କ ରୂପକୁ ଗୋସାଣୀ କୁହାଯାଏ। ଗୋସାଣୀ ମାନଙ୍କ ମୃଣ୍ମୟୀ ମୂର୍ତ୍ତି ଦୁର୍ଗା ମୂର୍ତ୍ତିଙ୍କ ଠାରୁ ଭିନ୍ନ। ସପ୍ତମୀ ଠାରୁ ମହାନବମୀ ପର୍ଯ୍ୟନ୍ତ ମାଆ ଦୁର୍ଗାଙ୍କର ପୂଜା ହେଉଥିବା ବେଳେ ଏହି ଯୋଗିନୀମାନଙ୍କର ପୂଜା ଏକାଦଶୀ ପର୍ଯ୍ୟନ୍ତ ହୁଏ। ଶ୍ରୀକ୍ଷେତ୍ରରେ ଗୋସାଣୀ ମାନଙ୍କ ଭିନ୍ନ ଭିନ୍ନ ଯଥା କାକୁଡ଼ିଖାଇ, ବାରହାଟି, ଜହ୍ନିଖାଇ, ଶୂନ୍ୟଗୋସାଣୀ, କଣ୍ଟାକାଢ଼ି, ପଣାପ୍ରିୟା, ଭୋଗଜାଗା, ଚକ୍ରକୋଟି ଇତ୍ୟାଦି। ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଉପାସନା ସହ ଦେବୀ ବିମଳାଙ୍କ ଉପସନା ସର୍ବଜନବିଦିତ। ଶାରଦୀୟ ପୂଜା ସମୟରେ ଦେବୀ ବିମଳାଙ୍କ ପ୍ରତିନିଧି ରୂପେ ଗଢ଼ାହୋଇ ପୂଜା ହୁଅନ୍ତି କାକୁଡ଼ିଖାଇ ଠାକୁରାଣୀ। କାକୁଡ଼ିଖାଇ ଠାକୁରାଣୀ ମନ୍ଦିର ଶ୍ରୀମନ୍ଦିରର ଦକ୍ଷିଣ ପୂର୍ବ କୋଣ ମେଘନାଦ ପାଚେରୀର ସମ୍ମୁଖ ଭାଗରେ ଥିବା ବଣିଆପଟି ନିକଟରେ। ଏମାର ମଠ କାନ୍ଥକୁ ଲାଗି



ଗୋଟିଏ ଦୁର୍ଗା ମନ୍ଦିର ରହିଛି ଓ ସେ ମନ୍ଦିରର ଦେବୀ କାକୁଡ଼ିଖାଇ ନାମରେ ପରିଚିତ। ଅନେକ ତାଙ୍କୁ ବିମଳେଇ ମଧ କୁହନ୍ତି। ସେ ଶ୍ରୀମନ୍ଦିରରେ ବିରାଜିତା ମା ବିମଳା ଙ୍କ ପ୍ରତିନିଧି ରୂପେ ମଧ ଗୃହୀତ। ଶାରଦୀୟ ଦୁର୍ଗାପୂଜା ସମୟରେ ଏଠାରେ ହେଉଥିବା ମୃଣ୍ମୟ ବିଗ୍ରହ ଅତି ସୁନ୍ଦର। ଦେବୀ ଦୁର୍ଗା ମହିଷାସୁର ସଂହାର କରୁଥିବା କାକୁଡିଖାଇ ମେଢ଼ରେ ରୂପାୟତ, ମହିଷାସୁର ପଶୁ ଓ ଅସୁରର ସମିଶ୍ରଣ ଏବଂ ଏହାର ପରିସ୍ଫୁଟନ ପାଇଁ ଦେବୀ କାଟି ଦେଇଥିବା ମହିଷାସୁର ମୁଣ୍ଡଟି ତଳେ ପଡିଥାଏ ଓ ଗଣ୍ଡି ମଧରୁ ଢାଲ, ତରବାରୀ ଧରିଥିବା ଦୈତ୍ୟ ପ୍ରକାଶ ପାଇଥାଏ। ଦେବୀ ଷୋଡଶ ଉପଚାରରେ ପୂଜିତା ହୋଇଥାନ୍ତି। ପୁରୀର ଅନ୍ୟ ଗୋସାଣୀ ଏକାଦଶୀ ରେ ବିସର୍ଜନ ହେଉଥିବା ବେଳେ କାକୁଡ଼ିଖାଇ ଦଶମୀ ତିଥି ରାତିରେ ମୂଷା ନଈରେ ବିସର୍ଜନ ହୋଇଥାନ୍ତି। ପୂର୍ବେ ବିସର୍ଜନ ପୂର୍ବରୁ କାକୁଡିଖାଇ ବାରବାଟୀ ଗୋସାଣୀଙ୍କ ନିକଟକୁ ଯିବା ପରମ୍ପରା ଥିଲା। ଦେବୀଙ୍କୁ କାକୁଡ଼ିଖାଇ ନାମରେ ଅଭିହିତ କରିବାର କାରଣ ଯେ ଏକଦା ଭୋଗରେ ଅର୍ପିତ ହେଉଥିବା ଏକ କାକୁଡ଼ି ସେ ଖାଇଦେଇଥିଲେ ଓ କାକୁଡ଼ିର ଅବଶିଷ୍ଟାଂଶ ତାଙ୍କ ଓଠରେ ଲାଗିଥିବା ଦେଖାଯାଇଥିଲା।

# କଣ୍ଟିଲୋରେ ୧୫ ପୂଜାମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା

**କଣ୍ଟିଲୋ,୩୦।୯/ଏନ୍‌ଏନ୍‌ଏସ୍:** ପାର୍ବଣ ଋତୁରେ ଚଳଚଞ୍ଚଳ ହୋଇପଡିଛି ନୀଳମାଧବ କ୍ଷେତ୍ର କଣ୍ଟିଲୋ। ବିଭିନ୍ନ ସାହି ରେ ୧୫ଟି ପୂଜା ମଣ୍ଡପମାନଙ୍କରେ ମା' ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ପୂଜା ଉତ୍ସବ ଧୂମଧାମରେ ପାଳିତ ହେଉଛି। ଆକର୍ଷଣୀୟ ସାଜସଜ୍ଜା ସହ ଆଲୋକମାଳାରେ ପୂଜାମଣ୍ଡପ ଗୁଡିକ ଝଲସୁଥିବା ବେଳେ ମା' ଦୁର୍ଗାଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଏହି ଅବସରରେ କଣ୍ଟିଲୋ ପାଣ୍ଡୁସାହୁ ପାଟଣା ଗ୍ରାମରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ପ୍ରବଚନ ଓ ଧାର୍ମିକ ସଭା ଅନୁଷ୍ଠିତ ହେଉଛି। ସେହିପରି କଣ୍ଟିଲୋ ତଳ ବଜାର ସମେତ ୧୫ଟି ପୂଜା ମଣ୍ଡପ ଏବଂ ନିକଟସ୍ଥ ବଡ଼ବାଣପୁର ଗ୍ରାମ ରାମଚଣ୍ଡୀ ସାହି ଓ ୩ଟି ପୂଜା ମଣ୍ଡପରେ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିପାଇଁ କଣ୍ଟିଲୋ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି।



# ସତ୍ୟବାଦୀ ଦେବୀପୀଠରେ ଶାରଦୀୟ ଦୁର୍ଗା ପୂଜା



**ସାକ୍ଷୀଗୋପାଳ,୩୦।୯/ଏନ୍‌ଏନ୍‌ଏସ୍:** ଶାରଦୀୟ ପୂଜା ଉତ୍ସବ ଅବସରରେ ଲଗ୍ନ ନିର୍ଘଣ୍ଟ ଅନୁସାରେ ନିକଟସ୍ଥ ପୀଠ ଗୁଡିକରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ସୁସଜ୍ଜିତ ମେଢ଼ ଓ ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ବରଣ ପରେ ସପ୍ତମୀ ପୂଜା ମା'ଙ୍କୁ କରାଯାଇଥିଲା। ଆଜି ଅଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ଅଷ୍ଟମୀ ଭୋଗ କରିବା ପାଇଁ ଲୋକଙ୍କ ଗହଳି ଲାଗିଥିବା ଦେଖାଯାଇଛି। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସର ଓ ରେଳ ଷ୍ଟେସନ ପଡିଆରେ ପଣ୍ଡିତ ମାନଙ୍କ ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କ ପାଖରେ ଦୁର୍ଗା ପୁରାଣ, ଦୁର୍ଗା ସ୍ତୁତି କରାଯାଇଛି। ଏଥିଯୋଗୁ ମଣ୍ଡପ ଗୁଡ଼ିକ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ସେହିପରି ବିଭିନ୍ନ ଗ୍ରାମରେ ପୂଜିତ ପୀଠ ଗୁଡିକରେ ଷୋଡ଼ଶ ଉପଚାର ରେ ପୂଜାନୀତି କରାଯାଇଛି। ମା'ଙ୍କୁ ବିଭିନ୍ନ ବେଶ ଓ ଶଙ୍କୁଡ଼ି ଭୋଗ କରାଯାଇଥିବା ଜଣାଯାଇଛି। ସ୍ଥାନୀୟ ଚଉଦଗୁଣ୍ଠ ଗ୍ରାମ ଓ ଡାହାଣ ଗ୍ରାମର ବାସୁଦେବ ଯୁବକ ସଂଘ ପକ୍ଷରୁ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଛି।

# ଦୁର୍ଗା ପୂଜା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ବାଲିପାଟଣା,୩୦।୯/ଏନ୍‌ଏନ୍‌ଏସ୍:** କୁଶଭଦ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗତ ୫୦ ବର୍ଷ ଧରି ମା' ଦୁର୍ଗାଙ୍କ ପୂଜା ମହାସମାରୋହରେ ଆୟୋଜିତ ହୋଇଆସୁଛି। ଚଳିତବର୍ଷ ପୂଜା ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବିଶାଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉପସଭାପତି ଗୁରୁକିଙ୍କର ଜେଠି ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ମୁଖ୍ୟ ବକ୍ତା, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନ୍ ସସ୍ମିତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଭାଗିରଥି ପାତ୍ର, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ଉପଦେଷ୍ଟା ଲକ୍ଷ୍ମଣ ମଣ୍ଡଳ, ସଭାପତି ଚନ୍ଦ୍ରମଣି ପାତ୍ର, ସମାଜସେବୀ ସତ୍ୟପ୍ରିୟ ବେହେରା ଓ ରମେଶ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ରଘୁନାଥ ଲେଙ୍କା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ପରେ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ପୁଣ୍ୟରୂପା ପାତ୍ର ମନୋଜ୍ଞ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶିତ ସ୍ମରଣିକା ମା' ଦୁର୍ଗା ଉନ୍ମୋଚିତ ହୋଇଥିଲା। ସହ ସମ୍ପାଦକ ପ୍ରତାପ କୁମାର ସାହୁ, ଅଧ୍ୟାପକ ମୁରଲୀଧର ସାହୁ, କବି ଭଗବାନ ସାହୁ, ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା, ପ୍ରତିମା ଜେନାଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। କବି ଆଶୁତୋଷ ଦାସ ଓ ଗୀତାଶ୍ରୀ ପ୍ରିୟମ୍ବଦା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଶେଷରେ ବୀଣାପାଣି ବିଦ୍ୟାମନ୍ଦିର ର ଶିଶୁ କଳାକାରମାନେ ମହିଷ ମର୍ଦ୍ଦିନୀ ନୃତ୍ୟ ପରିବେଷଣ କରିବା ପରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ



**ଓଡ଼ଗାଁ,୩୦।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଆଙ୍ଗିଶିଙ୍ଗି ପଞ୍ଚାୟତ ଅଧିନ ଧୁସୁମା ଗ୍ରାମରେ ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ତିଥି ମଙ୍ଗଳବାର ଠାରୁ ସପ୍ତଦିବସ ବ୍ୟାପି ଆରମ୍ଭ ହୋଇଥିବା ଶ୍ରୀମଦ୍ ଭାଗବତ ସପ୍ତାହ ସୋମବାର ଉଦଯାପିତ ହୋଇଯାଇଛି। ପ୍ରାରମ୍ଭରେ କଳସ ଶୋଭାଯାତ୍ରା ସହିତ ପ୍ରତ୍ୟହ ସୂର୍ଯ୍ୟପୂଜା, ମଙ୍ଗଳଆଳତି ଓ କୀର୍ତ୍ତନ ସହିତ ପ୍ରତି ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଓ ପ୍ରସାଦସେବନର ଆୟୋଜନ ହୋଇଥିଲା। ପ୍ରବଚନ ଶୁଣିବାକୁ ଆଖପାଖ ଅଂଚଳର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଗ୍ରାମରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ପ୍ରବକ୍ତା ଭାବେ ନିର୍ବାଣ ଭଗବାନ ଦାସ (ଉଦାସୀନ) ଏବଂ ବିଲକ୍ଷଣ ପ୍ରବକ୍ତା ଚାରଣ ବୈକୁଣ୍ଠନାଥ ଯୋଗ ଦେଇଥିବା ବେଳେ ପାଣିଭଣ୍ଡାର ସନାତନ ଶାନ୍ତି ଆଶ୍ରମ ମହନ୍ତ ଶ୍ରୀସନାତନ ଦାସ ବ୍ୟାସ ଦାୟିତ୍ୱ ନିର୍ବାହ କରିଥିଲେ। ମଞ୍ଚ ପରିଚାଳକ ଭାବେ ସାତ୍ୟବାଦୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିବା ବେଳେ ବରିଷ୍ଠ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ, ତୋଫାନୀ ତ୍ରିପାଠୀ ଓ ରବୀନ୍ଦ୍ର ଦାସ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ଭିକାରି ଚରଣ ସ୍ୱାଇଁ, ଅଶୋକ କୁମାର ବରାଡ, ଗୋଲକ ବିଶୋଇ, ବନମାଳୀ ବିଶୋଇ, ଆମର ବିଶୋଇଙ୍କ ସମେତ ସମସ୍ତ ଧୁସୁମା ଗ୍ରାମବାସୀ ସହଯୋଗ କରିଥିବା ଜଣାପଡ଼ିଛି।

## ମା'ଙ୍କ ଆଗମନରେ ରାଧାମାଧବ ପାଟଣା ଉତ୍ସବମୁଖର

**କୁଣ୍ଡେଇ,୩୦।୯/ଏନ୍‌ଏନ୍‌ଏସ୍:** ଶାରଦୀୟ ଦୁର୍ଗାପୂଜା ପାଇଁ ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ବାଜପୁର ରାଧାମାଧବ ପାଟଣା ଗ୍ରାମବାସୀଙ୍କ ସହଯୋଗରେ ନୃସିଂହନାଥ ୟୁଥ୍ କ୍ଲବ୍ ଦ୍ୱାରା ସାର୍ବଜନୀନ ଦୁର୍ଗାପୂଜା ୨ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ସେଥିପାଇଁ ଆଜି ଗ୍ରାମରେ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଆଗମନରେ ଘର ପୁରି ଉଠିଛି। ରଙ୍ଗିନ ଆଲୋକ ମାଳାରେ ନବବଧୂଟିଏ ଭଳି ସଜେଇ ହୋଇଛି ଗ୍ରାମ ଆରମ୍ଭରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ। ସଂଧ୍ୟା ହେଲେ ରଙ୍ଗୀନ ଆଲୋକରେ ରାଧାମାଧବ ପାଟଣା ଗାଁ ନବବଧୂ ପରି ରଙ୍ଗିନ ଶାଢ଼ୀ ଟିଏ ପିନ୍ଧି ଓଢଣା ଦେଇ ଚାଲିଯାଉଥିଲା ପରି ଲାଗୁଛି। ଏହି ପୂଜାରେ ଗ୍ରାମର ସବୁ ବର୍ଗର ଶହେରୁ ଊର୍ଦ୍ଧ୍ୱ ପରିବାର ସାମିଲ୍ ଅଛନ୍ତି।

## ମା'ମଙ୍ଗଳାଙ୍କ ପୀଠରେ ଭଜନ ସନ୍ଧ୍ୟା

**ଅସ୍ତରଙ୍ଗ,୩୦।୯/ଏନ୍‌ଏନ୍‌ଏସ୍:** କାକଟପୁର ମା' ମଙ୍ଗଳାଙ୍କ ମହିଷା ମର୍ଦ୍ଦିନୀ ବେଶ ଓ ମହାଷ୍ଟମୀ ଉପଲକ୍ଷେ କାକଟପୁର ସାମାଜିକ ଓ ସାଂସ୍କୃତିକ ବିକାଶ ଟ୍ରଷ୍ଟ ଆନୁକୂଲ୍ୟରେ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ପୂର୍ବତନ ବିଧାୟକ ସୁର ସେଠୀ, ଟ୍ରଷ୍ଟ ର ସମ୍ପାଦକ ତଥା କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଉପସଭାପତି ସୂର୍ଯ୍ୟକାନ୍ତ ନାୟକ, ସହ ସମ୍ପାଦକ ସରୋଜ କୁମାର ସାମଲ, କୋଷାଧ୍ୟକ୍ଷ ତ୍ରିଲୋଚନ ବିଶ୍ୱାଳ, ଉପଦେଷ୍ଟା ଅନୁପ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ।

# ଦୁର୍ଗାଷ୍ଟମୀରେ ହିନ୍ଦୁ ଏକତା ଶୋଭାଯାତ୍ରା ଓ ପାଇକ ଆଖଡ଼ା ପ୍ରଦର୍ଶନ

**ଜଟଣୀ,୩୦।୯/ଏନ୍‌ଏନ୍‌ଏସ୍:** ପବିତ୍ର ଦୁର୍ଗାଷ୍ଟମୀ ଅବସରରେ ସାମାଜିକ ଅନୁଷ୍ଠାନ ପିପୁଲ ଫର ସୋସାଇଟି ଏବଂ ସଂଗଠିତ ହିନ୍ଦୁ ପରିବାର ପକ୍ଷରୁ ମିଳିତ ଭାବେ ଡ଼ମୁଣେଇ ଠାକୁରାଣୀଙ୍କ ନିକଟରେ ଅସ୍ତ୍ର ପୂଜନ ସହ ସନାତନୀ ହିନ୍ଦୁ ଏକତା ଯାତ୍ରା ମା' ଡମଣେଇ ମନ୍ଦିରରୁ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା। ଉଲ୍ଲେଖ ଯୋଗ୍ୟ ଯେ ଜଟଣୀ ହେଉଛି ବୀର ପାଇକଙ୍କ ମାଟି, ଯେଉଁ ପରାକ୍ରମୀ ବୀରମାନଙ୍କ ପାଇଁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏହି ମାଟିର ବୀରତ୍ୱ ଗାଥା ଇତିହାସରେ ଲେଖା ହୋଇ ରହିଛି କ୍ଷ ଦୁର୍ଗାଷ୍ଟମୀ ହେଉଛି ପାଇକ ମାନଙ୍କର ଶକ୍ତି ପ୍ରଦର୍ଶନ କରିବାର ଦିନ, ତେଣୁ ଏହି ପରମ୍ପରାକୁ ବଜାୟ ରଖିବା ସହିତ ହିନ୍ଦୁ ମାନଙ୍କ ମଧରେ ସାହସ ଓ ଏକତା ବଜାୟ ରଖିବା ସହିତ ହିନ୍ଦୁ ପରମ୍ପରା ବଞ୍ଚାଇବା ପାଇଁ ଏଭଳି ଆୟୋଜନ କରାଯାଇଛି ବୋଲି ରାଜ୍ୟ



ବିଜେପି ମୁଖପାତ୍ର ତଥା ସଂଗଠିତ ହିନ୍ଦୁ ପରିବାରର ଆବାହକ ଅନିଲ ବିଶ୍ୱାଳ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶାଳ ଶୋଭାଯାତ୍ରା ସହିତ ପାଇକ ଆଖଡ଼ା ପ୍ରଦର୍ଶନ, ନାଗାନାଚ ଓ ଘୋଡା ନାଚ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସଭାପତି ଶୁଭ୍ରାଂଶୁ ଶେଖର ଜେନା, ସମ୍ପାଦକ ଅମରେନ୍ଦ୍ର ପାଟ୍ଟଶାଣୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଯୁବକମାନେ ସାମିଲ ହୋଇଥିଲେ।

# ଶାରଦୀୟ ଦୁର୍ଗାପୂଜାରେ କମ୍ପୁଛି ମନ୍ତ୍ର ଧ୍ୱନି

**ଅସ୍ତରଙ୍ଗ,୩୦।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅସ୍ତରଙ୍ଗରେ ମା' ଦୁର୍ଗାଙ୍କ ପୂଜା ଯଥାବିଧି ଏବଂ ରୀତିନୀତିରେ ଅନୁଷ୍ଠିତ ହେଉଛି। ଅସ୍ତରଙ୍ଗରେ ଦୁର୍ଗା କ୍ଲବ୍ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ, ସମ୍ପାଦକ ରବୀନ୍ଦ୍ର ପରିଡ଼ା ଓ ଉପସଭାପତି ପ୍ରକାଶ ବେହେରା ଶାରଦୀୟ ପୂଜାକୁ ପରିଚାଳନା କରୁଛନ୍ତି। ସପ୍ତମୀ ତିଥିରେ ଧରାବତରଣ କରିବା ପରେ ମା' ଜଗତଜନନୀଙ୍କ ପୂଜା ଧୁମଧାମରେ ଚାଲିଛି। ଶିଳ୍ପୀମାନେ ମା'ଙ୍କୁ ଅନ୍ତିମ ସ୍ପର୍ଶ ଦେବା ପରେ ସମଗ୍ର ଅସ୍ତରଙ୍ଗ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। ଚଳିତ ବର୍ଷ ମାୟାପୁରି ଇସ୍କନ ମନ୍ଦିର ଢ଼ଙ୍ଗରେ ପୂଜା ମଣ୍ଡପ ସାଜସଜ୍ଜା ଓ ତୋରଣ ଶୋଭା ପାଇଛି। ଆଲୋକ ମାଳାରେ ରଙ୍ଗିନ୍ ହୋଇ ଉଠିଛି ପୂଜା ମଣ୍ଡପ। ମା'ଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ମା'ଙ୍କ ନିକଟସ୍ଥ ଭଉଁରୀଆ ନଦୀରୁ ଜଳଯାତ୍ରା କରାଯାଇ କଳସ ସ୍ଥାପନ କରାଯାଇଥିଲା। ଅପରାହ୍ନ ୨ଟା ରେ ମା' ଙ୍କ ଚକ୍ଷୁଦାନ କରାଯିବା ସହ ମା'ଙ୍କ ଆରତୀ ଓ ପୁଷ୍ପାଞ୍ଜଳି ପୁଷ୍ପ ପ୍ରଦାନ କରାଯାଇଛି। ପୂଜକ ମଙ୍ଗରାଜ କର ଓ ଅନ୍ୟ ୪ଜଣ ସହଯୋଗୀ ପୂଜା କାର୍ଯ୍ୟ ଜାରି ରଖିଛନ୍ତି। ସେହିଭଳି ନଇଗୁଆଁରେ କ୍ୟାପଟେନ ଅଟଳ ବିଶ୍ୱାଳଙ୍କ ନେତୃତ୍ୱରେ ଭବାନୀଶଙ୍କର ବଳ, ବିକାଶ ତ୍ରିପାଠୀ, ଲକି ମହାନ୍ତି, ବୁବୁ ବିଶ୍ୱାଳ ଓ ସୁଶାନ୍ତ ତ୍ରିପାଠୀ ପ୍ରମୁଖଙ୍କ ସହ ଯୁବକ ସଂଘର ସଦସ୍ୟ ଓ ଗ୍ରାମବାସୀ ମହା ଆଡ଼ମ୍ବରରେ ମା'ଙ୍କ ପୂଜା ନୀତିକାନ୍ତି ପରିଚାଳନା କରୁଛନ୍ତି।

# ଓସିଏସ୍‌ରେ ଗୌରବ ଅର୍ଜିଲେ ମୁକୁନ୍ଦପ୍ରସାଦ ଝିଅ



**ଖୋର୍ଦ୍ଧା,୩୦।୯/ଏନ୍‌ଏନ୍‌ଏସ୍:** ଓଡିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ )୨୦୨୩ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ଏଥିରେ ଖୋର୍ଦ୍ଧା ମୁକୁନ୍ଦ ପ୍ରସାଦର ଝିଅ ଶ୍ରଦ୍ଧା ସୁମନ ୧୯୧ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ୨୦୨୧ରୁ ସୁନ୍ଦରଗଡ଼ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବା ସୁମନ ୨୦୧୭ ମସିହାରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ପିଜି କରିବା ପରେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଚେଷ୍ଟା ଚଳାଇଥିଲେ। ବାରମ୍ବାର ବିଫଳ ହେବା ସତ୍ତ୍ୱେ ସେ ହାର ନ ମାନି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ତେବେ ୨୦୨୩ରେ ନିଜର ଷଷ୍ଠ ପ୍ରଚେଷ୍ଟାରେ ପ୍ରଥମଥର ପାଇଁ ସାକ୍ଷାତକାର ପର୍ଯ୍ୟନ୍ତ ଯାଇ ଏଥିରେ ସଫଳ ହୋଇଥିଲେ। ମଣିଷ କିପରି ଚେଷ୍ଟାକଲେ ନିଜ ଅଧ୍ୟବସାୟ ବଳରେ ସବୁ କିଛି ସମ୍ଭବ କରିପାରେ ତାହାର ଉଦାହରଣ ହୋଇଯାଇଛନ୍ତି ଶ୍ରଦ୍ଧା ସୁମନ। ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ୨୦୧୦ ମସିହାରେ ମାଟ୍ରିକ ପାସ କରିବା ପରେ ୨୦୧୨ରେ ପ୍ରାଣନାଥ ମହାବିଦ୍ୟାଳୟରୁ ପ୍ରଥମେ +୨ ଏବଂ ୨୦୧୫ ରେ ସ୍ନାତକ ଶିକ୍ଷା ହାସଲ କରିଥିଲେ। ନିଜ ସଫଳତା ପାଇଁ ସେ ସମସ୍ତ ଶ୍ରେୟ ନିଜର ପିତା ମାତା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସର୍ବୋପରି ଭଗବାନଙ୍କୁ ଦେଇଛନ୍ତି। ଦଶମ ଶ୍ରେଣୀରୁ ସେ ଏହି ସେବା ପରୀକ୍ଷା ପାଇଁ ଆଶାୟୀ ଥିଲେ। ପରୀକ୍ଷା ପାଇଁ ସେ ପ୍ରବେଶିକା ପୁସ୍ତକ ଏବଂ ଅନଲାଇନ କ୍ଲାସ ମାଧ୍ୟମରେ ତାଲିମ ପାଇଥିଲେ। ତାଙ୍କର ଏହି ସଫଳତା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ବନ୍ଧୁ ବାନ୍ଧବଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁମନଙ୍କ ମାତା ସବିତା ଜେନା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ସନତ କୁମାର ଜେନା ଜଣେ କୃଷକ ଅଟନ୍ତି। ଝିଅର ଏହି ସଫଳତା ପାଇଁ ସେମାନେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ପୁରୀ ସାଂସଦ ଓ ପିପିଲି ବିଧାୟକଙ୍କୁ ଦାବିପତ୍ର



**ଚାରିଛକ,୩୦।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପୁରୀ ଜିଲ୍ଲା ଶାଖା ତରଫରୁ ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ସାକ୍ଷାତକରି ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ଦାବିପତ୍ର ପ୍ରଦାନ ସହ ଆଲୋଚନା ସମାହିତ ହୋଇଛି। ସୂଚନାଯୋଗ୍ୟ ସଂଘର ଏକମାତ୍ର ଦାବି ୨୦୦୮ରୁ ୨୦୧୮ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନ ପ୍ରଦାନ। ଦୁଃଖ ଏବଂ ପରିତାପର ବିଷୟ ଦୀର୍ଘ ୧୭ ବର୍ଷ ବିନା ସରକାରୀ ଅନୁଦାନ କାର୍ଯ୍ୟ କଲା ପରେ ମଧ ସରକାର ଅନୁଦାନ ପ୍ରଦାନ କଲେ ନାହିଁ। ତେଣୁ ଶିକ୍ଷକ ଦାବି ଦିବସ ଅଗଷ୍ଟ ୧୬ ତାରିଖରୁ ଓଡିଶାର ସମସ୍ତ ମହାବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇ ପୁନର୍ବାର ସେପ୍ଟେମ୍ବର ୧୮ ତାରିଖରେ ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣା ଦିଆଯାଇଥିଲା କ୍ଷ ସରକାର ଆଲୋଚନା ନ କରିବାରୁ ୧୯ତାରିଖରୁ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଆମରଣ ଅନଶନରେ ବସିଥିଲେ। ୨୦ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଏବଂ ତାଙ୍କର ପ୍ରତିନିଧି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ସହ ସଂଘର ଆଲୋଚନା ହୋଇ ଆସନ୍ତା ଅକ୍ଟୋବର ୧୦ରୁ ୨୦ ମଧରେ ଉଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଛି। ଏହି ସାକ୍ଷାତ ଆଲୋଚନାରେ ସଂଘର ଉପ ସଭାପତି ଦୁର୍ଯ୍ୟୋଧନ ପାହାଳ, ଆବାହକ ନିଲୁ ନାୟକ, ସଂଯୋଜକ ଅଧ୍ୟାପକ ଜୀବନ ଦାଶ, ଡକ୍ଟର ବନମାଳୀ ବେହେରା, ଅନନ୍ତ ବଳବନ୍ତରାୟ, ଦିବ୍ୟପ୍ରସାଦ କାନୁନ୍‌ଗୋଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଯୋଗ ଦେଇଥିଲେ।

# ନୟାଗଡ଼ ରାଜନୀତିରେ ରାଣୀ-ଇରାନୀ ମୁହାଁମୁହିଁ

**ନୟାଗଡ଼,୩୦।୯/ଏନ୍‌ଏନ୍‌ଏସ୍:** ଇଟାମାଟି ବିଜେପି ମଣ୍ଡଳ ସଭାପତି ବିଷ୍ଣୁ ପ୍ରସାଦ ସାହୁଙ୍କୁ ମରଣାନ୍ତକ ଆକ୍ରମଣକୁ ନେଇ ବିଜେପିର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ (ରାଣୀ'ମା ଭାବେ ପରିଚିତ) ଓ ବିଜେଡିର ଇରାନୀ ରାୟଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ବା ମୁହାଁମୁହିଁ ହେଲା ଭଳି ପରିସ୍ଥିତି ଉପୁଜିଛି। ଏହାକୁ ନେଇ ନୟାଗଡ଼ରେ ବିଜେପି ବିଜେଡ଼ି ମଧରେ ରାଜନୀତି ସରଗରମ ହୋଇପଡିଥିବା ଦେଖିବାକୁ ମିଳିଛି। ବିଜେଡି ନେତ୍ରୀ ଇରାନୀ ରାୟ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ରାଣୀଙ୍କୁ କଡ଼ା ଜବାବ ଦେଇଛନ୍ତି। ବିଜେପି ସଭାପତିଙ୍କୁ ଆକ୍ରମଣ ନେଇ ରାଣୀ ବିଜେଡ଼ିକୁ ଗୁଣ୍ଡା କହିଥିବା ବେଳେ ପାଲଟା ଜବାବରେ ଇରାନୀ ଶୋଇଥିବା ଘାଇଲା ବାଘୁଣୀ ଦେହରେ ହାତ ମାରିଛ, ଏଣିକି ସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି। ଏପରିକି ବିଜେଡିର କେହି ସଭାପତିଙ୍କୁ ଆକ୍ରମଣ କରିନାହାନ୍ତି ବରଂ ବିଜେପିର ଅସନ୍ତୁଷ୍ଟ କର୍ମୀମାନେ ଏପରି କରିଥାଇ ପାରନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି। ତେବେ ଏହି ଆକ୍ରମଣ ଘଟଣାରେ ବିଜେଡି ସମର୍ଥିତ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ ଗତକାଲି ଇଟାମାଟି




ଥାନା ଅନ୍ତର୍ଗତ ତଥା ଇଟାମାଟି ମଣ୍ଡଳ ଜୋନର ବିଜେପି ମଣ୍ଡଳ ସଭାପତି ବିଷ୍ଣୁ ପ୍ରସାଦ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କୌଣସି ଘଟଣାକୁ ନେଇ ଗାଁରେ ଏକ ସଭା ବସିଥିବା ବେଳେ ଚାରିଜଣ ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ସେ ଜୀବନ ବିକଳରେ ଧାଉଁଥିବା ବେଳେ ତାଙ୍କୁ ଆକ୍ରମଣ କରି ଚାଲିଥିଲେ। ପରେ ସେ ଜଣଙ୍କ ଘର ଭିତରେ ପଶିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏପରି ହୋଇଥିବା ଚର୍ଚ୍ଚା ହେଉଥିଲା ବେଳେ ବିଜେଡିର ୪ଜଣ ଆକ୍ରମଣ କରିଥିବା ଇଟାମାଟି ଥାନାରେ ଅଭିଯୋଗ ହୋଇଥିଲା। ଯାହାକି ବିଜେଡି ନେତ୍ରୀ ଇରାନୀ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପରେ କଡ଼ା ଜବାବ ରଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଇରାନୀଙ୍କ ସହିତ ବିଜେଡି ଯୁବନେତା ନୀଳମାଧବ ପଣ୍ଡା ଉପସ୍ଥିତ ଥିଲେ।

**ନିତି ଭାରତୀ**

ଏହି ବିଶ୍ୱକୁ ଯଦି ଆମମାନଙ୍କୁ ପ୍ରକୃତ ଶାନ୍ତି ଶିକ୍ଷା ଦେବାକୁ ଅଛି ଏବଂ ଆମକୁ ଯଦି ଯୁଦ୍ଧ ବିରୁଦ୍ଧରେ ପ୍ରକୃତ ଯୁଦ୍ଧ ଲଢ଼ିବାର ଅଛି, ତା'ହେଲେ ଏହା ଆମେ ପିଲାମାନଙ୍କଠାରୁ ଆରମ୍ଭ କରିବା ଉଚିତ । - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ବୁଧବାର, ୧ ଅକ୍ଟୋବର, ୨୦୨୫

# ଗାନ୍ଧିଜୀଙ୍କ ଭାରତ



**ପ୍ରଫୁଲ୍ଲ କୁମାର ସାହୁ**

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ । ଜଣେ ଧର୍ମପ୍ରାଣ ତଥା ଧର୍ମନିରପେକ୍ଷ ନୀତିନିଷ୍ଠ ସନ୍ଥ । କେବଳ ସନ୍ଥ ନୁହନ୍ତି, ସେ ଥିଲେ ଜଣେ ଅନୁଭୂତିସମ୍ପନ୍ନ ପ୍ରୟୋଗବାଦୀ ରାଜନୀତିଜ୍ଞ ଓ ବିପ୍ଳବୀ ଜନନାୟକ । ପିଲାଟି ଦିନରୁ ତାଙ୍କୁ ପ୍ରଭାବିତ କରିଥିଲା ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ତ୍ୟାଗପୂତ ଜୀବନ ଓ ରାଜନୈତିକ ମୂଲ୍ୟବୋଧ । ତେଣୁ ସ୍ୱାଧୀନତା ଆନ୍ଦୋଳନ ବେଳେ ସେ ଯେଉଁ ସ୍ୱରାଜ୍ୟର ସ୍ୱପ୍ନ ଦେଖୁଥିଲେ, ତାହା ହିଁ ଥିଲା ଏକ ରାମରାଜ୍ୟର ପରିକଳ୍ପନା । ରାମରାଜ୍ୟରେ ସୁ-ଶାସନ ଥିଲେ ବି ସେଥିରେ ନଥିଲା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା । ତେଣୁ ସେ ସାମାଜିକ ନ୍ୟାୟକୁ ଆଖି ଆଗରେ ରଖି ଆଙ୍କିଲେ ସ୍ୱରାଜ୍ୟର ନକ୍ସା । ସେ ଜାଣିଥିଲେ, ଗଣତନ୍ତ୍ର ହିଁ ସବୁଠାରୁ ଭଲ ଶାସନ ବ୍ୟବସ୍ଥା, ଯାହାକୁ କୁହାଯାଏ ସାମାଜିକ ନ୍ୟାୟର ଏକ ଫୁଲ ବଗିଚା । ଗଣତନ୍ତ୍ରର ସଂଜ୍ଞା ପ୍ରଦାନ କରିବାକୁ ଯାଇ ସେ କହିଥିଲେ, ପ୍ରତ୍ୟେକ ମଣିଷ ସମାନ ଓ ସ୍ୱୟଂଶାସିତ ହେବା ପାଇଁ ସକ୍ଷମ ହେବାର ବିଶ୍ୱାସ ଓ ବ୍ୟବସ୍ଥା ହିଁ ଗଣତନ୍ତ୍ର । ଏହା କିଛି ସ୍ୱେଚ୍ଛାଚାରିତା ନୁହେଁ, ବରଂ ଆତ୍ମ ସୁ-ପରିଚାଳନାର ଏକ ସହଜ ଓ ସରଳ ମାର୍ଗ । ଏହି କ୍ରମରେ ସ୍ୱରାଜ୍ୟର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ, ବିଦେଶୀ ଶାସନରୁ ମୁକ୍ତି କିମ୍ବା ମୁଷ୍ଟିମେୟ ଲୋକଙ୍କ କ୍ଷମତା ପ୍ରାପ୍ତି କେବେ ସ୍ୱରାଜ୍ୟ ନୁହେଁ, ଏହା ହେଉଛି ନେତା ଓ ଜନତାଙ୍କ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା । ତାଙ୍କ ମତରେ, ସ୍ୱରାଜ୍ୟ ଏକ ବୈଦିକ ଶବ୍ଦ, ଯାହାର ଅର୍ଥ ନିଜ ଉପରେ ନିଜେ ଶାସନ କରିବା । ଆପଣଙ୍କ ଉପରେ ମୋର ଶାସନ କିମ୍ବା ମୋ ଉପରେ ଆପଣଙ୍କ ଶାସନ ନୁହେଁ, ଆମ ଉପରେ ଆମ ଶାସନ ହିଁ ସ୍ୱରାଜ୍ୟ ।

ଦେଶ ସ୍ୱାଧୀନ ହେଲା ବେଳକୁ କେବଳ ଜନମାନସରେ ନୁହେଁ, ଭାରତର ପାଣି ପବନରେ ବି ଛାଇ ହୋଇ ରହିଥିଲେ ଗାନ୍ଧୀ । ଗାନ୍ଧୀ କହିଲେ ଦେଶ କାନ ଡେରି ଶୁଣୁଥିଲା ଏବଂ ଗାନ୍ଧୀ ରୁଷିଲେ ପ୍ରମାଦ ଗଣୁଥିଲା ଦେଶ । ତେଣୁ ଗାନ୍ଧୀଙ୍କ ବିଚାରଧାରାକୁ ଆଖି ଆଗରେ ରଖି ସମ୍ବିଧାନର ମୁଖବନ୍ଧରେ ସ୍ଥାପନ କରାଗଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଆଦି ପ୍ରସଙ୍ଗ । ସମ୍ବିଧାନର ପ୍ରାଣବନ୍ତ ରୂପକାର ଡକ୍ଟର ବିଆର୍ ଆମ୍ବେଦକରଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ବିଧାନ ସଭାରେ ଉପରୋକ୍ତ ତ୍ରିମୂର୍ତ୍ତି ସମ୍ପର୍କରେ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହେବା ପରେ ମହାତ୍ମା ଗାନ୍ଧୀ କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗୃହ । ଗଣତନ୍ତ୍ର ହେଉଛି ଏକ ପ୍ରତିନିଧିମୂଳକ ଉତ୍ତରଦାୟୀ ଶାସନ ବ୍ୟବସ୍ଥା । ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ନିର୍ବାଚନ ପ୍ରକ୍ରିୟାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ନିର୍ବାଚନ ପରିଚାଳନା ପାଇଁ ଗଢ଼ା ହେଲା ନିର୍ବାଚନ ଆୟୋଗ । ଦେଶର ପ୍ରଥମ ନିର୍ବାଚନ ଆୟୁକ୍ତ ଥିଲେ ସୁକୁମାର ସେନ୍ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ଦୁଇଟି ସ୍ୱଚ୍ଛ, ଅବାଧ ଓ ମୁକ୍ତ ନିର୍ବାଚନ । ପରବର୍ତ୍ତୀ ସମୟରେ ଦେଶର ଦଶମ ନିର୍ବାଚନ ଆୟୁକ୍ତ ଟିଏନ୍ ଶେଷାନ୍ (୧୯୯୦-୯୬) ଥିଲେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାର ପ୍ରତୀକ । ତାଙ୍କ ଦ୍ୱାରା ଅନୁସୃତ କାର୍ଯ୍ୟଧାରା ଓ ଶୈଳୀ କ୍ଷମତା କେନ୍ଦ୍ରର ଅସହ୍ୟ ହେବାରୁ ବଦଳିଲା ବ୍ୟବସ୍ଥା, ଯାହାର ପରିଣତି ସ୍ୱରୂପ ବଢ଼ି ଚାଲିଛି କଳାଟଙ୍କା ଓ ବାହୁବଳର ପ୍ରୟୋଗ । ଅଥଚ ନିର୍ବାଚନ ଆୟୋଗଙ୍କୁ ଘେରି ରହିଛି ଏକ ଶୀତଳ ଅଥର୍ବ ନିରବତା ।

ଗାନ୍ଧିଜୀ ଯେଉଁ ଗଣତନ୍ତ୍ରର ପରିକଳ୍ପନା କରିଥିଲେ, ତାହା ଥିଲା ଲୋକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସର୍ବୋତ୍ତମ ଶାସନ ବ୍ୟବସ୍ଥା । ସେଥିରେ ନଥିଲା ଲୋକଙ୍କୁ ଭଣ୍ଡେଇ, ତଣ୍ଡେଇ ବା ଭୟ ଦେଖେଇ ଶାସନ କରିବା ନୀତି । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ- 'ଡରାଇ ଶାସିବା ନୀତି ଭାଙ୍ଗିଯିବ/ ପ୍ରଜାଙ୍କ ମତରେ ଶାସନ ଚାଲିବ/ ଏହି ନବଯୁଗ ଆଣିବା ସକାଶେ/ ଗାନ୍ଧୀ ରହିଛନ୍ତି ସିନା କାରାବାସେ ।' ଗାନ୍ଧିଜୀ କହୁଥିଲେ, ସ୍ୱରାଜ୍ୟରେ ଚାଲିବ ଲୋକମାନଙ୍କର ଶାସନ । ଏଠାରେ ସାଧାରଣ ନାଗରିକଟିଏ ହେବ ଅସାଧାରଣ କ୍ଷମତାର ଅଧିକାରୀ । ପ୍ରୟୋଗଶାଳାରେ ଏହା କେବଳ ଏକ ପୋଥିଗତ ଦୁଃଖଦ ଅନୁଭବ । ନିର୍ବାଚନ ଆସିଲେ ଆରମ୍ଭ ହୋଇ ଯାଉଛି ଉଦ୍‌ଘାଟନ ଓ ଶିଳାନ୍ୟାସ ପର୍ବ । ସବୁ ରାଜନୈତିକ ଦଳ ନିଜ ନିଜ ନିର୍ବାଚନ ଇସ୍ତାହାରରେ ଅଜାଡ଼ି ଦେଉଛନ୍ତି ଅଜସ୍ର ପ୍ରତିଶ୍ରୁତି । ଲୋକଙ୍କୁ ପ୍ରଭାବିତ କରି ଭୋଟ୍ ହାତେଇବା ପାଇଁ ପ୍ରାୟତଃ ପ୍ରତ୍ୟେକ ପ୍ରାର୍ଥୀ ପ୍ରୟୋଗ କରୁଛନ୍ତି ନୂଆ ନୂଆ ରଣକୌଶଳ । ଏହି ବିଡ଼ମ୍ବିତ ସତ୍ୟ ଯୋଗୁଁ ପ୍ରହସନରେ ପରିଣତ ହେଲାଣି ବିବେକାନୁମୋଦିତ ଭୋଟ୍‌ଦାନ ବ୍ୟବସ୍ଥା । ଗଣତନ୍ତ୍ର ମନ୍ଦିରକୁ କବ୍‌ଜା କରି ନେଲେଣି ଭ୍ରଷ୍ଟାଚାରର ପ୍ରାୟୋଜକ, ଆୟୋଜକ ଓ ବାହୁବଳୀମାନେ ।

ଗାନ୍ଧିଜୀଙ୍କ ମତରେ, ଗଣତନ୍ତ୍ର କେବଳ ନିର୍ବାଚନ ସର୍ବସ୍ୱ ନୁହେଁ, ଏହା ଏକ ନୈତିକ ବିଚାରଧାରା । ଏହା ଟେକିଥିବା ହାତ ଓ ପଡ଼ିଥିବା ହାତର ମୁଣ୍ଡ ଗଣତି କିମ୍ବା ୫୧ ଓ ୪୯ର ନାଟକ ନୁହେଁ, ବରଂ ଏକ ଜୀବନ ଦର୍ଶନ । ଗଣତନ୍ତ୍ରରେ ନିର୍ବାଚନରେ ଜିତିବା ହାରିବା ବଡ଼କଥା ନୁହେଁ, ବଡ଼କଥା ହେଉଛି, ରାଜନୈତିକ ଉଚ୍ଚାରଣ ଓ ଆଚରଣ ବା ଗଣତାନ୍ତ୍ରିକ ନୀତି ଓ ଆଦର୍ଶ ପ୍ରତି ଅଙ୍ଗୀକାରବଦ୍ଧତା । ପରସ୍ପରର ଦୃଷ୍ଟିକୋଣ ପ୍ରତି ସହନଶୀଳତା ଓ ପାରସ୍ପରିକ ବୁଝାମଣା ଭିତ୍ତିରେ ସମସ୍ୟାର ସମାଧାନ କରିବା ହେଉଛି ଗଣତନ୍ତ୍ରର ମୂଳ କଥା । ତେଣୁ ଗଣତନ୍ତ୍ରର ଭାଷା ହେଉଛି ମୈତ୍ରୀର ଭାଷା । ସହଯୋଗ ଓ ସହାନୁଭୂତିର ଭାଷା । ସମ ପର୍ଯ୍ୟାୟରେ ସମାନ ଆସନରେ ବସି ପରସ୍ପର ସହିତ ଅନ୍ତରଙ୍ଗ ଆଳାପ ହେଉଛି ଗଣତନ୍ତ୍ରର ଲକ୍ଷ୍ୟ । ଜଣେ ନେତା ନିଜ ଦଳର ବିଚାରର ବଳିଷ୍ଠତା ଓ ପ୍ରତିପକ୍ଷ ଦଳର ବିଚାରର ଅସାରତା ପ୍ରତିପାଦନ କରିବା ପାଇଁ ଶବ୍ଦର ତୀକ୍ଷ୍ଣ ଶର ପ୍ରୟୋଗ କରିପାରେ, କିନ୍ତୁ ଉଲ୍ଲଙ୍ଘନ



କରି ପାରିବନି ଭାଷାର ମର୍ଯ୍ୟାଦା । ଏହି ଦୃଷ୍ଟିରୁ ସ୍ୱାଧୀନତା ପ୍ରାପ୍ତିର ପ୍ରାୟତଃ ଚାରି ଦଶନ୍ଧି ପର୍ଯ୍ୟନ୍ତ ରାଜନେତାମାନଙ୍କର ଆଚରଣ ଓ ଉଚ୍ଚାରଣ ଥିଲା ଖୁବ୍ ଉଚ୍ଚ ମାନର । ସେତେବେଳେ ଅଧିକାଂଶ ରାଜନେତା ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ । ଗଣତାନ୍ତ୍ରିକ ମୂଲ୍ୟବୋଧ ଥିଲା ସେମାନଙ୍କ ବ୍ୟକ୍ତିତ୍ୱର ପରିଚୟ ଓ ପ୍ରତିଷ୍ଠା । ପ୍ରତିନିଧି ସଭାରେ ସେମାନେ ପରସ୍ପର ବିରୋଧରେ ଅକାଟ୍ୟ ଯୁକ୍ତି ରଖୁଥିଲେ ସତ, କିନ୍ତୁ ସେମାନଙ୍କର ବିତର୍କ ଥିଲା ଖୁବ୍ ଉଚ୍ଚ ମାନର । ପରବର୍ତ୍ତୀ ସମୟରେ ନିର୍ବାଚନ ଅର୍ଥସର୍ବସ୍ୱ ହୋଇ ପଡ଼ିବା କାରଣରୁ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସାଙ୍ଗକୁ ସମର୍ପିତର ଅହଂର ଉଦ୍ରେକରେ ନଷ୍ଟ ହେଲା ପ୍ରତିନିଧି ସଭାର ସୁସ୍ଥ ପରମ୍ପରା । ସଂଖ୍ୟାର ଅହଙ୍କାର ଓ ଔଦ୍ଧତ୍ୟ ବଳରେ ଚାପି ଦିଆଗଲା ଅନ୍ୟ ମତର ସ୍ୱର । ଗାନ୍ଧିଜୀ କହିଥିଲେ, ବହୁ ମତର ଶାସନ ହେଉଛି ଏକ ମହନ୍ତଗିରି, ଯାହାର ଅଙ୍କୁଶ ହେଉଛି ବିରୋଧୀଙ୍କ ସମାଲୋଚନା । ତାଙ୍କ ମତରେ, 'ଜଣେ ଅନ୍ୟର କଥାର କୌଣସି ଶବ୍ଦ ସହ ଏକମତ ନ ହୋଇପାରେ, କିନ୍ତୁ ପ୍ରତିପକ୍ଷଙ୍କ କହିବାର ଅଧିକାରକୁ ସୁରକ୍ଷା ଓ ସମ୍ମାନ ଦେବା ତାଙ୍କର ନୈତିକ କର୍ତ୍ତବ୍ୟ ।' ଦୁର୍ଭାଗ୍ୟର ବିଷୟ, ଏବେ ସଂସଦରେ ବିତର୍କ ଆଳରେ କେବେ ଦଙ୍ଗା ହଙ୍ଗାମା ହେଉଛି ତ ଆଉ କେତେବେଳେ ବିନା ଆଲୋଚନାରେ ଗୃହୀତ ହେଉଛି ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ । ସରକାରଙ୍କର କୌଣସି ଜନ ବିରୋଧୀ ନିଷ୍ପତ୍ତି ବିରୋଧରେ ସ୍ୱର ଉଠେଇଲେ ଲଗେଇ ଦିଆଯାଉଛି ଦେଶଦ୍ରୋହୀର ମୋହର ।

ଗାନ୍ଧିଜୀ ଯେଉଁ ଗ୍ରାମରାଜ୍ୟର ସ୍ୱପ୍ନ ଦେଖୁଥିଲେ, ତାହା ଥିଲା ଏକ ଅହିଂସା ଭିତ୍ତିକ ରାଷ୍ଟ୍ରର ପରିକଳ୍ପନା । ତାଙ୍କ ମତରେ, ହିଂସା ହିଁ ଅନ୍ୟାୟ, ଅନୀତିର ମୂଳ କାରଣ । ଗ୍ରାମ ସ୍ୱରାଜ୍ୟର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ, ପ୍ରତ୍ୟେକ ଗ୍ରାମ ହେବ ସ୍ୱୟଂସମ୍ପୂର୍ଣ୍ଣ ଓ ଭେଦଭାବ ରହିତ ତଥା ସତ୍ୟ ଓ ଅହିଂସା ଶକ୍ତିର ବାହକ । ଏବେ କିନ୍ତୁ ଭୋଟ୍ ରାଜନୀତିକୁ କେନ୍ଦ୍ର କରି ଗାଁକୁ ଗାଁ ହିଂସା ଓ ଅସହିଷ୍ଣୁତାର ବାତାବରଣ । ଏହି କାରଣରୁ ଗାଁ ହରେଇ ସାରିଛି ତା'ର ସହଯୋଗ ଓ ସହାବସ୍ଥାନର ଦୁର୍ଲଭ ଐଶ୍ୱର୍ଯ୍ୟ । ଗାନ୍ଧିଜୀ କହୁଥିଲେ, ସ୍ୱରାଜ୍ୟରେ ରହିବନି ନେତା ଓ ଜନତାଙ୍କ ଭିତରେ ଫରକ । ଅଥଚ ଲୋକ ପ୍ରତିନିଧିମାନେ ନିଜକୁ ଅସାଧାରଣ ବୋଲି ଭାବୁଛନ୍ତି, ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି ଏବଂ ବିରାଟ ପଦ୍ମାସନରେ ଯାଉଛନ୍ତି, ଯେମିତି ଯାଆନ୍ତି ରାଜା ମହାରାଜାମାନେ । ଦେଶରେ ଏବେ ବଢ଼ୁଛି ଧନୀ ଦରିଦ୍ର ମଧ୍ୟରେ ଫରକ । ଅଥଚ ଧନ କୁବେରମାନଙ୍କୁ ମିଳୁଛି ଟିକସ ରିହାତି ଓ ଋଣଛାଡ଼ ସୁବିଧା । ଅନ୍ୟ ପକ୍ଷରେ, ଦରିଦ୍ରମାନଙ୍କୁ ନିକମା କରି ରଖିବା ପାଇଁ କାର୍ଯ୍ୟକାରୀ ହେଉଛି ଭଳିକି ଭଳିକି ମାଗଣା ବଣ୍ଟା ଯୋଜନା ।

ବହୁଦଳ, ମତବାଦ, ଗୋଷ୍ଠୀ ଓ ସମ୍ପ୍ରଦାୟର ଏକ ବିଚିତ୍ର ସମାହାର ହେଉଛି ଭାରତୀୟ ଗଣତନ୍ତ୍ର । ସେଥିପାଇଁ ସ୍ୱାଧୀନତାର ବହୁ ପୂର୍ବରୁ ଗାନ୍ଧିଜୀ କହିଥିଲେ ସ୍ୱରାଜ୍ୟ ହେବ ଏକ ସର୍ବଧର୍ମ ସମନ୍ୱୟର ମଞ୍ଚ । ଏଠାରେ ଅସ୍ପୃଶ୍ୟତା ବୋଲି କିଛି ରହିବନି ଏବଂ ସମ୍ପୂର୍ଣ୍ଣ ନିଷିଦ୍ଧ ହେବ ନିଶା । ବିଡ଼ମ୍ବନାର ବିଷୟ, ରାଜସ୍ୱ ଆୟ ବଢ଼େଇବା ପାଇଁ ଏବେ ସରକାରଙ୍କ ପାଇଁ ମଦ ସାଜିଛି ପ୍ରଗତି ରଥର ଘୋଡ଼ା । ସ୍ୱାଧୀନତା ପୂର୍ବରୁ ସାମ୍ପ୍ରଦାୟିକ ବିଭେଦତାର ଯେଉଁ ମନସ୍ତାତ୍ତ୍ୱିକ ବୀଜ ବପନ କରାଯାଇଥିଲା, ତାହା ଏବେ ଡାଳ ପତ୍ର ମେଲି ପ୍ରସରି ଚାଲିଛି ସବୁ ପକ୍ଷଙ୍କ ସହଯୋଗ ପ୍ରୟାସରେ । ଅତଏବ, ଭାରତ ଏବେ କେବଳ ଗଣତନ୍ତ୍ରର ମୁଖା ପିନ୍ଧିଛି, ଯେଉଁ ମୁଖା ତଳେ ଲୁଚିଛି ଦଳତନ୍ତ୍ର, ବ୍ୟକ୍ତିତନ୍ତ୍ର ଓ ଭୋଗତନ୍ତ୍ରର କଦର୍ଯ୍ୟ ଚେହେରା । ■

ବିଜୁପଟ୍ଟନାୟକ ନଗର, କଟକ
୭୩୭୬୭୪୨୪୭୪

# ଶାକ୍ତ ପରମ୍ପରାରେ ନବଦୁର୍ଗା ଉପାସନା



**ଅନନ୍ତ ଗୋପାଳ ପଣ୍ଡା**

ପରମାତ୍ମା ପରମେଶ୍ୱର ସୃଷ୍ଟି ସର୍ଜନା କରିବାର ଅବ୍ୟବହିତ ପୂର୍ବରୁ ସୃଷ୍ଟି କରିଛନ୍ତି ଅବିଦ୍ୟା ବା ଯୋଗମାୟାଙ୍କୁ । ପରବର୍ତ୍ତୀ ସମୟରେ ସ୍ୱଶକ୍ତି ଭାବେ ତାଙ୍କ ଶରୀରରୁ ଉଦ୍ଭବ ହୋଇଛି ମହତତ୍ତ୍ୱ । ଏହି ମହତତ୍ତ୍ୱରେ ବିକାର ଘଟିବାରୁ ସୃଷ୍ଟି ହୋଇଛି ଅହଙ୍କାର । ଏହି ଅହଙ୍କାର ତ୍ରିଗୁଣ ଭେଦରେ ତିନି ଭାଗରେ ବିଭକ୍ତ, ଯଥା- ବୈକାରିକ (ସାତ୍ତ୍ୱିକ), ତୈଜସ (ରାଜସିକ) ଏବଂ ତାମସ (ତାମସିକ) । ବୈକାରିକରୁ ଜାତ ହୋଇଛନ୍ତି ମନ ଓ ଦେବତାଗଣ, ରାଜସିକ ଅହଙ୍କାରରୁ ସୃଷ୍ଟି ହୋଇଛନ୍ତି ପଞ୍ଚ ଜ୍ଞାନେନ୍ଦ୍ରିୟ ଏବଂ ପଞ୍ଚ କର୍ମେନ୍ଦ୍ରିୟ । ଶେଷରେ, ତାମସରୁ ଉଦ୍ଭବ ହୋଇଛନ୍ତି ପଞ୍ଚ ତନ୍‌ମାତ୍ରା ଓ ପଞ୍ଚ ମହାଭୂତ । ଏହି ପଞ୍ଚ ମହାଭୂତ ଯଥା- କ୍ଷୀତି, ଆପ୍, ତେଜ, ମରୁତ ଓ ବ୍ୟୋମର ଅଧିପତି ହେଉଛନ୍ତି ଯଥାକ୍ରମେ- ଶିବ, ଗଣେଶ, ଅମ୍ବିକା, ସୂର୍ଯ୍ୟ ଓ ବିଷ୍ଣୁ । ଏହି ପଞ୍ଚ ଦେବଦେବୀଙ୍କୁ ଇଷ୍ଟ ଭାବେ ଗ୍ରହଣ କରି ସୃଷ୍ଟି ହୋଇଛନ୍ତି ପଞ୍ଚ ସମ୍ପ୍ରଦାୟ, ଯଥା- ଶୈବ, ଗାଣପତ୍ୟ, ଶାକ୍ତ, ସୌର ଏବଂ ବୈଷ୍ଣବ । ଏମାନଙ୍କ ମଧ୍ୟରୁ ଶାକ୍ତ ସମ୍ପ୍ରଦାୟର ଉପାସ୍ୟା ଭାବେ ମା' ଅମ୍ବିକା ଅଭିହିତା ହେଉଥିଲେ ମଧ୍ୟ ସବୁ ସମ୍ପ୍ରଦାୟ ଦେବୀଙ୍କୁ ବିଭିନ୍ନ ସ୍ୱରୂପରେ ଆରାଧନା ପୂର୍ବକ କୃପାଲାଭ କରିଥାନ୍ତି ।

ଏହି ଶକ୍ତିମୟୀ ଅବିଦ୍ୟା ବା ଅମ୍ବିକା ରଜ ଗୁଣରେ ବ୍ରହ୍ମାଙ୍କ ଶକ୍ତି ଭାବରେ ମହାସରସ୍ୱତୀ ରୂପରେ କରନ୍ତି ସୃଷ୍ଟି ସର୍ଜନା, ସତ୍ତ୍ୱ ଗୁଣରେ ବିଷ୍ଣୁଙ୍କ ଶକ୍ତି ଭାବରେ ମହାଲକ୍ଷ୍ମୀ ରୂପରେ ସୃଷ୍ଟିକୁ ଗତିଶୀଳ କରିବା ସହିତ ଜୀବମାନଙ୍କୁ କରିଥାନ୍ତି ପାଳନ ଏବଂ ତମ ଗୁଣରେ ଶଙ୍କରଙ୍କ ଶକ୍ତି ଭାବେ ମହାକାଳୀ ରୂପେ ଦୁଷ୍ଟ ଶକ୍ତିକୁ ସଂହାର କରିବା ସହିତ ରଚନା କରନ୍ତି ପ୍ରଳୟ । ଦୃଶ୍ୟମାନ ଜଗତର ସର୍ବତ୍ର ଏହି ଶକ୍ତିମୟୀଙ୍କର ସତ୍ତା ବିଦ୍ୟମାନ । ଏହି ଶକ୍ତିମୟୀ ନିତ୍ୟା ଓ ଜଗତର ଆଦି କାରଣ । ଜଡ଼ଠାରୁ ଚେତନ ଏବଂ ସ୍ଥାବରଠାରୁ ଜଙ୍ଗମ- ସବୁଠାରେ ମା' ସୂକ୍ଷ୍ମ ରୂପେ ବିରାଜିତା । ନୀଳ ଆକାଶର ନୀଳିମା, ବନାନୀର ସବୁଜିମା, ମହାସାଗରର ଉର୍ମି, ପକ୍ଷୀର କାକଳି ଆଦିରେ ଶକ୍ତିମୟୀଙ୍କର ସତ୍ତାକୁ ସାଧକ ସୂକ୍ଷ୍ମ ଦୃଷ୍ଟିରେ କରିଥାଏ ଅନୁଭବ । ସେହି ମା' ଜଗଜ୍ଜନନୀଙ୍କ ଉପାସନା ନିମନ୍ତେ ଶାକ୍ତ ସମ୍ପ୍ରଦାୟ ସହିତ ସବୁ ମତବାଦର ଉପାସକଗଣ ଆଜି ହୋଇଛନ୍ତି ତତ୍ପର । ବର୍ଷକୁ ମୁଖ୍ୟତଃ ଦୁଇ ଥର, ଅର୍ଥାତ୍ ମଧୁ ମାସରେ ବାସନ୍ତୀକ ଦୁର୍ଗୋତ୍ସବ ସହିତ ଶରତ କାଳରେ ଶାରଦୀୟ ଦୁର୍ଗୋତ୍ସବରେ ଆବାଳବୃଦ୍ଧବନିତା ମା'ଙ୍କ ନିରାଜନାରେ ଦିବ୍ୟାନନ୍ଦ ଲାଭ କରିଥାନ୍ତି । ଆଜି ସେହି ଶୁଭ ମୁହୂର୍ତ୍ତ ଉପଗତ । ଶାରଦୀୟ ଦୁର୍ଗାପୂଜା ନିମନ୍ତେ ଉତ୍ସବମୁଖର ନଗରଠାରୁ ପଲ୍ଲୀ । ମୂଳାଷ୍ଟମୀରୁ ଦେବୀ ଉତ୍ଥିତା ହୋଇ ଷୋଡ଼ଶ ଉପଚାର ପୂଜା ଏବଂ ସହସ୍ର କୁମ୍ଭାଭିଷେକ ପରେ ପ୍ରତ୍ୟହ ବିଭିନ୍ନ ବେଶରେ ହେଉଛନ୍ତି ବିଭୂଷିତା । ପୁନଶ୍ଚ, ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ନବଦିନାତ୍ମକ ଆରାଧନା ଯାହା ନବରାତ୍ରି ଭାବେ ଭାରତର କୋଣ ଅନୁକୋଣରେ ହେଉଛି ପାଳିତ । ଏହି ନବରାତ୍ରିର ଉପାସ୍ୟା ହେଉଛନ୍ତି ନବଦୁର୍ଗା ।

ସପ୍ତସତୀ ଚଣ୍ଡୀରେ ଏହି ନବଦୁର୍ଗାଙ୍କ ସଂପର୍କରେ ରହିଛି ବର୍ଣ୍ଣନା, ଯଥା- 'ପ୍ରଥମଃ ଶୈଳପୁତ୍ରୀ ଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ , ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଃ ସ୍କନ୍ଦମାତେତି ଷଷ୍ଠେ କାତ୍ୟାୟନୀ ତଥା, ସପ୍ତମଂ କାଳରାତ୍ରିତି ମହାଗୌରୀତି ଚାଷ୍ଟମମ୍, ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗା ପ୍ରକୀର୍ତ୍ତିତାଃ ।' ସନାତନ ପରମ୍ପରା ଅନୁଯାୟୀ ବର୍ଷକ ମଧ୍ୟରେ ଚାରି ଥର ନବରାତ୍ର ପାଳନ ସଂପର୍କରେ ରହିଛି ବର୍ଣ୍ଣନା, ଯଥା- ମାଘ, ଚୈତ୍ର, ଆଷାଢ଼, ଓ ଆଶ୍ୱିନ ନବରାତ୍ରି । ଏହି ଚାରି ନବରାତ୍ରି ମଧ୍ୟରେ ଆଶ୍ୱିନ ମାସରେ ପାଳିତ ନବରାତ୍ରି ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥାଏ । ସେଥିପାଇଁ ଏହାକୁ ମହାନବରାତ୍ରି ନାମରେ ଅଭିହିତ କରାଯାଏ । ଆଗମ ଶାସ୍ତ୍ର ଅନୁଯାୟୀ, ଏହି ନବ ଦିନ ମଧ୍ୟରେ ପଡୁଥିବା ଶୁକ୍ଳ ପକ୍ଷ ଅଷ୍ଟମୀର ରାତ୍ରିକୁ ମଧ୍ୟ 'ମହାରାତ୍ରି' ଭାବରେ ବିବେଚନା କରାଯାଏ । ଏହି ନବରାତ୍ରିରେ ଉପାସିତା ହେଉଥିବା ଦେବୀମାନେ ହେଲେ- ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ ।

ନବରାତ୍ରି ପାଳନର ପ୍ରଥମ ଦିବସରେ ମା' ଆରାଧିତା ହୁଅନ୍ତି ଶୈଳପୁତ୍ରୀ ରୂପରେ । ଦେବୀ ବୃଷଭ ବାହନରେ ଅଧିଷ୍ଠିତା । ଦେବୀଙ୍କ ଦ୍ୱିଭୂଜ ମଧ୍ୟରୁ ବାମ ହସ୍ତରେ ପ୍ରସ୍ଫୁଟିତ କମଳ ଏବଂ ଅନ୍ୟ ହସ୍ତରେ ଶୋଭା ପାଇଥାଏ ତ୍ରିଶୂଳ । ଦେବୀ ଲାଲ୍ ବସ୍ତ୍ର ପରିହିତା ଓ ଅଳଙ୍କାରରେ ବିଭୂଷିତା । ମସ୍ତକରେ ଶୋଭାୟମାନ ସୁବର୍ଣ୍ଣର ମୁକୁଟ । ନଗାଧିରାଜ ହିମାଳୟ ତପସ୍ୟା କରି ଦେବୀଙ୍କୁ ପୁତ୍ରୀ ରୂପରେ ପ୍ରାପ୍ତ ହୋଇଥିବାରୁ ଦେବୀ ଶୈଳପୁତ୍ରୀ, ହୈମବତୀ ଏବଂ ପାର୍ବତୀ ନାମରେ ହୁଅନ୍ତି ଅଭିହିତା । ଆଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ ମା'ଙ୍କର କଳସ ସ୍ଥାପନ କରାଯାଇ ନବରାତ୍ରି ପୂଜାର ହୁଏ ଅୟମାରମ୍ଭ । ସାଧକ ମୂଳାଧାର ଚକ୍ରରେ ନିଜ ମନକୁ ସ୍ଥିତ କରାଇ ଗୁହ୍ୟ ଦ୍ୱାରକୁ ରୋଧ କରିବା ପୂର୍ବକ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିଥାଏ । ଏହି ଦିବସରେ ଉପାସକ ମା'ଙ୍କୁ ପାନ ପତ୍ରରେ ଲବଙ୍ଗ ଓ ମିଶ୍ରି ଅର୍ପଣପୂର୍ବକ ମା'ଙ୍କ କୃପା ଭିକ୍ଷା କରିଥାଏ । ଫଳ ସ୍ୱରୂପ, ନକାରାତ୍ମକ ଶକ୍ତିର ବିନାଶ ହୋଇ ସକାରାତ୍ମକ ଶକ୍ତିର ହୁଏ ଅଭ୍ୟୁଦୟ । ଶୈଳପୁତ୍ରୀଙ୍କ ଆରାଧନା ଦ୍ୱାରା ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ।

ଦ୍ୱିତୀୟ ଦିବସରେ ମା' ବ୍ରହ୍ମଚାରିଣୀ ରୂପରେ ହୁଅନ୍ତି ଉପାସିତା । ଶିବଙ୍କୁ ପତି ରୂପରେ ପାଇବା ପାଇଁ ମା' ଦୀର୍ଘ ଦିନ ଆହାର ତ୍ୟାଗ କରି ବ୍ରହ୍ମଚାରିଣୀ ରୂପରେ ତପସ୍ୟା ଆଚରଣ କରିଥିଲେ । ଦେବୀ ଶୁକ୍ଳ ବସ୍ତ୍ର ପରିହିତା । ଦକ୍ଷିଣ ହସ୍ତରେ ଜପାମାଳା ଏବଂ ବାମ ହସ୍ତରେ ମା' ଧାରଣ କରିଥାନ୍ତି କମଣ୍ଡଳୁ । ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ । ବ୍ରହ୍ମଜ୍ଞାନ ପ୍ରଦାନ ଏବଂ ବ୍ରହ୍ମଙ୍କୁ ପ୍ରାପ୍ତି ଦେବୀଙ୍କ ସ୍ୱଭାବ ଅଟେ । ଦେବୀ ସୁନାଶୀରଙ୍କୁ ତାଙ୍କ ବିନା ଜଗତରେ କୌଣସି ଶକ୍ତି ନାହିଁ ବୋଲି ବୁଝାଇ ଥିଲେ ଏବଂ ପରେ ବ୍ରହ୍ମଜ୍ଞାନ ପ୍ରଦାନ କରିଥିଲେ । ସାଧକ ଏହି ଦିବସରେ ମନ ସହିତ କୁଣ୍ଡଳିନୀ ଶକ୍ତିକୁ ମୂଳାଧାର ଚକ୍ରରୁ ଉତ୍ଥିତ କରାଇ ସ୍ୱାଧିଷ୍ଠାନ ଚକ୍ରରେ ଅବସ୍ଥାପିତ କରାଇ ଥାଏ । ତୃତୀୟ ଦିବସର ଉପାସ୍ୟା ହେଉଛନ୍ତି ଚନ୍ଦ୍ରଘଣ୍ଟା । ଦେବୀ ପଶୁରାଜ ସିଂହ ଉପରେ ଆସୀନା ଏବଂ ବୀର ରସର ଅପୂର୍ବ ମୂର୍ତ୍ତି ଭାବରେ ଅଭିହିତା । ଦେବୀଙ୍କ ମସ୍ତକରେ ଘଣ୍ଟା ଆକୃତିର ଅର୍ଦ୍ଧଚନ୍ଦ୍ର । ଦେବୀ ତ୍ରିନେତ୍ରା ଏବଂ ଦଶ ଭୂଜରେ ଦଶ ପ୍ରହରଣ ଧାରଣ କରିଥାନ୍ତି । କିମ୍ବଦନ୍ତୀ ଅନୁସାରେ, ଦେବତାମାନଙ୍କ ଦୁଃଖର ବିନାଶ ପାଇଁ ଦେବୀ ପ୍ରକଟିତା ହୋଇ ମହିଷାସୁରକୁ ନିଧନ କରିଥିଲେ । ମା'ଙ୍କୁ ଉପାସନା କଲେ ଉପାସକ ଅଲୌକିକ ଜ୍ଞାନ ସହ ସାହସ ଓ ନିର୍ଭୀକତା ପ୍ରାପ୍ତ ହୋଇଥାଏ । ମା'ଙ୍କୁ ନାଲି ରଙ୍ଗର ପୁଷ୍ପ ସହିତ ରକ୍ତ ଚନ୍ଦନ ଅର୍ପଣ କରାଯାଏ । ଏହି ଦିବସରେ ସାଧକ କୁଣ୍ଡଳିନୀ ଶକ୍ତିକୁ ମଣିପୁର



ଚକ୍ରରେ ଅବସ୍ଥାପିତ କରାଇଥାଏ ।

ନବରାତ୍ରିର ଚତୁର୍ଥ ଦିବସରେ ଦେବୀ କୁଷ୍ମାଣ୍ଡା ରୂପରେ ହୁଅନ୍ତି ଆରାଧିତା । ମା' କୁଷ୍ମାଣ୍ଡା ହେଉଛନ୍ତି ସୃଷ୍ଟିର ସର୍ଜନାକାରିଣୀ । ଦେବୀଙ୍କ ମନ୍ଦ ହାସ୍ୟରୁ ସମଗ୍ର ବିଶ୍ୱ ସୃଷ୍ଟି ହୋଇଛି । ମା' ଅଷ୍ଟଭୁଜା ଓ ସିଂହ ଉପରେ ଆସୀନା । ସେ ହସ୍ତରେ ବିଭିନ୍ନ ଅସ୍ତ୍ର ଧାରଣ କରିଥିବା ବେଳେ ଅଷ୍ଟମ ଭୁଜରେ ଧାରଣ କରିଥାନ୍ତି ଜପାମାଳା । ଦେବୀ ଭକ୍ତମାନଙ୍କୁ ଅଷ୍ଟସିଦ୍ଧି ଓ ନବନିଧି ପ୍ରଦାନ କରିଥାନ୍ତି । ସେ ଆଦିତ୍ୟ ମଣ୍ଡଳର କେନ୍ଦ୍ରରେ ଅବସ୍ଥାନ କରନ୍ତି । ଏହି ଦିବସରେ ସାଧକ କୁଣ୍ଡଳିନୀ ଶକ୍ତିକୁ ଅନାହତ ଚକ୍ରରେ ଅବସ୍ଥାପିତ କରାଇ ଥାଏ । ପଞ୍ଚମ ଦିବସର ଉପାସ୍ୟା ହେଲେ ସ୍କନ୍ଦମାତା । କୁମାର କାର୍ତ୍ତିକେୟଙ୍କ ମାତା ହୋଇଥିବାରୁ ଦେବୀ ସ୍କନ୍ଦମାତା ନାମରେ ନାମିତା । ଏକଦା ସ୍କନ୍ଦଙ୍କୁ ଇନ୍ଦ୍ର ଉପହାସ କରିବାରୁ ପୁତ୍ରର ଦୁଃଖ ଦୂରୀଭୂତ ନିମନ୍ତେ ମା' ସିଂହ ଉପରେ ଆସୀନା ଅବସ୍ଥାରେ ସ୍କନ୍ଦଙ୍କୁ କୋଳରେ ଧାରଣ କରିଥିଲେ । ସ୍କନ୍ଦ ମା'ଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇ ତାରକାସୁରକୁ ନିଧନ କରିଥିଲେ । ଦେବୀ ଚତୁର୍ଭୁଜା । ମା'ଙ୍କୁ ଉପାସନା କଲେ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହିତ ଶତ୍ରୁ ଭୟ, ସଂକଟ ତଥା ରୋଗ ଦୂରୀଭୂତ ହୋଇଥାଏ । ଏହି ଦିବସରେ ସାଧକ ନିଜର ମନକୁ କୁଣ୍ଡଳିନୀ ଶକ୍ତି ସହିତ ବିଶୁଦ୍ଧ ଚକ୍ରରେ ଅବସ୍ଥାପିତ କରାଇ ଥାଏ ।

ଷଷ୍ଠ ଦିବସରେ କାତ୍ୟାୟନୀ ରୂପକୁ ଉପାସକ ଆରାଧନା କରିଥାନ୍ତି । ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପେ ଜନ୍ମ ହୋଇଥିବାରୁ ତାଙ୍କ ନାମ କାତ୍ୟାୟନୀ । ଦେବୀ ଚତୁର୍ଭୁଜା ଏବଂ ସିଂହାରୂଢ଼ା । ଦୁଇ ଭୂଜରେ ଖଡ୍ଗ ଏବଂ କମଳ ଧାରଣ କରିଥିବା ବେଳେ ଅନ୍ୟ ଦୁଇ ହସ୍ତ ଅଭୟ ଏବଂ ବରଦ ମୁଦ୍ରାରେ ଶୋଭିତା । ବ୍ରଜ ଗୋପୀମାନେ କାତ୍ୟାୟନୀଙ୍କ ବ୍ରତ କରି ଭଗବାନ କୃଷ୍ଣଙ୍କ ସହିତ ମହାରାସରେ ମିଳିତ ହୋଇଥିଲେ । ମା'ଙ୍କୁ ଉପାସନା କଲେ ଭକ୍ତ ଇନ୍ଦ୍ରିୟମାନଙ୍କୁ ବଶ କରିବାର ଶକ୍ତି ପ୍ରାପ୍ତ ହୋଇଥାଏ । ନବରାତ୍ରିର ସପ୍ତମ ଦିବସରେ ମା' କାଳରାତ୍ରି ରୂପରେ ହୁଅନ୍ତି ଉପାସିତା । ଏହା ଦେବୀଙ୍କ ବିକଟାଳ ରୂପ । ସେ ତ୍ରିନେତ୍ର ଧାରିଣୀ, ଚତୁର୍ଭୁର୍ଜା ଏବଂ ଗର୍ଦ୍ଦଭ ଉପରେ ଆସୀନା । ଶରୀରର ରଙ୍ଗ ଅନ୍ଧକାର ଭଳି ଗାଢ଼ କଳା । ମା' ହସ୍ତରେ ଲୌହ ଖଡ୍ଗ ଧାରଣ କରିଥାନ୍ତି । ଦେବୀଙ୍କୁ ଉପାସନା କରି ଉପାସକଗଣ ସମସ୍ତ ଦୁଃଖ କଷ୍ଟରୁ ମୁକ୍ତ ହୋଇଥାନ୍ତି ।

ଅଷ୍ଟମ ଦିବସରେ ଦେବୀ ମହାଗୌରୀ ରୂପରେ ହୁଅନ୍ତି ଆରାଧିତା । ମା' ବୃଷଭ ଉପରେ ଆସୀନା । ଦେବୀ ଚତୁର୍ଭୁଜା ଓ ଶ୍ୱେତବସ୍ତ୍ର ପରିହିତା । ଦୁଇ ଭୁଜରେ ଡମ୍ବରୁ ଓ ତ୍ରିଶୂଳ ଧାରଣ କରିଥିବା ବେଳେ ଅନ୍ୟ ଦୁଇ ହସ୍ତ ଅଭୟ ଓ ବରଦ ମୁଦ୍ରାରେ

ଶୋଭିତା । ଏକଦା କାଳରାତ୍ରିଙ୍କ ଗାଢ଼ କୃଷ୍ଣ ବର୍ଣ୍ଣକୁ ସନ୍ଦର୍ଶନ କରି ଶିବ ପରିହାସ କରିବାରୁ ଦେବୀ ତପସ୍ୟା ଆଚରଣ ପୂର୍ବକ ବିଦ୍ୟୁତ୍ କାନ୍ତି ସମ ଗୌରବର୍ଣ୍ଣ ଧାରଣ କରି ମହାଗୌରୀ ନାମରେ ହେଲେ ନାମିତା । ନବରାତ୍ରିର ଅନ୍ତିମ ଦିବସରେ ମା' ସିଦ୍ଧିଦାତ୍ରୀ ରୂପରେ ହୁଅନ୍ତି ପୂଜିତା । ଭକ୍ତଙ୍କୁ ସବୁ କର୍ମରେ ସିଦ୍ଧି ପ୍ରଦାନ କରୁଥିବାରୁ ଦେବୀଙ୍କ ନାମ ସିଦ୍ଧିଦାତ୍ରୀ । ଦେବୀ ସିଂହ ଉପରେ ଆସୀନା, ଚତୁର୍ଭୁଜା ଏବଂ ପ୍ରସନ୍ନ ବଦନା । ମହାଭାରତ ଯୁଦ୍ଧରେ ବିଜୟ ପ୍ରାପ୍ତ ହେବା ପାଇଁ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଅର୍ଜୁନ ଦେବୀଙ୍କୁ ପ୍ରାର୍ଥନା କରି ସିଦ୍ଧିଲାଭ କରିଥିଲେ । ସଂସାରର ସମସ୍ତ ରୋଗୀ, ଭୋଗୀ, ଯୋଗୀ ତଥା ସାଧକଗଣ ମା'ଙ୍କ ସ୍ୱରୂପକୁ ଉପାସନା କରି ସିଦ୍ଧି ପ୍ରାପ୍ତ ହୋଇଥାନ୍ତି । ଦେବୀ ଅଷ୍ଟସିଦ୍ଧି ପ୍ରଦାନକାରିଣୀ । ଏହି ଦିବସରେ ସାଧକ କୁଣ୍ଡଳିନୀ ଶକ୍ତିକୁ ଆଜ୍ଞା ଚକ୍ରରେ ଅବସ୍ଥାପିତ କରାଇ ସାଧନାରେ ସିଦ୍ଧି ପ୍ରାପ୍ତ ହୋଇଥାଏ ।

ନବରାତ୍ରି ଉପାସନାର ପ୍ରଥମ ତ୍ରିଦିବସରେ ଦେବୀ ମହାକାଳୀ ଭାବରେ, ମଝି ତିନିଦିନ ମହାଲକ୍ଷ୍ମୀ ରୂପରେ ଏବଂ ଅନ୍ତିମ ତ୍ରିଦିବସ ମା' ମହାସରସ୍ୱତୀ ଭାବରେ ଉପାସିତା ହୋଇ ଭକ୍ତ, ଆଶ୍ରିତ ତଥା ସାଧକମାନଙ୍କୁ ସେମାନଙ୍କ ବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି । ■

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ବିଜୟର ପର୍ବ

ବର୍ଷକ ପରେ ପୁଣି ଆସିଛି ଦଶହରା; ସାରା ଦେଶ ଏବେ ଧୁମ୍‌ଧାମ୍‌ରେ ପାଳନ କରୁଛି ପାର୍ବଣର ଏଇ ମହାପର୍ବ । ଗଗନ ପବନ ମୁଖରିତ 'ଯା ଦେବୀ ସର୍ବଭୂତେଷୁ...' ଉଚ୍ଚାରଣରେ । ଏଇ ମନ୍ତ୍ର ଦେଇ ଆମେ କେବଳ କେଉଁ ଏକ ଦୂର ରାଇଜର ଦେବୀଙ୍କୁ ଆବାହନ କରୁନାହୁଁ, ବରଂ ଆମେ ସମସ୍ତେ ସେହି ଜୀବନ ଶକ୍ତି ଶ୍ୱାସକ୍ରିୟାକୁ ଆବାହନ କରୁଛୁ ଯାହା କେବଳ ଆମକୁ ନୁହେଁ, ଆମ ଚାରିପାଖରେ ଥିବା ସମସ୍ତ ସଜୀବ ଓ ନିର୍ଜୀବଙ୍କୁ- ନଦ ନଦୀଙ୍କୁ , ବଣ ଜଙ୍ଗଲକୁ, ଆମ ଥାଳିରେ ଆମେ ଆହାର ରୂପେ ଗ୍ରହଣ କରୁଥିବା ଖାଦ୍ୟ ପଦାର୍ଥକୁ ପ୍ରାଣବନ୍ତ କରି ରଖିଛି । ଆଉ ସେଇଥିପାଇଁ ତ ଦୁର୍ଗା ସପ୍ତଶତୀର ତୃତୀୟ ଚରିତ ଉଦାତ୍ତ କଣ୍ଠରେ ଉଚ୍ଚାରଣ କରିଛି: ମା' ଦୁର୍ଗାଙ୍କ ହସ୍ତରେ ଶୁମ୍ଭ ଓ ନିଶୁମ୍ଭ ନାମକ ଦୁଇ ଅସୁରଙ୍କର ନିଧନ ଘଟିବା ପରେ ନଦୀମାନେ ଶାନ୍ତ ଭାବରେ ପରିଷ୍କାର ହୋଇ ବହିବାକୁ ଲାଗିଲେ, ପବନରେ ଭରିଗଲା ଶୀତଳତା ଏବଂ ପାହାଡ଼ ପର୍ବତ ଓ ବଣ ଜଙ୍ଗଲରେ ଖେଳିଗଲା ଅପୂର୍ବ ମାଧୁର୍ଯ୍ୟ । ଦେବୀ ଦୁର୍ଗାଙ୍କ ବିଜୟ ଥିଲା ପୃଥିବୀର ସ୍ୱାଭାବିକ ରୂପକୁ ପୁନରୁଦ୍ଧାର କରିବା । ଋଷି ମୁନିମାନେ ଅନୁଭବହୀନ ନଥିଲେ । ସେମାନେ ଦେଖି ପାରିଥିଲେ ଯେ ଅଧର୍ମର ଯେତେବେଳେ ଉତ୍‌ଥାନ ଘଟେ, ସେତେବେଳେ ପ୍ରଥମେ ତା'ର କୁଫଳ ଭୋଗ କରେ ପ୍ରକୃତି । ଧର୍ମର ବିଜୟ ଘଟିଲେ ପ୍ରକୃତିରେ ଖେଳିଯାଏ ଅପୂର୍ବ ଶୋଭା ସମ୍ଭାର । ଆଉ ସେଥିପାଇଁ ଉପରୋକ୍ତ ଗ୍ରନ୍ଥର ପରିସମାପ୍ତି ଘଟିଛି ଏକ ଦୀର୍ଘକାଳୀନ ଯୁଦ୍ଧ ପରେ ଦେବତାମାନଙ୍କର ବିଜୟୋଲ୍ଲାସରେ ନୁହେଁ, ବରଂ ପ୍ରକୃତିର ଶାନ୍ତିରେ ନିଃଶ୍ୱାସ ମାରିବା ସହିତ । ଆଜି କିନ୍ତୁ ପୃଥିବୀରେ ପୁଣିଥରେ ଯୁଦ୍ଧର ରାଜୁତି: ଇସ୍ରାଏଲ- ପାଲେଷ୍ଟାଇନ୍ ହେଉ କି ରୁଷିଆ- ୟୁକ୍ରେନ୍ ହେଉ, ଚାଲିଛି ମହାସମର । ପୁଣି ଏ ଯୁଦ୍ଧ ଅସ୍ତ୍ରଶସ୍ତ୍ରରେ ଚାଲିଥିବା ବେଳେ ପୃଥିବୀର ମହାଶକ୍ତି ଭାବରେ ବିବେଚିତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଚଳାଇଛନ୍ତି ପରୋକ୍ଷ ଯୁଦ୍ଧ, ଯାହା ନାମିତ ବାଣିଜ୍ୟ ଯୁଦ୍ଧ ଭାବରେ । ପରିଣତି- ସମଗ୍ର ବିଶ୍ୱବାସୀ ଆଜି ହନ୍ତସନ୍ତ ।

ସ୍ମରଣ କରାଯାଇପାରେ ମହିଷାସୁରର ନିଧନ ପରେ ଦେବଗଣଙ୍କ ଆନନ୍ଦ ଉଲ୍ଲାସକୁ, ଯାହା ଖୁବ୍ ଶୀଘ୍ର କ୍ଷଣସ୍ଥାୟୀ ପ୍ରମାଣିତ ହୋଇଥିଲା, କାରଣ ନୂଆ ନୂଆ ରାକ୍ଷସମାନେ ସୃଷ୍ଟି ହେଲେ, ଆଉ ପୁଣିଥରେ ଦେବତାମାନଙ୍କର ଆଧିପତ୍ୟ ଲୋପ ପାଇଲା । ସେମାନେ ପୁଣି ପରାଜିତ ହେଲେ । ତା' ପରେ ସେମାନେ କ'ଣ କଲେ ? ସେମାନେ ଆଉ ଗର୍ବ, ଅହଙ୍କାର, କ୍ରୋଧକୁ ନିଜର ଆୟ ଅଳଙ୍କାର ଭାବରେ ପରିଧାନ କଲେନାହିଁ । ସେମାନେ ହିମାଳୟର ଗଙ୍ଗା କୂଳରେ ବସି ଦେବୀଙ୍କ ନିକଟରେ ମଥାନତ କରି ପ୍ରାର୍ଥନା କଲେ- 'ହେ ମା', ତୁମେ ସବୁ ସଜୀବଙ୍କ ଶରୀରରେ ବଳ ଭାବରେ, ସ୍ମରଣ ଶକ୍ତି ଭାବରେ, ବୁଦ୍ଧି ଭାବରେ, କ୍ଷୁଧା ଭାବରେ, ସନ୍ତୁଷ୍ଟି ଭାବରେ ବିରାଜିତା । ଆମେ ଯାହାସବୁ ଦେଖୁଛୁ, ଯାହା ସବୁ ଅନୁଭବ କରୁଛୁ, ସେସବୁ କେବଳ ତୁମେ ।' ଏସବୁକୁ ସ୍ମରଣ କରାଇ ଦେବଗଣ ଆମକୁ ଯାହା ଶିକ୍ଷା ଦେଇଗଲେ, ତାହା ହେଉଛି- ପ୍ରକୃତି ବାହାରେ କିଛି ନୁହେଁ । ଅଥଚ ଆଜି ଆମେ ଏଇ ଶିକ୍ଷାକୁ ପାସୋରି ପ୍ରକୃତି ଉପରେ ଅବିଚାରିତ ଭାବରେ ଅତ୍ୟାଚାର କରି ଚାଲିଛେ । ଆମେ ଭୁଲି ଯାଉଛେ ଯେ ଅନ୍ନ କଣିକା, ଘରଚଟିଆ ଚଢ଼େଇ, ମାଟି, ମୌସୁମୀ ବର୍ଷା ଇତ୍ୟାଦି ସମସ୍ତେ ହେଉଛନ୍ତି ଦେବୀ । ଏମାନଙ୍କର ସମସ୍ତଙ୍କର ବିନାଶ କରିବାକୁ ଯାଇ ଆମେ ସୁରଙ୍କୁ ନୁହେଁ, ଆମନ୍ତ୍ରଣ କରି ଆଣୁଛେ ଅସୁରଙ୍କୁ । ଯେଉଁ ମାଟିରେ ଦେବୀଙ୍କ ମୂର୍ତ୍ତି ଗଢୁଛେ, ସେଇ ମାଟିକୁ ଆଜି କରୁଛେ ବିଷାକ୍ତ; ଯେଉଁ ପାଣିରେ ଆମେ ଦେବୀଙ୍କୁ ଆବାହନ କରୁଛେ, ସେଇ ପାଣିରେ ରାସାୟନିକ ରଙ୍ଗରେ ରଙ୍ଗାୟିତ ଦେବୀଙ୍କୁ ବିସର୍ଜନ କରି ତାକୁ କରୁଛେ ବିଷାକ୍ତ । ପ୍ରଦୂଷଣର ବିଷ ବଳୟ ସୃଷ୍ଟି କରି ଚାଲିଛି ଏଇ ମାନବ ସମାଜ, ଯଦିଓ ପୂଜା ଆଳରେ କୋଟି କୋଟି ଟଙ୍କାର ମଣ୍ଡପ, ତୋରଣମାନ ନିର୍ମାଣ କରି, ଦର୍ଶକମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରି ଅର୍ଥନୀତିକ ପ୍ରଗତି ହାସଲ କରୁଛି; ବିଭିନ୍ନ ବର୍ଗର କାରିଗରମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟାଉଛି, ତେବେ ଭୁଲି ଯାଉଛି ପ୍ରାକୃତିକ ସନ୍ତୁଳନର ପ୍ରସଙ୍ଗ ।

ଦୁର୍ଗା ସପ୍ତଶତୀର ତୃତୀୟ ଚରିତ ମନୁଷ୍ୟ ମନରୁ ଅନ୍ୟ ଏକ ଦ୍ୱନ୍ଦ୍ୱ: ଉତ୍ସର୍ଗ ବା ବଳିର ସ୍ୱଭାବ ସମ୍ପର୍କିତ ଦ୍ୱନ୍ଦ୍ୱକୁ ଦୂର କରିଛି । ଆଜିକା ସମୟରେ ଅବଶ୍ୟ ଅନେକ ଦେବୀ ପୀଠରେ ସରକାରଙ୍କ ଦ୍ୱାରା ଆଇନ କାନୁନ୍ କଡ଼ାକଡ଼ି ଭାବରେ ଲାଗୁ କରାଯିବା ପରେ ବଳି ପ୍ରଥା ବନ୍ଦ ହୋଇଛି, ତେବେ କିଛି କିଛି ସ୍ଥାନରେ ଲୋକମାନେ ଲୁଚାଚୋରାରେ ଏଇ ପ୍ରଥାକୁ ଜୀବିତ କରି ରଖିବାର ସମ୍ବାଦ ମଧ୍ୟ ମଝିରେ ମଝିରେ ଦୃଷ୍ଟିଗୋଚର ହୋଇଥାଏ ବା ଶୁଣିବାକୁ ମିଳିଥାଏ । କିନ୍ତୁ ଯେଉଁ ମନ୍ତ୍ରମତେ ଆମେ ନବରାତ୍ରି ପାଳନ କରୁଛେ, ତା' ଅନୁସାରେ ପ୍ରକୃତ ବଳି ତାହା ନୁହେଁ, ଅର୍ଥାତ୍ ନିଃସହାୟ ପ୍ରାଣୀମାନଙ୍କର ହତ୍ୟା ନୁହେଁ । ଦେବୀ କେବେହେଁ ଏହା ମାଗି ନାହାନ୍ତି । ସପ୍ତଶତୀ ସେଇ ଅଭିଳାଷୀମାନଙ୍କ ସମ୍ପର୍କରେ ବର୍ଣ୍ଣନା କରେ, ଯେଉଁମାନେ ଆହାର ଏବଂ ବିହାରକୁ ତ୍ୟାଗ କରନ୍ତି, ଯେଉଁମାନେ ସେମାନଙ୍କର ଯାଚନା ବା ଅର୍ପଣ ଭାବରେ ସେମାନଙ୍କର ସମ୍ପୃକ୍ତିକୁ ଉତ୍ସର୍ଗ କରନ୍ତି । ପ୍ରକୃତ ବଳି ହେଉଛି ତାହା, ଯାହାକୁ ଆମେ ଅଧିକରୁ ଅଧିକ ଆମ ସହିତ ଜାବୁଡ଼ି ଧରିଥାଉ: ଭୋଗ ବିଳାସ ଆମୋଦ ପ୍ରମୋଦରେ ଆମର ଅତ୍ୟଧିକ ଶାରୀରିକ ସମ୍ପୃକ୍ତି, ଆମ ଅହଂର ବଡ଼ିମା । ଆଜିକା ସମୟରେ ଏହା ଆମର ଲୋଭକୁ ବୁଝାଏ, ଯାହା ପରିହାର କରିବା ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ବଳି ବେଦୀରେ ଛେଳିକୁ ନୁହେଁ; ବରଂ ପ୍ଲାଷ୍ଟିକ୍‌କୁ, ଉଡ଼ାଜାହାଜରେ ଭ୍ରମଣକୁ, ଜୀବାଶ୍ମ ଜାଳେଣିର ବ୍ୟବହାର ଇତ୍ୟାଦିକୁ ବଳି ଦେବା ହିଁ ଦେବୀ ଉପାସନାରେ ପ୍ରକୃତ ବଳି ପ୍ରଦାନକୁ ବୁଝାଇବ । ମୋଟାମୋଟି ବଳି ନାମରେ ଏକ ନିରୀହ ପ୍ରାଣୀର ହତ୍ୟା କରିବା ନିଷ୍ଠୁରତା; ନିଜର କାମନା ଓ ଆତୁରତାର ନିଧନ କରିବା ହେଉଛି ପୂଜା । ଦେବୀଙ୍କର ଉପାସନା କରିବା ହେଉଛି ତାଙ୍କ ନୀତିର ବିରୋଧାଚରଣ କରୁଥିବା କାର୍ଯ୍ୟଗୁଡ଼ିକର ବିରୋଧ କରିବା: ସେହି ପ୍ରଥା ଯାହା 'ବଳି' ନାମରେ ହିଂସାଚରଣକୁ ଆମନ୍ତ୍ରଣ କରେ; ସେହି ପ୍ରଥା ଯାହା 'ପ୍ରଗତି' ନାମରେ ଶୋଷଣ ଓ ଲୁଣ୍ଠନକୁ ପ୍ରୋତ୍ସାହିତ କରେ । ଆହୁରି ମଧ୍ୟ ଦେବୀଙ୍କର ଉପାସନା କରିବା ଭିତରେ ସାମିଲ: ଶୋଧନ, ଯାହା ନିଜର ଆତ୍ମଶୁଦ୍ଧିକୁ ବୁଝାଏ; ଶୋଷଣ ଅର୍ଥାତ୍ ପ୍ରତ୍ୟେକଟି ସର୍ବଜନ ଉପକାରୀ କାର୍ଯ୍ୟକୁ ଗ୍ରହଣ କରିବା ଏବଂ କଷଣର ଦୂରୀକରଣ । ପରିଶେଷରେ ଜାଣି ରଖିବା ଉଚିତ ଯେ ଦେବୀ ଉପାସନା କେବଳ ଆମକୁ ନୁହେଁ, ଆମର ଉତ୍ତର ପିଢ଼ିକୁ ମଧ୍ୟ ଯାବତୀୟ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରିଥାଏ ଏବଂ ମୁକ୍ତି ହେଉଛି ଜ୍ଞାନ ଓ ଜ୍ଞାନ ହେଉଛି ପୁନରୁତ୍‌ଥାନ । ଯେ ପର୍ଯ୍ୟନ୍ତ ମଣିଷ ନିଜକୁ ଜାଣିନାହିଁ, ସେ ପର୍ଯ୍ୟନ୍ତ କୌଣସି ନଦୀର ଜଳ ପରିଷ୍କାର ରହିବ ନାହିଁ କି କୌଣସି ଜଙ୍ଗଲ ନିରାପଦ ରହିବ ନାହିଁ । ଦେବୀଙ୍କର ପୂଜା କରିବାର ଅର୍ଥ, ନିଜ ଭିତରେ ଥିବା ଆସୁରିକ ପ୍ରବୃତ୍ତିର ନିଧନ କରିବା, ନିଜ ଉପରେ ବିଜୟ ହାସଲ କରିବା; ଆଉ ତାହା ହୋଇ ପାରିଲେ ସର୍ବତ୍ର ବିରାଜମାନ କରିବ ଶାନ୍ତିର ଲହରୀ । ■

# ମୋହ ରୂପୀ ମହିଷାସୁର

ରଶାକ୍ଷର ମହାପରାକ୍ରମୀ ପୁତ୍ର ଥିଲା ଦୈତ୍ୟ ଚିତ୍ରସେନ । ମହିଷ ଉପରେ ଆରୂଢ଼ ହୋଇ ଶିକାର କରିବା ତା'ର ସ୍ୱତନ୍ତ୍ର ରଚି ଥିଲା । ଏକଦା ଚିତ୍ରସେନ ମହିଷ ଉପରେ ଆରୂଢ଼ ହୋଇ ଗଙ୍ଗା ତଟରେ ଜଳପକ୍ଷୀମାନଙ୍କୁ ଶିକାର କରିବା ପାଇଁ ଆସିଲେ । ଭାଗୀରଥି ତଟରେ ଋଷି ଦୁର୍ବସା ସମାଧିସ୍ଥ ଥିଲେ । ସେହି ବାଟଦେଇ ଗଲାବେଳେ ଦୈତ୍ୟ ଚିତ୍ରସେନଙ୍କ ମହିଷର ଖୁରା ଋଷି ଦୁର୍ବାସାଙ୍କ ଉପରେ ପଡ଼ିଗଲା । ଋଷି କ୍ରୋଧରେ ଚିତ୍ରସେନଙ୍କୁ ଅଭିଶାପ ଦେଲେ- 'ତୁ ସବୁବେଳେ ମହିଷ ରୂପ ହୋଇ ରହ ।' ସମସ୍ତ ଘଟଣା ଗୁରୁ ଶୁକ୍ରାଚାର୍ଯ୍ୟ ଜାଣିଲେ । ଭଗବାନ ଶଙ୍କରଙ୍କୁ ଆରାଧନା କରିବାକୁ ପରାମର୍ଶ ଦେଲେ । ମହିଷ ଭଗବାନ ଶଙ୍କରଙ୍କଠାରୁ ବର ପାଇଲେ ଯେ ସେ କେବଳ ସ୍ତ୍ରୀଲୋକ ହାତରେ ବଧ ହେବ । ଶଙ୍କରଙ୍କଠାରୁ ବର ପାଇବା ପରେ ସେ ସ୍ୱର୍ଗ ଆକ୍ରମଣ କରି ଇନ୍ଦ୍ର ପଦକୁ ଅଧିକାର କଲା । ଦେବତାମାନେ କ୍ରୋଧିତ ହେଲେ । ସମସ୍ତ ଦେବତାଙ୍କ ମୁଖରେ ଏକ ତେଜ ପ୍ରକଟିତ ହେଲା ଏବଂ ସମସ୍ତ ତେଜପୁଞ୍ଜ ଏକ କନ୍ୟାର ରୂପ ନେଲା । ଦେବତାମାନେ ନିଜ ନିଜର ଆୟୁଧକୁ ଉକ୍ତ ତେଜମୟୀ କନ୍ୟାଙ୍କୁ ପ୍ରଦାନ କଲେ । ସେ କନ୍ୟା ସିଂହାରୂଢ଼ା ହୋଇ ବିନ୍ଧ୍ୟାଚଳକୁ ଗଲେ ଏବଂ ସେଠାରେ ତପସ୍ୟା କଲେ । କିଛି ଦିନ ପରେ ଦୈତ୍ୟ ଚିତ୍ରସେନ ବିନ୍ଧ୍ୟାଚଳରେ ପହଞ୍ଚି ଉକ୍ତ କନ୍ୟାର ସୌନ୍ଦର୍ଯ୍ୟରେ ମୁଗ୍ଧ ହେଲେ ଏବଂ ନିଜର ଭାର୍ଯ୍ୟା କରିବା ପାଇଁ ପ୍ରସ୍ତାବ ଦେଲେ । ଏହା ଶୁଣି ଦେବୀ କ୍ରୋଧାନ୍ୱିତ ହେବା ସହିତ ତା'ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ତା'ପରେ ଭୟଙ୍କର ଯୁଦ୍ଧ ବି ହେଲା । ମହିଷାସୁରର ସେନାବାହିନୀ ମୃତ୍ୟୁବରଣ କଲେ । ଦୈତ୍ୟ କ୍ରୋଧାନ୍ୱିତ ହୋଇ ନିଜ ଶିଙ୍ଗରେ ଶିଳାଖଣ୍ଡମାନ ଦେବୀଙ୍କ ଉପରକୁ ନିକ୍ଷେପ କଲା । ଏହା ଦେଖି ଦେବୀ ମହିଷାସୁରର ପିଠି ଉପରେ ଚଢ଼ି ଭୟଙ୍କର ପ୍ରହାର କଲେ । ଏଥିରେ ଦୈତ୍ୟ ଲହୁଲୁହାଣ ହୋଇ ଆକାଶ ଆଡ଼କୁ ଉଠିବାକୁ ଆରମ୍ଭ କରିବା ମାତ୍ରେ ଦେବୀଙ୍କ ତେଜରେ ଏକ ସିଂହ ପ୍ରକଟିତ ହୋଇ ଦୈତ୍ୟର ଗୋଡ଼କୁ ଟାଣି ଧରିଲା । ଏହି ସମୟରେ ଇନ୍ଦ୍ର ପ୍ରକଟିତ ହୋଇ ଦେବୀଙ୍କୁ ଖଡ୍‌ଗ ଦେଲେ । ଦେବୀ ସେହି ଖଡ୍‌ଗରେ ମହିଷର ମୁଣ୍ଡକୁ ଶରୀରରୁ ବିଚ୍ଛିନ୍ନ କରିଦେଲେ । ବରପ୍ରାପ୍ତି ଅନୁସାରେ ଦୈତ୍ୟ ତୁରନ୍ତ ଢାଲ ଓ ଖଡ୍‌ଗ ଧରି ଏକ ତେଜସ୍ୱୀ ପୁରୁଷ ରୂପରେ ପ୍ରକଟିତ ହେଲା । ଦେବୀ ତୁରନ୍ତ ତା'ର କେଶାଗ୍ରକୁ ଧରିନେଲେ ଏବଂ ବିନାଶ କରିବା ପାଇଁ ଖଡ୍‌ଗ ଉତ୍ତୋଳନ କରିବା ସମୟରେ ଦୈତ୍ୟ ସ୍ତୁତି ଆରମ୍ଭ କଲା । ଦେବୀ ଅଡୁଆରେ ପଡ଼ିଲେ । ଦେବତାମାନେ ଅସୁରକୁ ବିନାଶ କରିବା ପାଇଁ ପ୍ରାର୍ଥନା କଲେ । ଦେବୀ କହିଲେ- 'ହେ ଦେବତାମାନେ ! ମୁଁ ଏହାକୁ ବିନାଶ କରିବି ନା ଛାଡ଼ିବି ? ବରଂ ଏହାର କେଶାଗ୍ରକୁ ଧରି ନିୟନ୍ତ୍ରଣରେ ରଖିବି ।' ଏହା ସ୍କନ୍ଦ ପୁରାଣର ନାଗର ଖଣ୍ଡରେ ବର୍ଣ୍ଣନା କରାଯାଇଛି ।

ପାଠକେ, ଏବେ ବି ଏ ମହିଷାସୁର ଜୀବିତ । ସମସ୍ତଙ୍କ ହୃଦୟରେ ଏହି ଦୈତ୍ୟର ରାଜୁତି । ଏହି ଦୈତ୍ୟ ହିଁ ମଣିଷ ଜୀବନର କାମ, କ୍ରୋଧ, ଲୋଭ, ମଦ । ଅସନ୍ତୁଷ୍ଟ ମଣିଷ ପାଖରେ ଲୋଭ ଅତ୍ୟନ୍ତ ପ୍ରବଳ ହୋଇଥାଏ । ଲୋଭୀ ଲୋକକୁ ବାଧା ଦେଲେ କ୍ରୋଧ ଆତ୍ମପ୍ରକାଶ କରେ । ମାଆ ଦୈତ୍ୟର ମସ୍ତକକୁ ବିଚ୍ଛିନ୍ନ କଲା ପରେ ବି ସେ ଆଉ ଏକ ନୂଆ ରୂପରେ ଉଭା ହେଲା । ଏହାର ତାତ୍ପର୍ଯ୍ୟ ହେଲା, ମୋହ ରୂପୀ ମହିଷାସୁରକୁ ବିନାଶ କଲା ପରେ ବି ମୋହ ଏକ ନୂଆ ରୂପରେ ପ୍ରକଟିତ ହୁଏ । କିନ୍ତୁ ମାଆ ମହିଷାସୁରକୁ ବଧ ନକରି ନିଜ ନିୟନ୍ତ୍ରଣରେ ରଖିଲେ । ଏହାର ଅର୍ଥ ଆମ ସମସ୍ତ ଦୁର୍ଗୁଣକୁ ବିବେକ ଶକ୍ତି ବଳରେ ନିଜ ଆୟତ୍ତରେ ରଖିବା ଉଚିତ୍ ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ଗୋଡ଼ିପଲ୍ଲି ପେଟ୍ରୋଲ୍ ପମ୍ପ ନିକଟରେ ଭୟଙ୍କର ଦୁର୍ଘଟଣା

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଯୁବକ ମୃତ

**ଓଡ଼ଗାଁ,୩୦।୯/ଏନ୍ଏନ୍ଏସ୍:** ପବିତ୍ର ଦୁର୍ଗାପୂଜା ପାଇଁ ଓଡ଼ଗାଁ ସହର ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କାହୋଇ ୩ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁଘଟିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଦୁଇ ବାଇକ୍ ୧୦ ଫୁଟ ଉପରକୁ ଉଠି ତଳେ କଚାଡି ହୋଇ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ମୃତକଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡ଼ାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ ।ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ସାଢେ ୧୨ଟା ସମୟରେ ଓଡ଼ଗାଁରୁ ଏକ ଟିଭିଏସ୍ ରାଇଡ଼ର ଗାଡ଼ିନଂ ଓଡ଼ି ୨୯ପି-୨୪୪୫ ଗଞ୍ଜାମ ଅଭିମୁଖେ ଯାଉଥିବାବେଳେ ବିପରିତ ଦିଗରୁ ନୟାଗଡ଼ ଅଭିମୁଖେ ଆସୁଥିବା ଏକ ବୁଲେଟ ଗାଡ଼ିନଂ ଓଡ଼ି୨୫କ୍ୟୁ-୯୨୮୫ ମଧ୍ୟରେ ଓଡ଼ଗାଁ ଗୋଡ଼ିପଲ୍ଲୀ ବନବିହାରୀ ଫିଲିଂ ଷ୍ଟେସନ ନିକଟରେ ଦୁର୍ଘଟଣା ଘଟିଥିଲା । ଦୁଇଗାଡ଼ି ଦ୍ରୁତ ଗତିରେ ଯାଉଥିବାରୁ ଉଭୟଙ୍କ ମଧ୍ୟରେ ଧକ୍କା ହୋଇ ଗାଡ଼ିଦୁଇଟି ୧୦ ଫୁଟ ଉପରକୁ ଉଠି ଯାଇଥିଲା । ଟିଭିଏସ୍ ରାଇଡ଼ର ଗାଡ଼ିରେ ଥିବା ଦୁଇଜଣ ଓ ବୁଲେଟ ଗାଡ଼ି ଚାଳକଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ।ରାସ୍ତା ଉପରେ ରକ୍ତର ନଦୀ ବହିଥିଲା ।ଦୁଇଟି ବାଇକ୍ ଚୁରମାର ହୋଇ ଗୋଡ଼ଉପରେ ମାଡ଼ି ବସିଥିବାରୁ ସ୍ଥାନୀୟ ଲୋକେ, ପୁଲିସ ଓ ଅଗ୍ନିସମ ବିଭାଗ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ଡ଼ାକ୍ତର ସମସ୍ତଙ୍କୁ ମୃତଘୋଷଣା କରିଥିଲେ ।ବୁଲେଟ୍ ଗାଡ଼ିଟି ଓଡ଼ଗାଁ ଥାନା ବାଣ୍ଡପୁର ପଞ୍ଚାୟତ ଚେମେଡ଼ି ଗ୍ରାମର ଭଗବାନ ବାରିକଙ୍କ ପୁଅ ମୋହନ ବାରିକ (୨୮) ବୋଲି ଜଣାପଡ଼ିଛି । ସେହିପରି ଟିଭିଏସ ରାଇଡ଼ର ଗାଡ଼ିଟି ଗଞ୍ଜାମ ଜିଲ୍ଲା କରସିଙ୍ଗ ଗ୍ରାମର ସିଲୁ ନାୟକ (୨୫) ଏବଂ ବାଇକ୍ ପଛରେ ବସିଥିବା କେନ୍ଦ୍ରାପଡ଼ା ଜିଲ୍ଲା ବଗଡ଼ା ଗ୍ରାମର ସନ୍ତୋଷ ରାଉତ (୩୫) ବୋଲି ପୁଲିସ ଜାଣିବାକୁ ପାଇଛି ।ସନ୍ତୋଷ ନିଜ ମାମୁଘର କରସିଙ୍ଗରୁ ମାମୁଁପୁଅ ଭାଇ ସିଲୁ ସହିତ ଓଡ଼ଗାଁ ଆସି ମାଁସଧରି ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।ଏନେଇ ଓଡ଼ଗାଁ ଥାନାରେ ଏକ ମାମଲା ରୁଜୁହୋଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।



## ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ମେଢ଼ ବିସର୍ଜନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

**ପୁରୀ,୩୦।୯/ଏନ୍ଏନ୍ଏସ୍:** କେବଳ ଦୁର୍ଗାପୂଜା ବିସର୍ଜନ ନୁହେଁ,କାଳୀ, ଗଜଲକ୍ଷ୍ମୀ, ଗଣେଶ ପ୍ରଭୃତି ଦେବାଦେବୀଙ୍କ ବିସର୍ଜନ ସମୟରେ ନିଶାପାନ, ନିଶାସକ୍ତ ଗୋଷ୍ଠୀଙ୍କ ଉଦଣ୍ଡ ନୃତ୍ୟ ଓ ଅରୁଚିକର ସଂଗୀତ,ଉକ୍ଟ ଶବ୍ଦ ଆମ ସଂସ୍କୃତିକୁ ବିକୃତ କରୁଥିବାରୁ , ସରକାର ଏହା ଉପରେ ଅଂକୁଶ ଲଗାନ୍ତୁ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନ, ମଠ-ମନ୍ଦିର ବିକାଶ ଓ ସୁରକ୍ଷା ସଂଘ, ନିର୍ମାଲ୍ୟ, ଭକ୍ତି ନିର୍ମାଲ୍ୟ ଓ ମିଶନ ଓଡ଼ିଶା ଆଦି ଅନୁଷ୍ଠାନ ଉପ ମୁଖ୍ୟମନ୍ତ୍ରୀଙ୍କ ଠାରେ ନିବେଦନ ରଖିଛନ୍ତି ।

ପୂଜାପାଠର ମନ୍ତ୍ର, ମୃଣ୍ମୟ ମୂର୍ତ୍ତି, ତିଥି ଇତ୍ୟାଦି ବଦଳିନଥିବା ବେଳେ, ବିସର୍ଜନ ଭସାଣି ରେ ଶାନ୍ତି ଶୃଙ୍ଖଳା ବଦଳିବା ଆରମ୍ଭ କରିଛି । ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ମନାନ୍ତର ବୃଦ୍ଧି ହୋଇ ଅପରାଧ ଓ ହିଂସାକାଣ୍ଡ ସୃଷ୍ଟି କରୁଛି । ଏଣୁ ଆଧୁନିକତା ବଦଳରେ ଆଧାତ୍ମିକତା ଉପରେ ସରକାର ଗୁରୁତ୍ୱ ଦେବାକୁ ମହିପ୍ରକାଶ ମଠାଧୀଶ ଶୁଭାନନ୍ଦ ମହାରାଜ, ରାଧାବଲ୍ଲଭ ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ, ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ର, ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ର, କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଓ ସମାଜ ସଂଗଠକ ମଧୁସୂଦନ ମିଶ୍ର , ସରକାର, ଜନସାଧାରଣ ଓ ବିଭିନ୍ନ ଦେବୀ ମଣ୍ଡପ ର ମୁଖିଆମାନଙ୍କୁ ନିବେଦନ ରଖିଛନ୍ତି । ଯଦି ଦେବୀ ବିସର୍ଜନ ରେ ବିଶୃଙ୍ଖଳା ପରିଲକ୍ଷିତ ହୁଏ, ତେବେ ସଂଗଠନ, ଆଗାମୀ ଦିନରେ ବିଚାରାଳୟ ଯିବ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନ ର ରାଜ୍ୟ ସଭାପତି ବଦ୍ରି ମିଶ୍ର ଜଣାଇଥିଲେ ।

## ୧୮ ଦିନ ପରେ ମିଳିଲା ନିଖୋଜ ନାବାଳକର ସନ୍ଧାନ

**ଓଡ଼ଗାଁ,୩୦।୧୦/ଏନ୍ଏନ୍ଏସ୍:** ଓଡ଼ଗାଁ ରଘୁନାଥ ବିଦ୍ୟାପୀଠର ଦଶମଶ୍ରେଣୀ ଛାତ୍ର ବାଦଲ ସାହାଣୀ (୧୫) ଆଜକୁ ୧୮ ଦିନହେବ ନିଖୋଜ ଥିଲା । ପରିବାର ଲୋକେ ବହୁ ଖୋଜାଖୋଜି କରି ପୁଅକୁ ନପାଇ ଓଡ଼ଗାଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବାପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ଶେଷରେ ପୁଲିସ ସାଇବର ଏକ୍ସପର୍ଟ ଟିମ୍ର ସାହାଯ୍ୟ ନେଇ ନାବାଳକକୁ ଧରିବାକୁ ଆପ୍ରାଣ ଉଦ୍ୟମ କରିଥିଲା । କୌଣସି ସୂତ୍ରରୁ ଖବରପାଇ ଓଡ଼ଗାଁ ଆଇଆଇସି ଅଭୟ ବେହେରା ଗତକାଲି ଦିଲ୍ଲୀରେ ପହଞ୍ଚି ବାଦଲକୁ ଠାବ କରିବାରେ ସଫଳ ହୋଇଛନ୍ତି । ନାବାଳକକୁ ଆଜି ଦିଲ୍ଲୀରୁ ଓଡ଼ିଶା ଆଣିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ଓଡ଼ଗାଁ ଥାନା ଅଧିକାରୀ ଅଭୟ କୁମାର ବେହେରାଙ୍କ ପ୍ରଚେଷ୍ଟା ପାଇଁ ଏହା ସମ୍ଭବ ହୋଇଥିବା ବାଦଲର ପରିବାର ଲୋକେ କହିଛନ୍ତି ।



## ବିଜେପି ପକ୍ଷରୁ ସେବାଶ୍ରମରେ କମ୍ବଳ ବଣ୍ଟନ ଓ ବୃକ୍ଷରୋପଣ

**ବୋଲଗଡ଼ ୩୦।୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଆରିକମାସ୍ଥିତ ମହିଳା ଗୋଷ୍ଠି ପରିଚାଳନା ସଙ୍ଘ ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ସେବାଶ୍ରମ ଠାରେ ଭାରତୀୟ ଜନତା ପାର୍ଟି ବୋଲଗଡ଼ଙ୍କ ପକ୍ଷରୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ ସହିତ ଜସ୍ୱସୀ ପ୍ରଧାନ ମନ୍ତ୍ରୀ ମୋଦିଜୀଙ୍କ ଜନ୍ମ ଦିବସ ସେବା ପକ୍ଷ ଅବସରରେ 'ମା ପାଇଁ ଗଛ ଟିଏ' ବୃକ୍ଷରୋପଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ସେବାଶ୍ରମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ରବୀନ୍ଦ୍ର ନାଥ ମହାପାତ୍ର ଓ ଅଧକ୍ଷା ମଞ୍ଜୁଲତା ମହାପାତ୍ରଙ୍କ ମିଳିତ ଉପସ୍ଥିତିରେ ବରିଷ୍ଠ ନାଗରିକ ସେବାଶ୍ରମର ୨୮ଜଣ ମହିଳା ଓ ୨୨ପୁରୁଷ ଅନ୍ତେବାସୀଙ୍କୁ କମ୍ବଳ ସହ ଶୁଖିଲା ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏଥିରେ ଜିଲ୍ଲା ବିଜେପି ପୂର୍ବତନ ସାଧାରଣ ସମ୍ପାଦକ ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକଙ୍କ ସମେତ ବୋଲଗଡ଼ ମଣ୍ଡଳ ସମ୍ପାଦକ ଚଇ ପଟ୍ଟନାୟକ, ମଣ୍ଡଳ ସଭାପତି ସଞ୍ଜୟ ବେହେରା, ଅନ୍ୟତମ ମଣ୍ଡଳ ସଭାପତି ଅଶୋକ ରାଉତ, ଶଶାଙ୍କ ଭୁଜବଳ, ଦୀପନ ବିଶ୍ୱାଳ, ନିରଞ୍ଜନ କର, ଲକ୍ଷ୍ମୀଧର ବଳିଆରସିଂହ, ନିରଞ୍ଜନ ପ୍ରଧାନ, ସର୍ବେଶ୍ୱର ମହାପାତ୍ର, ଜଗବନ୍ଧୁ ମୁଦୁଲି, ପ୍ରକାଶ ବେହେରା, ଅଭିମନ୍ୟୁ ପଟ୍ଟନାୟକ, ରାଜକିଶୋର ବେହେରା, ବିନୋଦ ମହାରଣା, ରଣଜିତ ଚମ୍ପତି, ରଘୁନାଥ ବାରିକ ଓ ପ୍ରମୋଦ ମାନଧାତା ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀ ଯୋଗଦେଇ ବଣ୍ଟନ ପ୍ରକ୍ରିୟାରେ ସହଯୋଗ କରିଥିଲେ ।

## ୩୩ତମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବେଗୁନିଆ,୩୦।୯/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ପରିଛଳ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ୩୩ତମ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ୍ର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟ ବାଙ୍କୀ ଆଥଲିଟ ଆସୋସିଏସନ୍ ଯଦୁପୁର କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା । ଉକ୍ତ ମ୍ୟାଚ୍ ରେ ନିର୍ଦ୍ଧାରିତ ୨୦ ଓଭରରେ ଟସ୍ ଜିତି ବାଙ୍କୀ ଆଥଲିଟ ଆସୋସିଏସନ୍ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ବିନିମୟରେ ୧୮୦ ରନ କରିଥିଲେ । ଜବାବରେ ଯଦୁପୁର କ୍ରିକେଟ ଟିମ୍ ୧୭ ଓଭରରେ ୧୮୧ ରନ ସଂଗ୍ରହ କରି ଜିତିଥିଲା । ଫାଇନାଲ ପ୍ରବେଶ କରିଛି ମ୍ୟାନ ଅଫ ଦି ମ୍ୟାଚ୍ ବିବେକ ସାହୁ ସିରିଜ୍ ହୋଇଥିଲେ ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ତ୍ରି ଲୋଚନ ବାଘସିଂହ, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ଆମ୍ପେୟର ଶ୍ରୀନିବାସ ବାରିକ, ଅନୁପ କୁମାର ଜେନା, ପରିଚାଳନା କରିଥିଲେ । ଆସନ୍ତାକାଲି ମ୍ୟାଚ ରେ ଦ୍ୱିତୀୟ ସେମି ଫାଇନାଲ ଆଇ. ଆର.ସି ଭୁକେଦ ଭୁବନେଶ୍ୱର ବନାମ ମେଣ୍ଢାଶାଳ କ୍ରିକେଟ ଆସୋସିଏସନ୍ ମଧ୍ୟରେ ହେବ ।

## ବୟାଳିଶମୌଜାରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୩୦।୯/ଏନ୍ଏନ୍ଏସ୍:** ୪୨ମୌଜା ସ୍ଥିତ ଝିଙ୍କିରିଆ ଦୁର୍ଗା ପୂଜା କମିଟି ପକ୍ଷରୁ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅଗ୍ରଣୀ ସାମାଜିକ ସଂଗଠନ 'ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ'ର ସଭାପତି ମନୋଜ କୁମାର ନାୟକ ଯୋଗ ଦେଇ ସାମ୍ବାଦିକ ଦୀପକ ଆଚାର୍ଯ୍ୟ, ନିରଞ୍ଜନ ଆଚାର୍ଯ୍ୟ, ଚନ୍ଦନ ମହାନ୍ତି, ବିଶ୍ୱ ରଞ୍ଜନ ଦାସ, ତୁଷାର ମହାନ୍ତି ଓ ଶିବାନୀ ମୁଦୁଲି ପ୍ରଭୃତି ବହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଶେଷରେ ବଜାର କମିଟି, ପୂଜା କମିଟି, ଗ୍ରାମ୍ୟ କମିଟିର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଭିନେତା ମିଟୁ ମିଥୁନ ପୂଜା ମଣ୍ଡପ ବୁଲି ମା'ଙ୍କୁ ଦର୍ଶନ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଥିଲା ।

## ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବାରଙ୍ଗ ବିଜୟୀ

**ବୋଲଗଡ଼,୩୦।୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀ ବର କବାଡି ଖେଳ ପଡିଆରେ ମା'ରାମଚଣ୍ଡୀ କବାଡି ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୫ତମ ରାଜ୍ୟସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ନୟାଗଡ଼ ଜିଲ୍ଲା ଡମସାହି କବାଡି ଟିମକୁ ୨୨ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ବାରଙ୍ଗ କବାଡି ଟିମ ବିଜୟୀ ହୋଇଛି ।ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ଡମସାହି ଟିମ ୩ପଏଣ୍ଟ ହାସଲ କରିଥିବା ବେଳେ ବାରଙ୍ଗ କବାଡି ଟିମ ୧୦ପଏଣ୍ଟ ପାଇ ଆଗୁଆ ରହିଥିଲା । ତେବେ ଖେଳର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଡମସାହି ଟିମ ୧୦ପଏଣ୍ଟ ପାଇଥିବା ବେଳେ ବାରଙ୍ଗ ଟିମ ୩୨ପଏଣ୍ଟ ହାସଲ କରି ମ୍ୟାଚ ବିଜୟୀ ହୋଇଛି । ରେଫରୀ ଭାବେ ଭାଗିରଥୀ ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିଆରସିଂହ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ପୃଥୀ ବଲ୍ଲବ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜିବି ଲୋତକ ବିନ୍ଦୁ ପଟ୍ଟନାୟକ, ମାଧବ ଚନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ପାତ୍ର, ମହମ୍ମଦ ମହିଉଦ୍ଦିନ ଏହମଦ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଗୁଣନିଧି ପାଇକରାୟ, ପ୍ରଦୀପ ପଟ୍ଟନାୟକ, ବିଶ୍ୱରଂଜନ ବିଶ୍ୱାଳ, ପ୍ରଭାତ ରାୟଗୁରୁ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପଟିଆ କବାଡି ଟିମ ଏବଂ ଭୁବନେଶ୍ୱର ୟୁନିଟ-୯ କବାଡି ଟିମ ମଧ୍ୟରେ ଅନୁଷ୍ଠିତ ହେବା ପାଇଁ ଆୟୋଜକ ସୁରେଶ କୁମାର ସାମନ୍ତରାୟଙ୍କ ପକ୍ଷରୁ ସୂଚନା ମିଳିଛି ।

## 'ଏଇ ସହକାର' ଶାରଦୀୟ ସଂଖ୍ୟା ଲୋକାର୍ପିତ




**ପୁରୀ,୩୦।୯/ଏନ୍ଏନ୍ଏସ୍:** କବିତା ମଣିଷକୁ ରୂପାନ୍ତରିତ କରେ, ବାଉଁଶକୁ ବଇଁଶୀରେ ବଦଳାଇ ଦିଏ । ଜଣେ ଅସୁର କବିତାର କାଶତଣ୍ଡୀ ସ୍ପର୍ଶରେ ଆସିଲେ ଦେବୀ ଉପାସନାରେ ମଗ୍ନ ହୋଇଯାଏ । ଏଇ ସହକାର ସାହିତ୍ୟ ପତ୍ରିକାର ଶାରଦୀୟ ସଂଖ୍ୟା ଲୋକାର୍ପିତ ହେବା ଅବସରରେ ବିଶିଷ୍ଟ ଅତିଥି ମାନେ ଏପରି ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ସ୍ୱଦେଶ ଛାତ୍ରାବାସ ପରିସରରେ ମାନସିଂହ ସାହିତ୍ୟ ସଂସଦ,ନନ୍ଦଳା ଦ୍ୱାରା ଆୟୋଜିତ ଲୋକାର୍ପଣ ଉତ୍ସବ ଓ କବିତା ପାଠୋତ୍ସବରେ ଶିକ୍ଷାବିତ୍ ଚଣ୍ଡେଶ୍ୱର ମହାପାତ୍ର ଅଧକ୍ଷତା କରି ଏହି ପତ୍ରିକାର ଶତାୟୁ କାମନା କରିବା ସହିତ ଲେଖକମାନେ ନିଜ ଲେଖାରେ ସାମାଜିକ ପ୍ରତିବଦ୍ଧତା ପ୍ରକାଶ କରିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି କବି ଓ ସମାଲୋଚକ ଡ଼କ୍ଟର ଦିଲୀପ କୁମାର ସ୍ୱାଇଁ କବିତା ଆଞ୍ଚଳିକତା ରୁ ବିଶ୍ୱମୁଖିନତା ଆଡ଼କୁ ଅଗ୍ରସର ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ ।

ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜ୍ର ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର କୁମାର ବେହେରା ଯୋଗଦେଇ କବିତା ମାଧ୍ୟମରେ ମଣିଷର କାରୁଣ୍ୟ ଅମୃତରେ ପରିଣତ ହୋଇଯାଏ ବୋଲି ମତଦେଇଥିଲେ । ଗୀତ ଓ କବିତା ଜୀବନର ଦୁଇଟି ଧାର ବୋଲି ସେ ମତବ୍ୟକ୍ତ କରି ଲୋକାର୍ପିତ ପତ୍ରିକାର ବିଶେଷତ୍ୱ ବିଶ୍ଳେଷଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସନ୍ନ୍ୟାସୀ ନାୟକ, କାମଦେବ ମହାରଣା, ଗିରିଜା ଶଙ୍କର ସେଠୀ, କୁମାର ବାଳକୃଷ୍ଣ, ରାଧାମୋହନ ପୂଜାହାରୀ, ଶିବାନୀ ଜେନା, ଝରଣା ସାହୁ, ଉମେଶ ବେହେରା, ନିରଞ୍ଜନ ମହାରଣା, ନାରାୟଣ ସାହୁ, ପ୍ରଶାନ୍ତ ମଲ୍ଲିକ, ସୌମ୍ୟରଞ୍ଜନ ମଲ୍ଲିକ, ସତ୍ୟପ୍ରସାଦ ପଟ୍ଟନାୟକ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ । ପତ୍ରିକାର ସମ୍ପାଦକ କବି ଲଳିତ ସ୍ୱାଇଁ ପତ୍ରିକା ପ୍ରକାଶନର ଆହ୍ୱାନ ଓ ଆନନ୍ଦ ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

## ମା' ଶିଖରବାସିନୀଙ୍କ ବାର୍ଷିକ ଉତ୍ସବ



**ବୋଲଗଡ଼,୩୦।୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଫାସଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ମା'ଶିଖର ବାସିନୀ ମନ୍ଦିର ପରିଚାଳନା କମିଟି ଓ ଟାଙ୍ଗୀସାହି ଗ୍ରାମବାସୀମାନଙ୍କ ମିଳିତ ଆନୁକୂଲ୍ୟରେ ମା'ଶିଖର ବାସିନୀଙ୍କ ଶାରଦୀୟ ବାର୍ଷିକ ଉତ୍ସବ ୪ ଧରି ମହାଡମ୍ବର ସହକାରେ ପାଳିତ ହେଉଛି । ଉତ୍ସବର ପ୍ରଥମ ଦିବସରେ ଗ୍ରାମର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିବା ବେଳେ ବରିଷ୍ଠ ପୂଜକ ଅଚ୍ୟୁତ ପଣ୍ଡାଙ୍କ ଦ୍ୱାରା ଘଟ ସ୍ଥାପନ, ବିଘ୍ନ ପ୍ରତିଷ୍ଠା, ସୂର୍ଯ୍ୟ ପୂଜା, ଗୋ ପୂଜା, ସମସ୍ତ ଦେବାଦେବୀ ପୂଜା କରି ହୋମ ଯଜ୍ଞ କରାଯାଇଥିଲା ।ଟାଙ୍ଗୀସାହି ଗ୍ରାମ ତଥା ବିଶ୍ୱର କଲ୍ୟାଣ ନିମନ୍ତେ ପୂଜକ ଶ୍ରୀ ପଣ୍ଡାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତ ଓ ନିମନ୍ତ୍ରିତ ଅତିଥିମାନେ ହୋମ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ମା'ଶିଖର ବାସିନୀ ଶାରଦୀୟ ବାର୍ଷିକ ଉତ୍ସବରେ ହରିହର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତାଭାବେ ପୂର୍ବତନ ବ୍ଲକ ଅଧକ୍ଷ ବାନାମ୍ବର ମାଝୀ ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ପୁଷ୍ପଲତା ଭଞ୍ଜ, ଶୁଭେନ୍ଦୁ କୁମାର ସାହୁ, ସମାଜ ସେବୀ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ କ୍ଷ ଉଦଘାଟନୀ ଉତ୍ସବର ପ୍ରଥମ ଦିବସରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ସାମାଜିକ ନାଟକ 'କାନ୍ଦେନା ଲୁହ ସରିଯିବ' ମଞ୍ଚସ୍ଥ କରାଯାଇଥିଲା ।

କାର୍ଯ୍ୟକ୍ରମକୁ ମା' ଶିଖର ବାସିନୀ ଯାତ୍ରା କମିଟିର ସଭାପତି ଦୀନବନ୍ଧୁ ସାମନ୍ତରାୟ, ଉପସଭାପତି ବାସୁଦେବ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ବିରଞ୍ଚି ସାହୁ, ସମ୍ପାଦକ ଜନ୍ମେଜୟ ମାଝୀ, ସୁକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ସେବାୟତ ନିଯୋଗକୁ ସମ୍ବର୍ଦ୍ଧନା

**କାକଟପୁର,୩୦।୯/ଏନ୍ଏନ୍ଏସ୍:** ଶାରଦୀୟ ପାର୍ବଣ ପାଇଁ ପୁରୀଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ଙ୍କ ପୀଠ ବେଶ ଚଳଚଞ୍ଚଳ ହୋଇପଡିଛି । ସୋମବାର ମା'ଙ୍କର ପବିତ୍ର ମହାଷ୍ଟମୀ ତିଥିରେ ମହିଷା ମର୍ଦ୍ଦିନୀ ବେଶ ଅନୁଷ୍ଠିତ ହୋଇଥିବାବେଳେ ମଙ୍ଗଳା ମନ୍ଦିର ପରିସରରେ କାକଟପୁର ସାମାଜିକ ଓ ସାଂସ୍କୃତିକ ବିକାଶ ପରିଷଦ ପକ୍ଷରୁ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗାୟକ ଓ ଗାୟିକାଙ୍କ ଦ୍ୱାରା ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପରିଷଦର ସଭାପତି ତଥା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ମା' ମଙ୍ଗଳା ସେବାୟତ ନିଯୋଗର ସମସ୍ତ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ମହାଷ୍ଟମୀ ଦିନ ଉକ୍ତ କାର୍ଯ୍ୟକ୍ରମକୁ ଆହୁରି ରୁଚିମନ୍ତ କରାଯିବା ସହିତ ପରିଷଦ ପକ୍ଷରୁ ୫ହଜାର ଭକ୍ତଙ୍କ ପାଇଁ ନିଃଶୁଳ୍କ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ସେଠୀ ମଞ୍ଚରେ ଘୋଷଣା କରିଥିଲେ । ଉକ୍ତ ଟ୍ରଷ୍ଟରେ କାକଟପୁର ଅଞ୍ଚଳର ସମସ୍ତ ଯୁବଗୋଷ୍ଠୀମାନଙ୍କୁ ସାମିଲ କରାଯିବା ସହିତ ଏହା କାକଟପୁରରେ ଏକ ଜନଆନ୍ଦୋଳନ ସୃଷ୍ଟି କରିବ ବୋଲି ପରିଷଦର ସମ୍ପାଦକ ତଥା କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ପ୍ରକାଶ କରିଥିଲେ । ସେବାୟତ ନିଯୋଗର ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର ମୋହନ ଦୀକ୍ଷିତ, ଉପସଭାପତି କମଳଲୋଚନ ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ମାନସ କୁମାର ଦୀକ୍ଷିତ, ପ୍ରଦୀପ ପଣ୍ଡା, ମିଟୁ ରଞ୍ଜନ ଦୀକ୍ଷିତ ଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସେବାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ଉପସଭାପତି ସୂର୍ଯ୍ୟକାନ୍ତ ନାୟକ, ସରୋଜ ସାମଲ, କୋଷାଧକ୍ଷ ତ୍ରିଲୋଚନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାସ୍ତା ଅବରୋଧ କରି ଚାଲିଛି ପରିବା ବେପାର

**କିଶୋରନଗର,୩୦।୯/ଏନ୍ଏନ୍ଏସ୍:** କିଶନନଗର ତହସିଲ ଅନ୍ତର୍ଗତ ଇଶାଣୀବ୍ରହ୍ମପୁର ପଞ୍ଚାୟତ ମଙ୍ଗଦେଇପୁର ଓ ମଙ୍ଗଦେଇପୁର ପାଟଣା ଆଦି ବିଭିନ୍ନ ଗ୍ରାମରେ ଭିନ୍ନ ଭିନ୍ନ ସ୍ଥାନରେ ପରିବା ବ୍ୟବସାୟୀମାନେ ବର୍ଷ ବର୍ଷ ଧରି କାକୁଡ଼ି,କଲରା ଆଦି ବିଭିନ୍ନ କିସମର ପନିପରିବା ସଂଗ୍ରହ କରିଥାଆନ୍ତି । ପରିବା ସଂଗ୍ରହ କରିବା ସମୟରେ ଗ୍ରାମର ବିଭିନ୍ନ ରାସ୍ତାରେ ଚାରି ଚକିଆ ଯାନ ରାସ୍ତା ମଝିରେ ଘଣ୍ଟା ଘଣ୍ଟା ଠିଆ କରି ପରିବା ବସ୍ତା ରାସ୍ତା ଉପରେ ରଖି ଥାଆନ୍ତି ।ଫଳରେ ରାସ୍ତା ଅବରୋଧ ହୋଇ ରହିଥାଏ ।ଏହାକୁ ଲୋକେ ବିରୋଧ କରିବା ପରେ ମଧ ବ୍ୟବସାୟୀ ମାନେ ରାସ୍ତାରୁ ଗାଡ଼ି ହଟାଇ ନ ଥାଆନ୍ତି । ଯାହା ଦ୍ୱାରା ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ସହ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି ।



## ସର୍ପାଘାତରେ ଚାଷୀଙ୍କ ମୃତ୍ୟୁ

**ଫୁଲନଖରା,୩୦।୯/ଏନ୍ଏନ୍ଏସ୍:** କଟକ ସଦର ଥାନା ଅନ୍ତର୍ଗତ ତୋଟାସାହି (କୁରାଙ୍ଗଶାସନ) ଅଞ୍ଚଳର ଚାଷୀ ମାନସକୁମାର ବେହେରା (୪୬)ଙ୍କ ସର୍ପାଘାତରେ ମୃତ୍ୟୁ ହୋଇଛି । ସେ ଧାନ ବିଲରେ ସାର ପକାଇବା କାର୍ଯ୍ୟରେ ନିୟୋଜିତ ଥିଲାବେଳେ ଏକ ବିଷାକ୍ତ ଗୋଖର ସାପ ତାଙ୍କୁ କାମୁଡ଼ି ଦେଇଥିଲା । ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ହୋଇଥିଲା । ଏକମାତ୍ର ପୁତ୍ର ସରୋଜ କୁମାର ବେହେରା ମୁଖାଗ୍ନି ଦେଇଥିଲେ । ମାନସଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି ।

## ତୁଳସୀପୁର ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଚାରିଛକ,୩୦।୯/ଏନ୍ଏନ୍ଏସ୍:** ପବିତ୍ର ମହାଷ୍ଟମୀ ଅବସରରେ ଚାରିଛକ ନିକଟସ୍ଥ ତୁଳସୀପୁର ଗ୍ରାମ ଦେବତୀ ମା'କନକଦୁର୍ଗାଙ୍କ ପୀଠରେ ଗ୍ରାମ୍ୟ ପରିଚାଳନା କମିଟି ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ କମିଟିର ସଭାପତି ବନ ବିହାରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଭାବେ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର, ବିଶିଷ୍ଟ ସମାଜସେବୀ ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଗ୍ରାମ ଠାକୁରାଣୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ୮ଜଣ ବଦାନ୍ୟ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଅମରେଶ୍ୱର ତ୍ରିପାଠୀ, କ୍ଷମାନିଧି ତ୍ରିପାଠୀ, କୈଳାଶ ଚନ୍ଦ୍ର ତ୍ରିପାଠୀ, ଅନିରୁଦ୍ଧ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଗ୍ରାମ୍ୟ କମିଟି ସଂପାଦକ ବିଜୟମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସନ୍ତୋଷ କୁମାର ଦାଶ ସଂଯୋଜନା କରିଥିବା ବେଳେ ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ତ୍ରିଦିବସୀୟ ଆନ୍ତଃଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଖୋର୍ଦ୍ଧା,୩୦।୯/ଏନ୍ଏନ୍ଏସ୍:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀଭବନ ପରିସରରେ ତ୍ରି-ଦିବସୀୟ ଆନ୍ତଃ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶର ପ୍ରଶିକ୍ଷଣ ଶିବିର ୨୭ରୁ ଆରମ୍ଭ ହୋଇ ୨୯ ତାରିଖରେ ଉଦ୍ୟାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ରଙ୍କର ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ବିବେକାନନ୍ଦ ଶର୍ମା, ମୁଖ୍ୟବକ୍ତା ଭାବରେ ଡକ୍ଟର ପ୍ରସନ୍ନ କୁମାର ଜେନା ପ୍ରାକ୍ତନ ରେଜିଷ୍ଟ୍ରାର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ମାନିତ ଅତିଥି ଭାବରେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲାର ଜାତୀୟସେବା ଯୋଜନା ଏ.ଡି.ପି.ଓ. ଯୋଗ ଦେଇଥିଲେ । ଏହି ତାଲିମ ଶିବରରେ ରିସୋର୍ସ ପରସନ୍ ଭାବରେ ଡ. ରଘୁନାଥ ମଣ୍ଡଳ, ଏ.ଡି.ପି.ଓ. +୨, ବି.ଗୋବିନ୍ଦ ରାଓ, ପ୍ରାକ୍ତନ ଅଧକ୍ଷ, ଡ. ଲୋକନାଥ ମହାନ୍ତି, ଡ. ପ୍ରମୋଦ ଚନ୍ଦ୍ର ଦାଶ, ପ୍ରାକ୍ତନ ଅଧକ୍ଷ, ଡ.ସୁକାନ୍ତି ମହାପାତ୍ର, ଅଧକ୍ଷା ପ୍ରଦୀପ ମହାନ୍ତି ପ୍ରମୁଖ ତାଲିମ ଦେଇ ଶିବିରାର୍ଥିଙ୍କ ଦକ୍ଷତା ବୃଦ୍ଧି କରାଇଥିଲେ । ଶିବିରରେ ୧୭ଟି ମହାବିଦ୍ୟାଳୟର ୧୧୦ଜଣ ସ୍ୱେଚ୍ଛାସେବୀଙ୍କ ସହ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଥିଲେ । ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଡ.ଅଜୟ କୁମାର ମିଶ୍ର, ଅଧ୍ୟାପିକା ସିପ୍ରା ମହାନ୍ତି, କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଟି. ଅକ୍ଷୟ କୁମାର, କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଅଧ୍ୟାପକ ସୁଜୟ ଶ୍ରୀଚନ୍ଦନ, ଅଧ୍ୟାପକ ଆଶୀଷ ସାହୁ, ଅଧ୍ୟାପକ ରବି ନାରାୟଣ ସ୍ୱାଇଁ, ଅଧ୍ୟାପକ ସୁକୁମାର ପଟ୍ଟନାୟକ ତଥା ଅଧ୍ୟାପକ ଶୈଳେନ୍ଦ୍ର ମିଶ୍ର ପ୍ରମୁଖ ଶିବିର ପରିକଳ୍ପନା କରିଥିଲେ ।

# ଦାଦନ ଶ୍ରମିକଙ୍କୁ ଠିକାଦାର ମାରି ଦେଇଥିବା ଅଭିଯୋଗ



**ରାଜନଗର,୩୦।୯/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍‌ରେ ପ୍ରତିବର୍ଷ ଦାଦନ ଶ୍ରମିକଙ୍କ ମୃତ୍ୟୁ ବଢିବାରେ ଲାଗିଛି। ହାଇଦ୍ରାବାଦ, ବାଙ୍ଗାଲୋର, ମୁମ୍ବାଇ, କେରଳ ପ୍ରଭୃତି ସ୍ଥାନ ସହିତ ଦେଶ ବାହାରେ ଦୁବାଇ, କତର, ସାଉଦିଆରବରେ କାମ କରୁଥିବା ବେଳେ ଶ୍ରମିକମାନେ ମୃତ୍ୟୁବରଣ କରୁଛନ୍ତି । କିଛି ସ୍ଥାନରେ ଦାଦନ ଶ୍ରମିକଙ୍କୁ ଠିକାଦାର ବିଭିନ୍ନ ସମୟରେ ନିର୍ଯାତନା ଦେବା ସହ ମାରି ଦେଉଥିବା ଅଭିଯୋଗ ହେଉଛି । କଣ୍ଡିରା ପଞ୍ଚାୟତ ନଳଯୋଡି ଗ୍ରାମର ମହନ୍ତ ଜେନାଙ୍କ ସାନପୁଅ ବଳିଆ ଜେନା(୨୧) ବାଙ୍ଗାଲୋର କାମ କରିବାକୁ ଯାଇଥିଲା। ସେହି ଗାଁର ଠିକାଦାର ଗୁନୁ ପ୍ରଧାନ ଓ ଜଗବନ୍ଧୁ ଜେନା ଶ୍ରମିକ ଭାବେ କାମ କରାଇବାକୁ ନେଇଥିଲେ। ସେଠାରେ ସେ କାମ କରୁଥିଲେ। ଦଶହରା ଥିବାରୁ ତିନିଦିନ ପୂର୍ବେ ବଳିଆ ଘରକୁ ଆସିବାକୁ ଠିକାଦାରଙ୍କୁ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ନଦେଇ ଘରେ ପୂରାଇ ମାଡ ମାରୁ ମାରୁ ଜୀବନରେ ମାରି ଦେଇ ନିକଟରେ ଥିବା ଏକ ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏନେଇ ମୃତ ବଳିଆଙ୍କ ବାପା ମହନ୍ତ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମୋ ପୁଅକୁ ମାରି ଦେଇଥିବା ଠିକାଦାର ଦ୍ୱୟ ମୋତେ ଖବର ଦେଇନାହାନ୍ତି । ମୋର ଅନ୍ୟ ଏକ ପୁଅ କିଛି ଦୂରରେ କାମ କରୁଛି । ସେ ଖବର ପାଇ ଆସି ଦେଖିବା ପରେ ମୋତେ ଜଣାଇଥିଲା । ମୋ ପୁଅଠାରୁ ଖବର ପାଇବା ପରେ ଥାନାକୁ ଆସି ଅଭିଯୋଗ କରିଛି । ପ୍ରଶାସନ ବାଙ୍ଗାଲୋରରୁ ଶବ ଆଣିବା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଦୁର୍ଗାପୂଜାରେ ଦହିପଣା ବଣ୍ଟନ



**ନାଉଗାଁ,୩୦।୯/ଏନ୍‌ଏନ୍‌ଏସ୍:** ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ନାଉଗାଁ ବ୍ଲକ୍‌ରେ ଉତ୍କଳ ସୁପୁତ୍ର ସଂଗଠନର ସଭାପତି ଆଶୁତୋଷ ଲେଙ୍କାଙ୍କ ନେତୃତ୍ୱରେ ଭକ୍ତ ମାନଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ସକ୍ରିୟ ସଦସ୍ୟ ଦୀପକ କାଳିଆ, ବିଶ୍ୱରଞ୍ଜନ ରାଉଳ, ଅଚ୍ୟୁତ ମୁଦୁଲି, ଦେବସ୍ମାନ ସ୍ୱାଇଁ,ଅଶୋକ ଓଝା,ଆସୁତୋଷ ପରିଡା, ପ୍ରଦୀପ ରାଉତ, ନିହାର ବେହେରା ପ୍ରମୁଖ ଯୋଗଦେଇ ସମସ୍ତ ସହଯୋଗ କରିଥିଲେ।

### ବାଡ଼ ଡିଆଁ ପ୍ରେମିକ ସାବଧାନ !

# ପ୍ରେମିକା ଘର ବିଦ୍ୟୁତ୍ ଫାଶରେ ପ୍ରେମିକର ମୃତ୍ୟୁ

**ଢେଙ୍କାନାଳ,୩୦।୯/ଏନ୍‌ଏନ୍‌ଏସ୍:** ବାଡ଼ ଡିଆଁ ପ୍ରେମିକମାନେ ସାବଧାନ ! ବାଡ଼ ଡେଇଁ ପ୍ରେମିକା ଘରକୁ ଯାଇ କରୁଥିଲେ ପ୍ରେମ । କଥାରେ ଅଛି ସବୁଦିନ ନଥାଏ ଚାନ୍ଦିନୀ ରାତି । ଆଉ ଠିକ ଏପରି ଦୁର୍ଭାଗ୍ୟଜନକ ପରିସ୍ଥିତି ଦେଖିବାକୁ ମିଳିଛି ସଦରଥାନା ଅଞ୍ଚଳ ନୂଆଗାଁ ଗୋଡିସାହି ଅଞ୍ଚଳରେ । ଏପରିକି ହାତୀ ପାଇଁ ପ୍ରେମିକା ଘର ବାଡ଼ ଦିଆଯାଇଥିବା ସୋଲାର ଫେନ୍ସିଂରେ କରେଣ୍ଟ ଚାର୍ଜ କରିଦିଆଯାଇଥିବାରୁ ଏହି ବିଦ୍ୟୁତ କରେଣ୍ଟରେ ଜଣେ ପ୍ରେମିକର ଅକାଳ ମୃତ୍ୟୁ ଘଟିଛି ବୋଲି ମୃତ ଯୁବକ ପରିବାର ପକ୍ଷରୁ ଅଭିଯୋଗ ଉଠାଯାଇଥିବା ବେଳେ ଏହା ଝିଅର ପରିବାର ଲୋକ ପୁଅକୁ ଯୋଜନାବଦ୍ଧ ଭାବେ ବିଦ୍ୟୁତ୍ ସାହାଯ୍ୟରେ ମାରିଦେଇଛନ୍ତି ବୋଲି ଅଭିଯୋଗରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ମୃତକ



ବିଶ୍ୱଜିତ୍‌ର ଦାଦା ଗଣେଶଚନ୍ଦ୍ର ବେହେରା। ପ୍ରେମିକା ଘର ବାଡ଼ ଡେଇଁ ପ୍ରେମ କରିବାକୁ ଯାଉଥିବା ବେଳେ ବିଦ୍ୟୁତ୍ ଫାଶରେ ହିଁ ଯୁବକର ମୃତ୍ୟୁ ଘଟିଥିବା ମୃତ ଯୁବକର ପରିବାର ପକ୍ଷରୁ କୁହାଯାଇଛି । ଢେଙ୍କାନାଳ ଜିଲ୍ଲା ସଦର ଥାନା ନୂଆଗାଁ ପଞ୍ଚାୟତ ଗୋଡିସାହି ଅଞ୍ଚଳରେ ଘଟିଛି ଏପରି ଅଭାବନୀୟ ଘଟଣା । ମୃତ ଯୁବକ ଜଣଙ୍କ ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ସିମିଳିଆ ଗ୍ରାମର ବିଶ୍ୱଜିତ ବେହେରା । ବିଶ୍ୱଜିତ ସଦର ଥାନା ନୂଆଗାଁ ଗୋଡିସାହି ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଥିଲା । ସେ ପ୍ରେମିକାକୁ ଦେଖା କରିବାକୁ ବିଭିନ୍ନ ସମୟରେ ପ୍ରେମିକାର ଘରକୁ ବାଡ଼ ଡେଇଁ ରାତିରେ ଯାଇଥାନ୍ତି । ତେବେ ରବିବାର ରାତିରେ ପ୍ରେମିକା ଠାରୁ ଫୋନ୍ ଯୋଗେ ଡାକରା ପାଇ ବିଶ୍ୱଜିତ ଯାଇଥିଲେ । ପ୍ରେମିକର ବାଡ଼ ଡେଇଁବା ବେଳେ ପ୍ରେମିକା ଘର ବାଡ଼ରେ ଲାଗିଥିବା ସୋଲାର ଫେନ୍ସିଂରେ କରେଣ୍ଟ ଚାର୍ଜ ହୋଇଯାଇଥିବାରୁ ସେ ବିଦ୍ୟୁତ୍ ଫାଶରେ ପଡି ଗୁରୁତର ହୋଇ ଅଚେତ ଅବସ୍ଥାରେ ସେଠାରେ ପଡିରହିଥିଲେ । ପ୍ରେମିକ ବିଶ୍ୱଜିତ୍‌ର ଏଭଳି ଦୁର୍ଦ୍ଦଶା ଜାଣିପାରି ପ୍ରେମିକା ଜଣଙ୍କ ବିଶ୍ୱଜିତଙ୍କ ସାଙ୍ଗ ଅବିନାଶ ମଲ୍ଲିକଙ୍କୁ ଫୋନ୍ ଇନଷ୍ଟାଗ୍ରାମରେ ଜଣାଇଥିଲେ । ଅବିନାଶଠାରୁ ସୁଚନା ପାଇ ବିଶ୍ୱଜିତର ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଅଚେତ ଅବସ୍ଥାରେ ବିଶ୍ୱଜିତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ମୃତ ବିଶ୍ୱଜିତଙ୍କ ପରିବାର ପ୍ରେମିକର ପରିବାର ନାମରେ ପୁଅକୁ ଯୋଜନା ବଦ୍ଧ ଭାବେ ମାରିଦେଇଥିବାର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏକ ମାମଲା ରୁଜୁକରି ସଦର ପୁଲିସ ତଦନ୍ତ କରୁଛି ।

# ନଦୀବନ୍ଧରେ ପଥର ପାକିଂ କରିବାକୁ ଦାବି



**କେନ୍ଦ୍ରାପଡା,୩୦।୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ପରକୁଳା ପଞ୍ଚାୟତ ଅଙ୍କୁଓ ଗ୍ରାମ ଚିତ୍ରୋତ୍ପଳା ନଦୀ କୂଳରେ ଅବସ୍ଥିତ । ଏହି ଗ୍ରାମର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବସବାସସ କରନ୍ତି । ଏହି ନଦୀବନ୍ଧଟି ଅସୁରକ୍ଷିତ ହୋଇପଡିଛି । ପ୍ରତିବର୍ଷ ବର୍ଷାଦିନେ ବନ୍ୟା ସମୟରେ ନଦୀରୁ ଅତଡା ଖାଇଯାଇଥାଏ । ଗ୍ରାମବାସୀଙ୍କର ୩୦ ଏକରୁ ଊର୍ଦ୍ଧ୍ୱ ଚାଷଜମି ଓ ଘରବାରୀ ଏବେ ଚିତ୍ରୋତ୍ପଳା ନଦୀରେ ଲୀନ ହୋଇସାରିଲାଣି । ଗୁରୁତର ଭାବେ ଦୁର୍ବଳ ଥିବା ନଦୀବନ୍ଧର ବଡ଼ ବଡ଼ ଅତଡା ଗୁଡିକ ଖସିବାରୁ ଏହା ଗ୍ରାମବାସୀଙ୍କ ଚିନ୍ତାର ବିଷୟ ପାଲଟିଛି । ନଦୀବନ୍ଧକୁ ପଥର ପ୍ୟାକିଂ କରିବା ପାଇଁ ଗ୍ରାମବାସୀମାନେ କେନ୍ଦ୍ରାପଡା ଜିଲ୍ଲାପାଳ ଏବଂ ଓ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ନଦୀବନ୍ଧ ଖୁବ୍‌ଶୀଘ୍ର ପଥର ପ୍ୟାକିଂ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଉମେଶ ସେଠୀ ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରଶାନ୍ତ କୁମାର ପରିଡା, ଅକ୍ଷୟ କୁମାର ପରିଡା, ଶିଶିର କୁମାର ପରିଡା, ପ୍ରଫୁଲ୍ଲ ଚନ୍ଦ୍ର ପରିଡା, ରବିନ୍ଦ୍ର ନାଥ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସରିଲା ମା’ବିରଜାଙ୍କ ରଥଯାତ୍ରା

**ଯାଜପୁର,୩୦।୯/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ମହାନବମୀ ତଥା ମଙ୍ଗଳବାର ଦିନ ମା’ ବିରଜାଙ୍କ ରଥଯାତ୍ରା ସମ୍ପନ୍ନ ହେବା ସହ ଦୁର୍ଗାସୋବ ପର୍ବ ଶେଷ ହୋଇଛି । ଦ୍ୱିତୀୟାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶୋପଚାର ପୂଜା ଓ ମହାପଞ୍ଚମୀ ଠାରୁ ଆରମ୍ଭ ହୋଇଥିବା ହୋମ ଯଜ୍ଞ ମହାଷ୍ଟମୀ ଦିନ ଶେଷ ହୋଇଥିଲା । ମହାନବମୀ ଦିନ ତଥା ମଙ୍ଗଳବାର ଦିନ ବୈତରଣୀ ପଣ୍ଡା ଆଣିଥିବା ବୈତରଣୀ ଜଳରେ ମା’ଙ୍କୁ ସ୍ନାନ କରାଯିବା ପରେ ଚନ୍ଦନବେଶ, ବଡ଼ସିଂହାର ବେଶ ଓ ସ୍ୱର୍ଣ୍ଣବେଶରେ ସଜ୍ଜିତ କରାଯାଇଥିଲା । ସ୍ନାନପରେ ନବରାତ୍ର ପାଦଦର୍ଶନ କରୁଥିବା ଭକ୍ତମାନଙ୍କୁ ମା’ଙ୍କ ପାଦସ୍ପର୍ଶ କରିବା ପାଇଁ ସୁଯୋଗ ଦିଆଯାଇଥିଲା । ପୂର୍ବାହ୍ନରେ ମା’ଙ୍କ ଗର୍ଭଗୃହରେ ସଂକଳ୍ପ, ତିଳତର୍ପଣ ହୋଇସାରିବା ପରେ ରୀତିନୀତି ଅନୁଯାୟୀ ମା’ଙ୍କୁ ନୀତି ଲାଗି ହୋଇ ପହୁଡ଼ ହୋଇଥିଲା । ସେହିପରି ରଥରେ ଥିବା ମା’ଙ୍କ ବିଜେ ପ୍ରତିମାକୁ ପୂଜା କରାଯାଇଥିଲା । ଅପରାହ୍ନରେ ମା’ଙ୍କ ପହୁଡ଼ ଖୋଲିବା ପରେ ମା’ଙ୍କର ଆଶାବାଡ଼ି ରଥକୁ ଗମନକରି ମହାନବମୀ ରଥଯାତ୍ରାର ଆରମ୍ଭ ହୋଇଥିଲା । ରଥକୁ ଭକ୍ତମାନେ ଟାଣି ଟାଣି ଆଣି ସିଂହଦ୍ୱାର ସମ୍ମୁଖରେ ରଖିବା ପରେ ନବଦିନ ବ୍ୟାପି ରଥଯାତ୍ରା ଶେଷ ହୋଇଥିଲା । ମା’ଙ୍କ



ଆଶାବାଡ଼ି ଗର୍ଭଗୃହକୁ ଯିବା ପରେ ଆରତୀ ହୋଇଥିଲା । ରାତ୍ର ୧୦ଟା ପରେ ଧର୍ମାଧିକାରୀ, ପୁରୋଧା, ପ୍ରଶାସକ ଓ ବିଶେଷ ଷୋଡ଼ଶୋପଚାର ପୂଜା ହୋମଯଜ୍ଞରେ ନିୟୋଜିତ ହୋଇଥିବା ମା’ବିରଜା ଶ୍ରୀଅଙ୍ଗଲାଗି ସେବାୟତ ମାନଙ୍କୁ ଶିରିପା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟ ଶେଷ ହେବା ପରେ ସମସ୍ତେ ସିଂହଦ୍ୱାର ସମ୍ମୁଖରେ ଥିବା ମା’ଙ୍କ ସିଂହଧ୍ୱଜ ରଥକୁ ଆସି ରଥ ଉପରେ ଥିବା ବିଜେ ପ୍ରତିମା’ଙ୍କର ରୀତିନୀତି ଅନୁଯାୟୀ ପୂଜା କରିସାରିବା ପରେ ବିଜେ ପ୍ରତିମାଙ୍କୁ ରଥରୁ ଓହ୍ଲାଇ ଏକ ସୁଜ୍ଜିତ ବିମାନରେ ଘଣ୍ଟ, ଦୁନ୍ଦୁଭି, ତୁରି, ବାଦ୍ୟ, ମସାଲ ପ୍ରଭୃତି ଗହଣରେ ଦିଗ୍ ?ବିଜୟ ଯାତ୍ରା ପରିପ୍ରେକ୍ଷୀରେ ଲାଖବିନ୍ଧା ପଡ଼ିଆକୁ ନିଆଯାଇ ସେଠାରେ ଚର୍ତୁଦିଗରେ ଶର ନିକ୍ଷେପ କରିବା ସହ ମା’ଙ୍କ ବିଜେ ପ୍ରତିମାଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପୂଜାର୍ଚ୍ଚନା କରିସାରିବା ପରେ ମା’ଙ୍କ ବିଜେ ପ୍ରତିମାକୁ ସୁସଜ୍ଜିତ ବିମାନରେ ନହରପଦା ଗ୍ରାମ ଦେଇ ପରିକ୍ରମା କରି ମା’ଙ୍କ ବିଜେ ପ୍ରତିମା ଗର୍ଭଗୃହରେ ରଖାଯାଇଥିଲା । ପରେ ବଳି ମଣ୍ଡରେ ମା’ଙ୍କର ବିଶେଷ ଦୁର୍ଗାସୋବ ନିମନ୍ତେ ପୂଜାର୍ଚ୍ଚନା କରିସାରିବା ପରେ ମା’ଙ୍କ ଠାରେ ଧର୍ମାଧିକାରୀ, ପୁରୋଧା, ପୂଜକ ଓ ସେବାୟତମାନେ ପ୍ରାର୍ଥନା କରିସାରିବା ପରେ ମା’ଙ୍କ ପହୁଡ଼ ହୋଇଥିଲା । ମହାନବମୀ ଦିନ ବିରଜା ମନ୍ଦିର ପରିସରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ପ୍ରବଳ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପ୍ରଶାସକ ଦ୍ୱାରା ପ୍ରତ୍ୟେକ୍ଷଭାବେ ସମ୍ପନ୍ନ କରିଥିଲେ । ଯାଜପୁର ଟାଉନ ଥାନା ପୁଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଏହି ସମସ୍ତ ପୂଜା କାର୍ଯ୍ୟକୁ ମନ୍ଦିରର ଧର୍ମାଧିକାରୀ, ପୁରୋଧା, ପୂଜକ ଓ ମା’ଙ୍କର ଶ୍ରୀଅଙ୍ଗଲାଗି ସେବାୟତ ମାନେ ସୁରୁଖୁରୁର ସହ ସମ୍ପନ୍ନ କରିଥିଲେ ।

# ଶାରଦୀୟ ଗୋକର୍ଣ୍ଣିକା ସଂଖ୍ୟା ଉନ୍ମୋଚିତ



**ଧର୍ମଶାଳା,୩୦।୯/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ ଜାରକାସ୍ଥିତ କାର୍ଯ୍ୟାଳୟରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶାରଦୀୟ ଗୋକର୍ଣ୍ଣିକା ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡକ୍ଟର ରମାକାନ୍ତ ଜେନାଙ୍କ ପୌରୋହିତରେ ଉଦ୍‌ଘାଟକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଦାଶ ବେନହୁର୍, ମୁଖ୍ୟବ୍ୟକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ରୋଟାରିଆନ ଲକ୍ଷ୍ମୀକାନ୍ତ ଚାଉପଟ୍ଟନାୟକ, ଯାଜପୁର ଜିଲ୍ଲା ଲେଖକ ସମ୍ମିଳନୀ ସଭାପତି ଡାକ୍ତର ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଶାରଦୀୟ ସଂଖ୍ୟା ଗୋକର୍ଣ୍ଣିକାକୁ ଲୋକାର୍ପଣ କରି ନିଜ ଭାଷାରେ ପ୍ରକାଶିତ ପତ୍ରିକା ଗୁଡିକର ସମୃଦ୍ଧି ଦିଗରେ ଲେଖକ ଲେଖିକାମାନେ ଆଗଭର ହେବା ଉଚିତ୍ । ମଣିଷ ମଣିଷ ମଧ୍ୟରେ ସଂପର୍କ ଯୋଡିବାର ଶକ୍ତି ସାହିତ୍ୟରେ ଅଛି ବୋଲି ବ୍ୟକ୍ତାମାନେ କହିଥିଲେ । ଉପସଭାପତି ସଂଗ୍ରାମ କେଶରୀ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋକର୍ଣ୍ଣିକା ପତ୍ରିକା ସଂପାଦକ ମଣ୍ଡଳୀ ସଦସ୍ୟ ଡକ୍ଟର ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ସଦସ୍ୟ ଡକ୍ଟର ମହେଶ୍ୱର ପାଢୀ ପତ୍ରିକା ସଂପର୍କରେ ସୂଚନା ପ୍ରଦାନ କରିଥିଲା ବେଳେ ସୂର୍ଯ୍ୟାସ୍ତ ସଂପାଦକ ବିବେକାନନ୍ଦ ରାୟ ଆଇନଜୀବୀ ସନ୍ତୋଷ କୁମାର ତରାଇ, ଅଧାପକ କବି ବିଜୟ କୁମାର ନାୟକ, ସ୍ତମ୍ଭକାର ସୁନାକର ସାହୁ ଗୋକର୍ଣ୍ଣିକା ପତ୍ରିକାର ଇତିହାସ ସଂପର୍କରେ ମତପ୍ରକାଶ କରିଥିଲେ । ସଙ୍ଗଠନ ସଂପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ବକ୍ତୃତାମାଳା




**ଯାଜପୁର,୩୦।୯/ଏନ୍‌ଏନ୍‌ଏସ୍:** ଯାଜପୁରର ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ତ୍ରିଦିବସୀୟ ବକ୍ତୃତା ମାଳା ଓ ବିରଜା ମହାନବମୀ ପାଳନ ଅବସରରେ ବିରଜା ରଥଦାଣ୍ଡରେ ଅନୁଷ୍ଠିତ ମହୋତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନ୍‌ଗୋ ମୁଖ୍ୟ ଅତିଥିଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା’ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଆଜିର ସାନ୍ଧ୍ୟ ଅଧିବେଶନ ଉଦ୍‌ଘାଟନ କରିଥିଲେ । ସଂଗଠନ ସଂପାଦକ ହୃଷିକେଶ ପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ । ଅଧାପକ ଗିରିଶ ବିହାରୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ସାଧାରଣ ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ଦୀର୍ଘ ୩୪ ବର୍ଷଧରି ମା’ବିରଜାଙ୍କ ସମ୍ମୁଖରେ ଅନନ୍ୟା ସାହିତ୍ୟ ସଂସଦ ଏହି କାର୍ଯ୍ୟକ୍ରମ କରିଆସୁଥିବାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କାନୁନ୍‌ଗୋ ଯୋଗଦେଇ ମା’ବିରଜାଙ୍କର ଷୋଡ଼ଶୋ ନବ ଦିନାତ୍ମକ ଏହି ଉତ୍ସବ ଯାଜପୁରର ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି ବୋଲି ପ୍ରକାଶ କରିବା ସହିତ ଯାଜପୁରରେ ପରସ୍ପର ମଧ୍ୟରେ ଭାଇଚାରାର ଯେଉଁ ଅନନ୍ୟ ଉଦାହରଣ ରହିଛି ତାକୁ ଉଦ୍‌ଜୀବିତ କରିବା ପାଇଁ ଏହି ଅନୁଷ୍ଠାନର ପ୍ରୟାସ ଅତି ଉଚ୍ଚକୋଟିର ବୋଲି ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତାଭାବେ ଅଧାପକ ନିତ୍ୟାନନ୍ଦ ଦେଓ ଯୋଗଦେଇ ମା’ବିରଜାଙ୍କ ରଥଯାତ୍ରାର ତାତ୍ପର୍ଯ୍ୟ ଓ ମା’ବିରଜାଙ୍କ ମହିମା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସ, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ମନିସା ରାଉତ ଯୋଗଦେଇ ମନୁଷ୍ୟ ଜୀବନକୁ ସାତ୍ୱିକ ଅନୁଭବ ସମାଜକୁ କୁସଂସ୍କାର ଦୂରକରି ଶାନ୍ତି, ମୈତ୍ରୀର ବାତାବରଣ ସୃଷ୍ଟି କରିବାରେ ଅନନ୍ୟା ସାହିତ୍ୟ ସଂସଦ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ ।

# ବିଜେପି ପକ୍ଷରୁ ସେବା ସପ୍ତାହ ପାଳିତ




**ଯାଜପୁରରୋଡ,୩୦।୯/ଏନ୍‌ଏନ୍‌ଏସ୍:** ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ତମ ଜନ୍ମ ଦିବସ ଗତ ୧୭ ତାରିଖରେ ପାଳନ କରାଯାଇଛି । ଏହିଁ ଅବସରରେ ସୁକିନ୍ଦା ବିଜେପି ସେବାପକ୍ଷ ପାଳନ କରାଯାଉଛି । ଏହିଁ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏଥିନେଇ ଆଜି ଦାନଗଦି ଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ବଳସମନ୍ତ କହିଥିଲେ, ଗତ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ ବର୍ଷରେ ପଦାର୍ପଣ କରିଥିଲେ । ଏଥି ନେଇ ବିଜେପି ଦଳ ପକ୍ଷରୁ ରକ୍ତଦାନ ଶିବିର, ଏକ୍ ପେଡ୍ ମା’ କା ନାମ୍ ସୁସ୍ଥ ନାରୀ ସଶକ୍ତ ପରିବାର,ସ୍ୱଚ୍ଛ ଭାରତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଦେଶର ୧୪୫ କୋଟି ଲୋକ ଏହି କାର୍ଯ୍ୟକ୍ରମକୁ ନେଇ ଉପକୃତ ହେବେ । ତେଣୁ ସମସ୍ତ ଜନସାଧାରଣ ରକ୍ତଦାନ କରି ସୁସ୍ଥ ସମାଜ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ଥାନୀୟ ଦାନଗଦି ଭବନ ପରିସରରେ ଅନୁଷ୍ଠିତ ଏହି ମେଗା ରକ୍ତଦାନ ଶିବିରରେ ବହୁ ସଂଖ୍ୟାରେ ଯୁବକ, ଯୁବତୀ ଓ ମହିଳା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ୩୬୦ୟୁନିଟ ରକ୍ତଦାନ କରିଥିଲେ । ଏଥିରେ ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନ୍‌ରେ ଏଭଳି ଏକାଧିକ ଶିବିରର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ,ବିଜେପି ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ଦାନଗଦି ବ୍ଲକ୍‌ର ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ଶେଖର ମହାନ୍ତି, ଓଡ଼ିଶା ମାଇନିଂ ୱାର୍କସ୍ ୟୁନିୟନ ସଭାପତି ସବ୍ୟସାଚୀ ବଳ ସମାନ୍ତ ,ସମ୍ପାଦକ ଅମେଳେନ୍ଦୁ ବେହୁରା, ରମଣୀ ରଞ୍ଜନ ବଳ ସାମନ୍ତ, ପୂର୍ବତନ ମଣ୍ଡଳ ସଭାପତି ରବୀନ୍ଦ୍ର ଜେନା, ସମେତ ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ ଥିଲେ । ଶେଷରେ ଉପସଭାପତି ସୁଧାଂଶୁ ଭଞ୍ଜ ଧନ୍ୟବାଦ ଜଣାଇଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**କଣିହାଁ,୩୦।୯/ଏନ୍‌ଏନ୍‌ଏସ୍:** କଣିହାଁ ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ତୋଲକବେଡା ହଟିଂ ୟୁପି ସ୍କୁଲ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଂସମୁଣ୍ଡା ଗ୍ରାମ୍ୟ ବିକାଶ ଟ୍ରଷ୍ଟ,ଶିବ ଶକ୍ତି ଟ୍ରଷ୍ଟ ,କଣିହାଁ ଶ୍ରୀ ଗଣେଷ ଏକାଡେମୀ ଓ କଂସମୁଣ୍ଡା ଯୁବ ସମାଜସେବୀ ସଂଗଠନ ଆଦି ମିଳିତ ସହଭାଗିତାରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଅନୁଗୁଳ ରକ୍ତ ଭଣ୍ଡାରର କର୍ମଚାରୀ ୬୨ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଶିକ୍ଷାବିତ ପ୍ରମୋଦ ପ୍ରଧାନ, କଣିହାଁ ଗ୍ରାମ ସଭାପତି କେଶବ ସାହୁ, କଂସମୁଣ୍ଡା ଗ୍ରାମ ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ, ଟାକୁଆ ଗ୍ରାମ ସଭାପତି ରୁଷି କୁମାର ସାହୁ, ପଟାଖମଣ ଗ୍ରାମ ସଭାପତି ରମେଶ ସାହୁ, ତୋଲେକବେଡା ଗ୍ରାମ ସଭାପତି ଲୋଚନ ସାହୁ, ମସୁଣିହତା ଗ୍ରାମ ସଭାପତି ମନମୋହନ ସାହୁ, ଭୁଇଁପୁର ସଭାପତି ଗଣେଶ୍ୱର ସାହୁ, ପ୍ରାକ୍ତନ ସମିତିସଭ୍ୟ ଦେବେନ୍ଦ୍ର ବାରିକ, କଣିହାଁ ମଣ୍ଡଳ ବିଜେପି ସଭାପତି ଶୁଶାନ୍ତ ସାମଲ, ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ, ସମସ୍ତ ରକ୍ତଦାତାଙ୍କୁ କଣିହାଁ ସରପଞ୍ଚ ମଙ୍ଗଳ କାମନା କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଦୁର୍ଗାପୂଜାରେ ଗଡ଼ ପରଜଙ୍ଗ ଚଳଚଞ୍ଚଳ

**ପରଜଙ୍ଗ,୩୦।୯/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଗଡ଼ ପରଜଙ୍ଗରେ ମହା ସମାରୋହରେ ଦଶହରା ପୂଜା ପାଳିତ ହୋଇଯାଇଛି । ଏହା ଏକ ପାଇକ ମୌଜା ଗଡ଼ଜାତ ଗ୍ରାମ ହୋଇଥିବାରୁ ପାଇକଙ୍କ ଅଧିଷ୍ଠାତ୍ରୀ ଦେବୀ ମା’ ଦୁର୍ଗା । ଗତ ସୋମବାର ଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ କୃପାମୟୀ, କରୁଣାମୟୀ, ଦଶଭୁଜା ମା’ ଦୁର୍ଗାଙ୍କ ବିଧି ପୂର୍ବକ ପୂଜା ହେଉଥିବା ବେଳେ ଆଜି ମା’ଙ୍କ ଅଷ୍ଟମୀ ପୂଜା ଥିବାରୁ ଶତାଧିକ ଶ୍ରଦ୍ଧାଳୁ ଓ ବ୍ରତଧାରିଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଗ୍ରାମ ସଭାପତି ଶାନ୍ତନୁ କୁମାର ସାମଲ, ସଂପାଦକ ସର୍ବେଶ୍ୱର ଦଳବେହେରା ଉଦୀୟମାନ ଯୁବକ ଓ ଗ୍ରାମବାସୀଙ୍କ ସହଯୋଗରେ ମା’ ଦୁର୍ଗାଙ୍କ ଦଶହରା ପୂଜା ମହା ଆଡ଼ମ୍ବରରେ ପାଳିତ ହେଉଛି ।

# ୩୩ ବର୍ଷରେ ବଡ଼ମାଣିତିଆ ଦୁର୍ଗାପୂଜା



**କେନ୍ଦ୍ରାପଡା,୩୦।୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ସାନମାଣିତିଆ ପଞ୍ଚାୟତର ବଡମାଣିତିଆ ଗ୍ରାମରେ ମା’ ଦୁର୍ଗାଦେବୀଙ୍କ ପଞ୍ଚ ଦିନାତ୍ମକ ପୂଜା ୩୩ ବର୍ଷରେ ପଦାର୍ପଣ କରିଛି । ୩୩ବର୍ଷ ତଳେ ଏହି ପୂଜା ମଣ୍ଡପରେ ମା’ ଦୁର୍ଗାଙ୍କ ପୂଜା ଷୋଡ଼ଶ ଉପଚାର ପୂଜାବିଧି ଅନୁଯାୟୀ ଆରମ୍ଭ ହୋଇଥିଲା । ଏହି ଦୁର୍ଗାପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ବଡ଼ମାଣିତିଆ ଗ୍ରାମର ଯୁବନେତା ତଥା କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ପୂର୍ବତନ ସଭାପତି ମାନସ କୁମାର ପରିଡ଼ା ପ୍ରକାଶ କରିଛନ୍ତି ଯେ ଏହି ପୂଜା ସହିତ ୫ଦିନ ବ୍ୟାପି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି । ନବମୀ ପୂଜା ପରେ ଦଶହରାରେ ମା’ଦୁର୍ଗାଙ୍କୁ ବିସର୍ଜନ କରାଯିବ । ଏହି ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ଓ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି ବୋଲି ଶ୍ରୀ ପରିଡ଼ା କହିଛନ୍ତି । ଏହି ପୂଜାକୁ କମିଟିର ସଭାପତି ରବୀନ୍ଦ୍ର କୁମାର ପରିଡ଼ା ୩୩ ବର୍ଷ ତଳେ ଆରମ୍ଭ କରିଥିଲେ ।

# ‘ନଭେମ୍ବର ସୁଦ୍ଧା ସହରରେ ଭୂତଳ କେବୁଲ୍ ଦ୍ୱାରା ବିଦ୍ୟୁତ୍ ସେବା’

**ଜଗତ୍‌ସିଂହପୁର,୩୦।୯/ଏନ୍‌ଏନ୍‌ଏସ୍:** ଓଡିଶା ରାଜ୍ୟର ଜଗତସିଂହପୁର ଜିଲ୍ଲା ଉପକୂଳବର୍ତ୍ତୀ ଜିଲ୍ଲା ହୋଇ ଥିବାରୁ ଏହି ଜିଲ୍ଲାର ଜନ ସାଧାରଣ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖିନ ହୋଇଥାନ୍ତି । ଯାହାଫଳରେ ଏହି ଅଞ୍ଚଳର ଜନ ସାଧାରଣ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ମଧ୍ୟରୁ ପ୍ରମୁଖ ବିଦ୍ୟୁତ୍ ସମସ୍ୟା ପାଲଟିଛି । ଜିଲ୍ଲାରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ସାହାଯ୍ୟରେ ଏହି ସେବା ଯୋଗାଇ ଦିଆ ଯାଉଥିବା ନେଇ ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟା, ପବନ, ବନ୍ୟା ଓ ଅତ୍ୟଧିକ ବର୍ଷା ଜନିତ କାରଣରୁ ଅଧିକାଂଶ ସମୟରେ କେଉଁଠି ଖୁଣ୍ଟ ଭାଙ୍ଗିଲାଣି ତ ଆର କେଉଁଠି ତାର ଛିଡିବା ଯୋଗୁ ଜନ ସାଧାରଣ ବିପଦର ସମ୍ମୁଖିନ ହୋଇ ବହୁ ଜନ ଜୀବନ କ୍ଷତି ହେଉଛି । ତେଣୁ ପୁନର୍ବାର ଏହି ସେବା ବିଦ୍ୟୁତ୍ ବିଭାଗ ଯୋଗାଇ ଦେବା ପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଛି । ଯାହାଫଳରେ ଜିଲ୍ଲାର ଜରୁରୀ ସେବା ଠାରୁ ଆରମ୍ଭ କରି ବିଭିନ୍ନ ସେବା ବନ୍ଦ ହୋଇଯିବା ନେଇ ଜନସାଧାରଣ ଏହି ସେବାରୁ ବଞ୍ଚିତ ହେଉଥିବା ନଜିର ରହିଛି । ନିକଟରେ ବିଧାନସଭା ବୈଠକରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରକୃତି ବିପର୍ଯ୍ୟୟ ଜିଲ୍ଲାରେ ଭୂତଳ କେବୁଲ ମାଧ୍ୟମରେ ନିରାପଦ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ଯୋଜନା ରହିଥିବା ବେଳେ, ଜଗତସିଂହପୁର ପାଇଁ ଏହି ଯୋଜନା ଅଛି କି ନାହିଁ, ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ପ୍ରଶ୍ନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ, ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ଟିପିସିଓଡିଏଲ୍ ତଥ୍ୟ ଅନୁଯାୟୀ, ସମ୍ପୃକ୍ତ ବିଭାଗ ଉପକୂଳବର୍ତ୍ତୀ ଅଞ୍ଚଳର ପବନ ପ୍ରବଣ କ୍ଷେତ୍ର ଗୁଡିକ ଚିହ୍ନଟ କାର୍ଯ୍ୟ ସମାପ୍ତ ହୋଇଛି । କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଘୂର୍ଣ୍ଣିଝଡ ପ୍ରତିରୋଧୀ ଡିଜାଇନ୍ ନିର୍ଦ୍ଦେଶାବଳୀ ପାଳନ କରାଯାଇ ସମସ୍ତ ନୂତନ ନେଟ୍‌ୱାର୍ଡ ନିର୍ମାଣ କରୁଛନ୍ତି । ଉକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଟିପିସିଓଡିଏଲ୍ କମ୍ପାନୀ ଉପରିକ୍ତ ଅଞ୍ଚଳ ଗୁଡିକରେ ଭୂତଳ କେବୁଲିଂ, ଘୂର୍ଣ୍ଣିଝଡ ପ୍ରତିରୋଧୀ ପୋଲ ସ୍ଥାପନ, ଖୋଲା ତାର ଗୁଡିକୁ ଏବି କେବୁଲରେ ପରିବର୍ତ୍ତନ, ଇନ୍‌ଡୋର ପିଏସ୍‌ଏସ୍ ଡିଜାଇନ୍ ଏବଂ ପ୍ଲିନଥ୍ ମାଉଣ୍ଟେଡ୍ ବଣ୍ଟନ ଟ୍ରାନ୍ସଫର୍ମର ସ୍ଥାପନ ଇତ୍ୟାଦି ପଦକ୍ଷେପ ଜାରି ରହିଛି । ବିଦ୍ୟୁତ୍ ବିଭ୍ରାଟକୁ କମ୍ କରିବା, ଭିତିଭୂମି କ୍ଷତି ହ୍ରାସ କରିବା ଏବଂ ଘୂର୍ଣ୍ଣିବାତ୍ୟା ପରେ ବିଜୁଳି ସଂଯୋଗର ଦ୍ରୁତ ପୁନରୁଦ୍ଧାର କରିବା ଏହି ପଦକ୍ଷେପର ମୂଳ ଲକ୍ଷ । ବର୍ତ୍ତମାନ ଜଗତସିଂହପୁର ସହରର ପ୍ରମୁଖ କାର୍ଯ୍ୟାଳୟ ଯଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁଲିସ ଅଧୀକ୍ଷକ କାର୍ଯ୍ୟାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଇତ୍ୟାଦି ଗୁଡିକୁ ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ କ୍ଷତି ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଉଛି । ଏହି ଯୋଜନା ଅନ୍ତର୍ଗତ ଜଗତସିଂହପୁର ସହରରେ ବର୍ତ୍ତମାନ ଭୂତଳ କେବୁଲିଂ କାର୍ଯ୍ୟ ଚାଲୁଅଛି । ଆସନ୍ତା ନଭେମ୍ବର-୨୦୨୫ ସୁଦ୍ଧା ଏହି କାର୍ଯ୍ୟ ସମାପ୍ତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ସୁଚନା ପ୍ରଦାନ କରିଛନ୍ତି ।

# ମା’କନକ ଦୁର୍ଗାଙ୍କ କଳସଯାତ୍ରା

**ଚାନ୍ଦୋଳ,୩୦।୯/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଗ୍ରାମର ସୁଦର୍ଶନ ବାବାଙ୍କ ପୂଜାମଣ୍ଡପରେ ଆୟୋଜିତ ମା’କନକ ଦୁର୍ଗାଙ୍କ ପୂଜା ଉପଲକ୍ଷେ ସପ୍ତମୀ ତିଥିରେ ଶୁଭ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରତ୍ୟୁଷରେ ପଲେଇ ସ୍ଥିତ ସିଦ୍ଧ ମହାପୁରୁଷଙ୍କ ନିକଟସ୍ଥ ବାଲିଗଡ଼ିଆ ଠାରୁ ପୂଜାର୍ଚ୍ଚନା ସହିତ ପୂର୍ଣ୍ଣ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁ ଏହି କଳସଯାତ୍ରାର ସାମିଲ ହୋଇଥିଲେ ।

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 19/09/2025 I, BAPUN NAIK, S/o- Late Bhramara Naik of vill- Nayadhanurjaypur, Po- Ukhunda, Ps- Baria, Dist- Keonjhar, Pin-758032 Declare that I have changed my son's name from ABHIJIT NAIK to DINESH NAIK. Henceforth, he shall be known as **DINESH NAIK** for all purposes.

**BAPUN NAIK**

# ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ପାର୍ବଣପୂଜା

**ନୟାହାଟ,୩୦।୯/ଏନ୍ଏନ୍ଏସ୍:** ସର୍ବଧର୍ମ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀ ଙ୍କ ଷୋହଳ ଦିନ ବ୍ୟାପି ପାର୍ବଣ ପୂଜା ଗତକାଲି ଅଷ୍ଟମୀ ତିଥିରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ ମା'ଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ଚଣ୍ଡୀ ପାଠ ଓ ପାର୍ଶ୍ୱ ଦେବୀ ମା' ବଗଳାମୁଖୀ, ମା' ଭୁବନେଶ୍ୱରୀ, ମା' ଧୂମାବତୀ, ମା' ଛିନ୍ନମସ୍ତା, ମା' ମାତଙ୍ଗୀ, ମା' କମଳା, ମା' ତ୍ରିପୁରା, ମା' ଷୋଡ଼ଶୀ, ମା' ଭୈରବୀ, ମା' ତାରା ଦେବୀଙ୍କୁ ରୀତି ନୀତି ଅନୁଯାୟୀ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ପ୍ରତ୍ୟେକ ଦିନ ମା'ଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ସମାବେଶ ଲାଗି ରହିଥିବା ବେଳେ ମା'ଙ୍କ ନିକଟରେ ନିଜର କୃପା ଭିକ୍ଷା ଲାଭ କରିଥିଲେ। ଚଳିତ ମାସ ମୂଳାଷ୍ଟମୀ ତିଥିରୁ ଆରମ୍ଭ ହୋଇ ପାର୍ବଣ ପୂଜା ଗତକାଲି ଅଷ୍ଟମୀ ତିଥିରେ ପଣ୍ଡିତ ଶରତ ମିଶ୍ର ମା'ଙ୍କ ସନ୍ଧି ପୂଜା କରିଥିଲେ। ରାତ୍ରରେ ଅଖଣ୍ଡ ନାମ ସଂକୀର୍ତ୍ତନ ଓ ଅଖଣ୍ଡ ଭଜନ ରେ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ରଚିତ ଭଜନକୁ ବାବାଜୀ ଅକ୍ଷୟ କୁମାର ଦାସ, ସେବିକା ସବିତା ଦାସ, ଶାନ୍ତି ମା, ଅନୁ ମା, ମିନା ମା, ହର୍ଷ ମା, ସବିତା ମା, ବାସନ୍ତୀ ମା, ସନ୍ତୋଷ ସାହୁ, ଟୁଲୁ ଦଳେଇ, ଧୋବେଇ ଭାଇ, ଟୁନିଆ ଭାଇ ପ୍ରମୁଖ ଗାନ କରିଥିଲେ। ଏହି ଷୋଳଦିନ ବ୍ୟାପୀ ପାର୍ବଣ ପୂଜାକୁ ଡାକ୍ତର ରତ୍ନାକର ମହାନ୍ତି, ନୀଳମଣି ସାହୁ, ପ୍ରୀତି ରଞ୍ଜନ ଦାସ, ମହେଶ ସାହୁ, ବ୍ରଜଭାଇ, ସୁରଭାଇ, ରମେଶ ଭାଇ, ଗୋବିନ୍ଦ ଭାଇ, ଅଭି ଭାଇ, ଚରଣ ଭାଇ ପ୍ରମୁଖ ପରିଚାଳନା କରିଥିଲେ।

## ଶତାୟୁ କବିରାଜଙ୍କ ବିୟୋଗରେ ଶୋକ

**ଫୁଲନଖରା,୩୦।୯/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ରାୟପୁର ଅଞ୍ଚଳର କବିରାଜ ଲିଙ୍ଗରାଜ ପୃଷ୍ଟିଙ୍କ ୧୦୪ ବର୍ଷ ବୟସରେ ଆଜି ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣିଙ୍କ ସମେତ ଆତ୍ମୀୟ ଉପସ୍ଥିତ ଥିଲେ। ଏହି ଖବର ପାଇ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରାରେ ଅନ୍ତିମ ସଂସ୍କାର ହୋଇଥିଲା। ଜ୍ୟେଷ୍ଠପୁତ୍ର ରଜନୀକାନ୍ତ ପୃଷ୍ଟି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଲିଙ୍ଗରାଜ ପୃଷ୍ଟିଙ୍କ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଖୁବ ସୁନାମ ରହିଥିଲା।

## ଆଦର୍ଶ ପରିବାର ସମ୍ମାନ ପ୍ରଦାନ

**ଖୋର୍ଦ୍ଧା,୩୦।୯/ଏନ୍ଏନ୍ଏସ୍:** ଲକ୍ଷାଧିକ ଟଙ୍କାରେ ନିର୍ମିତ ବିରାଟ ବିରାଟ ତୋରଣ ପ୍ରଛଦପଟ୍ଟେ ମହଣ ମହଣ ଚାନ୍ଦି ନିର୍ମିତ ମେଢ, ଆପାଦମସ୍ତକ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ମା' ପୂଜା ପାଇବେ। ପ୍ରତିକୂଳ ପରିସ୍ଥିତିରେ ନୈତିକତା ଓ ମୂଲ୍ୟବୋଧକୁ ବଞ୍ଚାଇ ରଖିଥିବା ପରିବାରକୁ ଆଦର୍ଶ ପରିବାର ସମ୍ମାନରେ ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ସମ୍ବର୍ଦ୍ଧିତ କରୁଛି। ଖୋର୍ଦ୍ଧା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜଉଆନ୍ କବାକ୍ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଡିଏ କଲୋନୀରେ ରହୁଥିବା ବନଜିନୀ ଷଡଙ୍ଗୀ(୭୭ବର୍ଷ) ଓ କୈଳାସ ଚନ୍ଦ୍ର ଷଡଙ୍ଗୀ(୮୫ ବର୍ଷ)ଙ୍କୁ ସେମାନଙ୍କ ପୁତ୍ର ଶୈଳେଶ କୁମାର ଷଡଙ୍ଗୀ, ଉମେଶ କୁମାର ଷଡଙ୍ଗୀ, ପୁତ୍ର ବଧୂ, କନ୍ୟାଙ୍କ ଜାମାତା ନାତି ନାତୁଣୀଙ୍କ ଉପସ୍ଥିତିରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଅନୁଷ୍ଠାନର ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ମଞ୍ଚର ସଭାପତି ଦେବପ୍ରସାଦ ମଜୁମଦାରଙ୍କ ପୌରହିତରେ ଆୟୋଜିତ ସଭାରେ ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତି'ମା'ରେ ଈଶ୍ୱରୀୟ ସତ୍ତା ଅନୁଭବ କଲେ 'ମା' ଦୁର୍ଗାଙ୍କ ପ୍ରତିମା ପୂଜାର ମହତ ରହିବ ବୋଲି ପ୍ରକାଶ କରିଥିଲେ। ବିଧାନ ଚନ୍ଦ୍ର ମହାନ୍ତି, ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ମହାପାତ୍ର, ସତ୍ୟବାଦୀ ବଳିୟାରସିଂହ, ସନ୍ତୋଷ କୁମାର ଦାସ, ରବିନ୍ଦ୍ର କୁମାର ସାହୁ, ସତ୍ୟବ୍ରତ ଦାସ, ରତ୍ନାକର ରଣସିଂହ, ନବକିଶୋର ମହାପାତ୍ର, ନବୀନ ସାମନ୍ତସିଂହାର, ମାୟାଧର ପ୍ରଧାନ, ହରମୋହନ ମହାପାତ୍ର, ଗଦାଧର ଗୋଛି, ବିପିନ ବିହାରୀ ମିଶ୍ର, ବିଜୟ କୁମାର ପଣ୍ଡା,ଅଞ୍ଜନ କୁମାର ରାୟ, ବିରଞ୍ଚିନାରାୟଣ ପ୍ରଧାନ, ରବି ନାରାୟଣ ପାଇକରାୟ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଏବଂ ହାଜି ନସିମ ଉଦ୍ଦିନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

**ଫୁଲନଖରା,୩୦।୯/ଏନ୍ଏନ୍ଏସ୍:** ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ ଏକାଡ଼େମୀ(ଏସିଏ) ଫୁଲନଖରା ଉପଦେଷ୍ଟା ତଥା ଖୋର୍ଦ୍ଧା ସ୍ଥିତ ସନାତନ ହରିଚନ୍ଦନ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟିକ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ଦାସଙ୍କୁ ଶିକ୍ଷାଦାନ, ସମାଜସେବା, ସାହିତ୍ୟ ସେବା, ପରିବେଶ ସୁରକ୍ଷା, ରକ୍ତଦାନ ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅବଦାନ ନେଇ ଆରଆଇସିଟି କମ୍ପ୍ୟୁଟର ଇନଷ୍ଟିଚ୍ୟୁଟ ପକ୍ଷରୁ ନିର୍ଦ୍ଦେଶକ ଅମ୍ବୁଜା ମହାନ୍ତି, ଶିକ୍ଷାବିତ୍ ପ୍ରମୋଦ ଜେନାଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ସୁକନ୍ୟା ପାୟଲ ପ୍ରିୟଦର୍ଶିନୀ ଓ ପୁନମ ପ୍ରିୟଦର୍ଶିନୀ ଉଭୟ ଚିତ୍ରକଳା,ସାହିତ୍ୟ ସାଧନା ଦିଗରେ ଗବେଷଣା ତଥା ମେଧା ପ୍ରତିଭା ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି।

ପ୍ରଥମ ପୃଷ୍ଠାରୁ

## ଆଲୋଚନା କଲେ, ଅଭିଯୋଗ ...

ସାଇମନ୍ଦିର ଯାଇଥିଲେ। ସନ୍ଧ୍ୟାରେ ପୁରୁଣା ବଜାରଠାରେ ସାର୍ବଜନୀନ ଦୁର୍ଗାପୂଜାର ୭୫ ବର୍ଷ କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜଗନ୍ନାଥପୁର ଦୁର୍ଗାପୂଜା ଓ ରାହାସ ପଡ଼ିଆ ଡେଲି ମାର୍କେଟ୍ ଦୁର୍ଗାପୂଜାରେ ଯୋଗଦେଇଥିଲେ। ଏଠାରେ ପୂଜା କମିଟି ପକ୍ଷରୁ ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ସମ୍ପାଦକ ସନ୍ଦୀପ କୁମାର ପଟ୍ଟନାୟକ ଓ ସଦସ୍ୟ ବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ଉପଢ଼ୌକନ ପ୍ରଦାନ କରିଥିଲେ। ରାତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁଜୁରାଟୀ ସମାଜର କାର୍ଯ୍ୟକ୍ରମରେ ଯୋଗଦେଇ ସର୍କିଟ୍ ହାଉସ୍‌ରେ ରାତ୍ରୀଯାପନ କରିବାର ବ୍ୟବସ୍ଥା ହୋଇଛି। ପୂର୍ବାହ୍ନରେ ରାଇସୁଆଁ ବିମାନ ବନ୍ଦରରେ ଅବତରଣ କରିବା ପରେ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ, ଜିଲ୍ଲାପାଳ ବିଶାଲ ସିଂ, ଏସ୍‌ପି ନିତିନ କୁଶଲକର, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରିଷ୍ଠ ନେତା ବିରଜା ମିଶ୍ର, ଉପସଭାପତି ଗୋପୀନାଥ ରାମ, ଦିଲ୍ଲୀପ ପଣ୍ଡା, ଦଳୀୟ ନେତୃବୃନ୍ଦ ଓ ବୁଦ୍ଧିଜୀବୀ ପ୍ରମୁଖ ସ୍ୱାଗତ ଜଣାଇଥିଲେ।

## ପୁଲିସ ଏସ୍ଆଇ ପରୀକ୍ଷା ...

ବ୍ରହ୍ମପୁର ଆଣି ପଚରାଉଚରା କରୁଥିବା ସୂଚନା ମିଳିଛି। କ୍ରାଇମ୍‌ବ୍ରାଞ୍ଚ୍ ଓ ବ୍ରହ୍ମପୁର ପୁଲିସ ପକ୍ଷରୁ ଛାନଭିନ୍ ଜାରି ରହିଛି । ଚାକିରି ର୍‌ୟାକେଟ୍‌ର ପର୍ଦ୍ଦାଫାସ୍ ପରେ ଓଡ଼ିଶା ପୁଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ପକ୍ଷରୁ ଆଶାୟୀମାନଙ୍କ ପାଇଁ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି। ହେଲ୍ପ ଲାଇନ୍ ନମ୍ବର ହେଲା ୯୦୪୦୪୯୩୨୨୩। ଯେଉଁମାନଙ୍କର ଯାହା ଅଭିଯୋଗ ରହିଛି ସେମାନେ ଏହି ନମ୍ବରରେ ଅଭିଯୋଗ କରିପାରିବେ।








































# ଆଜିର ଇତିହାସ

- ୧୮୫୪-ଆମ ଦେଶରେ ଡ଼ାକ ଟିକେଟ୍‌ର ପ୍ରଚଳନ ହୋଇଥିଲା।
- ୧୯୧୯-ହଣ୍ଟର ସମିତିର ସ୍ଥାପନା ହୋଇଥିଲା।
- ୧୯୫୩-ଆନ୍ଧ୍ରପ୍ରଦେଶ ଏକ ଅଲଗା ରାଜ୍ୟର ମାନ୍ୟତା ପାଇଥିଲା।
- ୧୯୭୮-ଝିଅମାନଙ୍କର ବିବାହ ବୟସ ୧୮ ଓ ପୁଅମାନଙ୍କର ୨୧ ବର୍ଷକୁ ବୃଦ୍ଧି କରାଯାଇଥିଲା।
- ୨୦୦୮-ତ୍ରିପୁରାର ରାଜଧାନୀ ଅଗରତାଲା ଠାରେ ଆତଙ୍କବାଦୀମାନେ ବୋମା ବିସ୍ଫୋରଣ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଆର୍ଥିକ ଭାବରେ ଦିନଟି ଉତ୍ତମ। ନିକଟ ବନ୍ଧୁଙ୍କ ସାହାଯ୍ୟରେ କିଛି ବ୍ୟାପାରୀ ଧନ ଲାଭ କରିବେ। ସନ୍ଧ୍ୟା ସମୟରେ ଶୁଭ ସମାଚାର ପାଇବେ। ରଚନାତ୍ମକ କ୍ଷେତ୍ରର ଲୋକମାନେ ସଫଳତା ପ୍ରାପ୍ତ କରିବେ।

**ବୃଷ** - ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ପ୍ରୋଜେକ୍ଟରୁ ସଫଳତା ପାଇବେ। ରୋମାଣ୍ଟିକ ଜୀବନ ଖୁବ୍ ରହିବ। ପରିବାରର ସଦସ୍ୟଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। କଲିଗ୍ କାମକୁ ପ୍ରଶଂସା କରିବେ।

**ମିଥୁନ** - ଖାଦ୍ୟପେୟ ପ୍ରତି ଅବହେଳା କରନ୍ତୁ ନାହିଁ। କୌଣସି ପେଣ୍ଡିଂ ପେମେଣ୍ଟ କରିପାରନ୍ତି। ଆର୍ଥିକ ଲାଭ ଯୋଗୁ ଧନର ସ୍ଥିତିରେ ସୁଧାର ହେବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ।

**କର୍କଟ** - କରଜ ଶୁଝିବାରେ ସଫଳ ହେବେ। କାର୍ଯ୍ୟସ୍ଥଳରେ ନୂଆ ଭୂମିକା ଗ୍ରହଣ କରିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ। ପରିବାରକୁ ସମୟ ଦେବେ। ବାଣୀ ଉପରେ ସଂଯମ ରଖନ୍ତୁ।

**ସିଂହ** - ଗର୍ଭବତୀ ମହିଳାମାନେ ଖାସ୍ ଧ୍ୟାନ ଦେବେ। କାରୋବାରୀ ସ୍ଥିତି ମଜଭୁତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାହିତ ଲୋକମାନଙ୍କ ପ୍ରେମ ଜୀବନ ଶାନ୍‌ଦାର ରହିବ।

**କନ୍ୟା** - ମନ ଆଜି ପ୍ରସନ୍ନ ରହିବ। ଶୈକ୍ଷିକ କାମରେ ସଫଳତା ମିଳିବ। ସନ୍ତାନ ତରଫରୁ ସୁଖଦ ସମାଚାର ପାଇବେ। ମାତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଅତିବାଦୀ ନହେଲେ ଭଲ। ଆର୍ଥିକ ଲାଭ ହୋଇପାରେ।

**ତୁଳା** - ଶାରୀରିକ ଭାବରେ ଫିଟ୍ ରହିବା ପାଇଁ ବ୍ୟାୟାମ କରନ୍ତୁ। ନିବେଶର ଅବସର ପାଇବେ। ଧନର ସ୍ଥିତିରେ ସୁଧାର ହେବ। ନୂଆ ଗ୍ରାହକମାନଙ୍କ ପାଇଁ ଶାନ୍‌ଦାର ଦିନଟିଏ। ଯାତ୍ରା ଲାଭକାରୀ ରହିବ।

**ବିଛା** - ମନରେ ଶାନ୍ତି ଓ ପ୍ରସନ୍ନ ଭାବ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ସୁଖ-ଶାନ୍ତି ରହିବ। ସୁଖଦ ସମାଚାର ମିଳିପାରେ। ଆୟ ବୃଦ୍ଧି ହେବ। ଭୂମି, ବାହନ କିଣିବା ସମ୍ଭବ।

**ଧନୁ** - ଆଜି ମଉଜ-ମସ୍ତି କରିବେ। ଧନ ଲାଭର ସମ୍ଭାବନା ରହିଛି। ବ୍ୟାପାରୀ ବ୍ୟବସାୟର ବିସ୍ତାର କରିପାରନ୍ତି। ଜୀବନସାଥି ଆବଶ୍ୟକତା ପୂରଣ କରିବେ। ପରିବାର ସହିତ ଧାର୍ମିକ ଯାତ୍ରା ସମ୍ଭବ।

**ମକର** - ଆତ୍ମବିଶ୍ୱାସରେ ବୃଦ୍ଧି ହେବ। ଅଧିକ ବ୍ୟୟ ହେବା ଯୋଗୁ ମନ ଚିନ୍ତିତ ରହିବ। ମାତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। କୌଣସି ମିତ୍ରଙ୍କ ସହଯୋଗରେ ପରିବର୍ତ୍ତନ ଆସିବ। ଯାତ୍ରାରୁ ଲାଭ ମିଳିପାରେ।

**କୁମ୍ଭ** - ଆଜି ପ୍ରେମ ଓ ସନ୍ତାନରୁ ଲାଭ ମିଳିବ। ଜୀବନସାଥିଙ୍କ ସହଯୋଗ ପାଇବେ। କାମରେ ସିନିୟର୍ସଙ୍କ ସହଯୋଗ ମିଳିବ। ନୂଆ କାମର ଆରମ୍ଭ ସମ୍ଭବ। ସମ୍ପର୍କୀୟଙ୍କ କାରଣରୁ ମାନସିକ ଚାପ ମିଳିପାରେ।

**ମୀନ** - ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ନକଲେ ଭଲ। ସମ୍ପର୍କରେ ଫାଟ ସୃଷ୍ଟି ହେବ। ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ଉତ୍ତମ।

# ଶ୍ରୀମଦ୍ ଭଗବଦ୍‌ଗୀତା



ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ। (୧୨/୬)
ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍।
ଭବାମି ନଚିରାତ୍ ପାର୍ଥ ମୟ୍ୟାବେଶିତଚେତସାମ୍। (୧୨/୭)

କିନ୍ତୁ ଯେଉଁମାନେ ସମସ୍ତ କର୍ମ ତ୍ୟାଗ କରି ଏବଂ ସେସବୁ କର୍ମକୁ ମୋତେ ସମର୍ପଣ କରି ମୋର ଉପାସନା କରନ୍ତି ଏବଂ ମନ ବାକ୍ୟ ଓ ଚିନ୍ତାରେ ମୋତେ ଭାବନ୍ତି ଯେ ମୁଁ ହିଁ ପରମ ଗତି ଏବଂ ତଦନୁଯାୟୀ ଏକାଗ୍ର ଚିତ୍ତରେ ମୋତେ ଧ୍ୟାନ କରନ୍ତି, ତାଙ୍କୁ ମୁଁ ସଦୟ ହୋଇଥାଏ।

ହେ ପାର୍ଥ ! ଯାହାର ଭାବନା ଓ ଧ୍ୟାନ ମୋ ଉପରେ ଏହିପରି ଏକାଗ୍ରତାର ସହିତ ରହିଥାଏ, ମୁଁ ତାଙ୍କୁ ବହୁ ଶୀଘ୍ର ସଂସାର ସାଗରରୁ ଉଦ୍ଧାର କରିଥାଏ।

**ଶ୍ରୀ ରାମକୃଷ୍ଣ କହନ୍ତି** - ଈଶ୍ୱର-ଲାଭ କରିବା ସେମାନଙ୍କ ପାଇଁ ସହଜ ହୁଏ ଯାହାଙ୍କର ଭକ୍ତି ଉଚ୍ଛୁଳି ଦିବ୍ୟତା ପାଖରେ ପହଞ୍ଚି ଥାଏ। ଯାହାର ଏଭଳି ଉର୍ଜିତ ଭକ୍ତିର ଲକ୍ଷଣ ଦେଖାଯାଏ, ନିଶ୍ଚିତ ତା'ର ଈଶ୍ୱର ଲାଭର ସମୟ ପାଖେଇଗଲାଣି।

# ରକ୍ତଦାନର ଆବଶ୍ୟକତା






ଆମ ଦେଶରେ ରକ୍ତଦାନ ଦିବସ ତ ପାଳନ କରାଯାଏ କିନ୍ତୁ ଜାତୀୟ ସ୍ତରରେ ଆଜି ପାଳନ କରାଯାଉଛି ସ୍ୱେଚ୍ଛାକୃତ ରକ୍ତଦାନ ଦିବସ। ରକ୍ତର ଆବଶ୍ୟକତା ଓ ତା'ର ମହତ୍ତ୍ୱକୁ ବୁଝିବାର ଅଭିପ୍ରାୟ ହେଉଛି ଏହି ଦିବସର ଉଦ୍ଦେଶ୍ୟ। ୧୯୭୫ର ଆଜିର ଦିନରେ ପ୍ରଥମ ଥର ପାଇଁ ଏହି ବିଶେଷ ଦିବସର ଆରମ୍ଭ ହୋଇଥିଲା। ଏହାର ଆରମ୍ଭ କରିଥିଲା ଇଣ୍ଡିଆନ୍ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ ଆଣ୍ଡ ଇମ୍ୟୁନୋହେମେଟୋଲୋଜି। ୧୯୭୧ରେ ଡକ୍ଟର ଜେଜି ଜୋଲୀ ଓ ମିସେସ୍ କେ ସ୍ୱରୂପଙ୍କ ନେତୃତ୍ୱରେ ଏହି ସଂସ୍ଥାର ସ୍ଥାପନା କରାଯାଇଥିଲା। କାରଣ ମଣିଷ ଜୀବନରେ ରକ୍ତର ମହତ୍ତ୍ୱ ବହୁତ ଅଧିକ ରହିଛି। ଦୁର୍ଘଟଣା, ମହିଳାମାନଙ୍କର ସମସ୍ୟା, ଗମ୍ଭୀର ରୋଗଗୁଡ଼ିକରେ ରକ୍ତର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ଦିବସର ପ୍ରାରମ୍ଭ ହୋଇଥିଲା। ସାଧାରଣତଃ ରକ୍ତଦାନକୁ ନେଇ ଲୋକମାନଙ୍କ ମନରେ ଅନେକ ପ୍ରକାରର ଭ୍ରାନ୍ତ ଧାରଣା ରହିଛି ଯେଉଁ କାରଣରୁ ରକ୍ତର ଆବଶ୍ୟକ ହେଉଥିବା ଅନେକ ଲୋକଙ୍କୁ ସଠିକ୍ ସମୟରେ ରକ୍ତ ମିଳିପାରେ ନାହିଁ। ସେଥିପାଇଁ ଦେଶର କେତୋଟି ରାଜ୍ୟରେ ଲୋକମାନେ ଅଧିକ ପରିମାଣରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥାନ୍ତି। ଏହି ରାଜ୍ୟଗୁଡ଼ିକର ସୂଚୀରେ ଶୀର୍ଷ ସ୍ଥାନରେ ଅଛନ୍ତି ତ୍ରିପୁରା, ତାମିଲନାଡୁ, ପଶ୍ଚିମ ବଙ୍ଗ ଓ ମହାରାଷ୍ଟ୍ର। ତ୍ରିପୁରାରେ ସର୍ବାଧିକ ୯୩ ପ୍ରତିଶତ ରକ୍ତଦାନ ହେଉଥିବା ବେଳେ ଏହାର ବିପରୀତରେ ମଣିପୁର ରାଜ୍ୟରେ ସବୁଠାରୁ କମ୍ ରକ୍ତଦାନ କରାଯାଏ।

# ସଙ୍ଗୀତ ଦିବସ

ସଙ୍ଗୀତ କୌଣସି ଦେଶ ବା ଧର୍ମ ପର୍ଯ୍ୟନ୍ତ ସୀମିତ ହୋଇ ରହିନଥାଏ। ସଙ୍ଗୀତ ସହିତ ଯୋଡ଼ି ହୋଇଥାଏ ଲୋକମାନଙ୍କର ହୃଦୟ। ସଙ୍ଗୀତ ମାନସିକ ଓ ଶାରୀରିକ ସ୍ତରରେ ଲୋକମାନଙ୍କୁ ଶାନ୍ତି ଦେଇଥାଏ। ସଙ୍ଗୀତ ଶୁଣିବା ମାତ୍ରେ ହୃଦୟ ଗତି ବୃଦ୍ଧିପାଏ ଓ ଆମର ନିଃଶ୍ୱାସ-ପ୍ରଶ୍ୱାସ ନେବାର ପ୍ରକ୍ରିୟାରେ ପରିବର୍ତ୍ତନ ହୋଇଯାଏ। ଏହି ପରିବର୍ତ୍ତନ ଆମର ଚପଳତା, ସମନ୍ୱୟତା ଓ ଷ୍ଟାମିନା ବୃଦ୍ଧି କରେଇବାରେ ସାହାଯ୍ୟ କରେ। ଚିକିତ୍ସା ବିଜ୍ଞାନ ଅନୁସାରେ ପ୍ରତିଦିନ ୨୦ ମିନିଟ୍ ନିଜ ପସନ୍ଦର ସଙ୍ଗୀତ ଶୁଣିରେ ଅନେକ ରୋଗରୁ ମୁକ୍ତି ମିଳିଥାଏ। କାରଣ ସଙ୍ଗୀତର ରାଗଗୁଡ଼ିକ ସାହାଯ୍ୟରେ ଭଜନ, ବାଦ୍ୟଯନ୍ତ୍ର ଦ୍ୱାରା ଲାଭ ପ୍ରାପ୍ତ କରିହୁଏ। ରାଗ ଦରବାରୀ, ରାଗ ଭୈରବୀ, ରାଗ ଖମାଜ, ରାଗ ଜୟ ଜୟବନ୍ତୀ, ରାଗ ଶିବରଞ୍ଜନୀ, ରାଗ ପୀଲୁ, ରାଗ ବିହାଗ, ବୀଣା ବାଦନ, ରାଗ ମାଲକୌନ୍ସ ଆଦି ଦ୍ୱାରା ଅନେକ ରୋଗର ଉପଚାର ସମ୍ଭବ। ଏକ ଅଧ୍ୟୟନ ଅନୁସାରେ ଯେଉଁ ଲୋକମାନେ ଗୀତ ଶୁଣୁଛନ୍ତି ସେମାନଙ୍କୁ ହାର୍ଟ ଆଟାକ୍ ଆସିବାର ସମ୍ଭାବନା କମ୍ ଥାଏ। ଯେଉଁ ଲୋକମାନେ ପ୍ରତିଦିନ ସଙ୍ଗୀତ ଶୁଣନ୍ତି ସେମାନଙ୍କୁ କ୍ରୋଧ କମ୍ ଆସେ ବୋଲି କୁହାଯାଏ। ସେମାନେ ଶାନ୍ତ ସ୍ୱଭାବର ହୋଇଥାନ୍ତି। ବାକି ଲୋକମାନଙ୍କ ଅପେକ୍ଷା ସେମାନେ ଅଧିକ ଖୁସିରେ ମଧ୍ୟ ରହନ୍ତି। ଏଥିପାଇଁ ୧୯୪୯ରେ ୟୁନେସ୍କୋର ଏକ ଦଳ ଅନ୍ତର୍ଜାତୀୟ ସ୍ତରରେ ସଙ୍ଗୀତକୁ ପ୍ରୋତ୍ସାହନ ଦେବା ପାଇଁ ନିଷ୍ପତ୍ତି ନେଇଥିଲା। କାରଣ ବିଶ୍ୱରେ ଶାନ୍ତିକୁ ବଜାୟ ରଖିବା ଦିଗରେ ଏକ ଶକ୍ତି ଭାବରେ ସଙ୍ଗୀତକୁ ବ୍ୟବହାର କରାଯାଇପାରିବ। ଲର୍ଡ ୟେହୁଦୀ ମେନୁହୀନଙ୍କୁ ପୂରା ଭରସା ଥିଲା ଯେ ସଙ୍ଗୀତ ଦ୍ୱାରା ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ମଜଭୁତ ହେବ। ଏହା ଦ୍ୱାରା ସମୁଦାୟଗୁଡ଼ିକ ମଧ୍ୟରେ ସଂସ୍କୃତିର ପାର୍ଥକ୍ୟ କମ୍ ହେବ। ସେଥିପାଇଁ ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ ସଙ୍ଗୀତ ଦିବସ। ତେବେ ବିଗତ କିଛି ବର୍ଷ ହେଲା ଏହି ଦିବସ ବ୍ୟସ୍ତ ରହୁଥିବା ଲୋକମାନଙ୍କୁ ଆକର୍ଷିତ କରୁଥିବାର ଦେଖିବାକୁ ମିଳୁଛି। ତେବେ ଆଜି ବିଶ୍ୱରେ ପାଳନ କରାଯାଉଥିବା ସଙ୍ଗୀତ ଦିବସକୁ ଫେଟେ ଡେ' ଲା ମ୍ୟୁଜିକ୍ ବୋଲି ମଧ୍ୟ କୁହାଯାଏ।



# ଅନ୍ତର୍ଜାତୀୟ କଫି ଦିବସ

**୧୯୬୩ରେ ଲଣ୍ଡନ ଠାରେ ସ୍ଥାପନା କରାଯାଇଥିବା ଅନ୍ତର୍ଜାତୀୟ କଫି ସଂଗଠନ ୨୦୧୫ରେ ୧ ଅକ୍ଟୋବର ଦିନଟିକୁ କଫି ଦିବସ ଭାବରେ ପାଳନ କରିବା ପାଇଁ ଘୋଷଣା କରିଥିଲା। କଫି ଏକ ପସନ୍ଦଯୋଗ୍ୟ ପାନୀୟ ମଧ୍ୟରୁ ଅନ୍ୟତମ। ଦିନର ଆରମ୍ଭ ହେଉ ଅବା କୌଣସି ସାଙ୍ଗ ସହିତ କଥାବାର୍ତ୍ତା କରୁଥିବା ସମୟରେ ହେଉ କଫି ସମସ୍ତଙ୍କ ଜୀବନର ଅଂଶବିଶେଷ ହୋଇ ରହିଛି। ତେବେ ଏହି ବିଶେଷ ଅବସରରେ କଫି ସମ୍ପର୍କରେ କିଛି ରୋଚକପୂର୍ଣ୍ଣ ତଥ୍ୟ ବିଷୟରେ ଜାଣିବା।**

**ଇତିହାସ**-କଫିର ଇତିହାସ ବହୁତ ପୁରୁଣା। କିଛି ଲୋକଙ୍କ ଅନୁସାରେ ଆଫ୍ରିକା, ଭିଏତନାମ, ଇଣ୍ଡୋନେସିଆ ଓ ଆମେରିକା ପରି ଦେଶଗୁଡ଼ିକରେ ପ୍ରାଚୀନ କାଳରୁ ଲୋକମାନେ କଫି ପସନ୍ଦ କରୁଥିଲେ। ଏକ ତର୍କ ଅନୁସାରେ ୟୁରୋପରେ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀ ମଧ୍ୟରେ କଫି ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ଅନ୍ୟ ଏକ ତର୍କ ଅନୁସାରେ କଫିର ଆରମ୍ଭ ହୋଇଥିଲା ୮୫୦ ଖ୍ରୀଷ୍ଟାବ୍ଦ ଆଖପାଖ ଇଥିଓପିଆ ଠାରେ। ଲାଲ୍ ସାଗରର ଦକ୍ଷିଣ ପାର୍ଶ୍ୱରେ ଥିବା ଇଥିଓପିଆକୁ କଫିର ଜନ୍ମସ୍ଥଳ ବୋଲି ଲୋକମାନେ କହନ୍ତି। ତେବେ ଆମ ଦେଶ ଭାରତ, ଏସିଆର ତୃତୀୟ ସବୁଠାରୁ ବଡ଼ କଫି ଉତ୍ପାଦକ ଦେଶ ଓ ପୂରା ବିଶ୍ୱରେ ଏହା ରହିଛି ଷଷ୍ଠ ସ୍ଥାନରେ। ଆମ ଦେଶରେ ଉଚ୍ଚ ଗୁଣବତ୍ତାର କଫି ମିଳେ ଓ ଅନ୍ତଃରାଷ୍ଟ୍ରୀୟ ବଜାରରେ ପ୍ରିମିୟମ୍ ଭାବରେ ଲୋକମାନେ ଏହାକୁ ମାନନ୍ତି। ଆମ ଦେଶରେ ମୁଖ୍ୟତଃ ଦୁଇ ପ୍ରକାରର କଫି ମିଳେ- ଆରବିକା ଓ ରୋବୁଷ୍ଟା। ଆରବିକାର ସ୍ୱାଦ ମିଠା ଓ ମୁଲାୟମ୍ ହୋଇଥିବା ବେଳେ ରୋବୁଷ୍ଟା ସାଧାରଣତଃ ଅଧିକ ପିତା ଓ ଟାଣ ହୋଇଥାଏ। ତେବେ କଫି ଉଦ୍ୟୋଗରେ ଦୁଇ ମିଲିୟନ୍‌ରୁ ଅଧିକ ଲୋକଙ୍କୁ ରୋଜଗାର ମିଳିଛି। ଆମ ଦେଶର ଦକ୍ଷିଣରେ ଥିବା ରାଜ୍ୟଗୁଡ଼ିକରୁ ଅଧିକ କଫି ଉତ୍ପାଦନ ହୋଇଥାଏ। ଏଥିମଧ୍ୟରୁ କର୍ଣ୍ଣାଟକ ହେଉଛି କଫିର ବଡ଼ ଉତ୍ପାଦକ ରାଜ୍ୟ ଯେଉଁଠାରେ ଦେଶର ୭୦ ପ୍ରତିଶତ କଫି ଉତ୍ପାଦନ କରାଯାଏ।



# ଶାକାହାରୀ ଜୀବନଶୈଳୀ



ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଶାକାହାରୀ ଦିବସ। ଶାକାହାରୀ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ପାଇଁ ୧୯୭୭ରୁ ଏହି ଦିବସର ଆରମ୍ଭ ହୋଇଥିଲା। ଜୀବମାନଙ୍କ ପ୍ରତି ଦୟାଭାବ ସହିତ ଏହି ଦିବସ ଜଡ଼ିତ। କାରଣ ଆଜିର ସମୟରେ ମାଂସାହାରୀ ଲୋକମାନଙ୍କର ଅଭାବ ନାହିଁ। କିନ୍ତୁ ଶାକାହାରୀ ଜୀବନଶୈଳୀକୁ ଆପଣାଉଥିବା ଲୋକମାନଙ୍କର ମଧ୍ୟ ସଂଖ୍ୟା ବୃଦ୍ଧିପାଇ ଚାଲିଛି। ଏପରିକି ଶାକାହାରୀ ଜୀବନଶୈଳୀରୁ ଲୋକମାନେ ନିଜକୁ ପରିବର୍ତ୍ତନ କରି ଭିଗନ୍ ଡାଏଟ୍‌କୁ ଫଲୋ କରୁଥିବାର ନଜର ଆସୁଛନ୍ତି। ତେବେ ଆପଣ ଯଦି ଶାକାହାରୀ ତେବେ ଏହାର ଅନେକ ଲାଭ ରହିଛି କିନ୍ତୁ କ୍ଷତି ମଧ୍ୟ ରହିଛି। ଉତ୍ତର ଆମେରିକାର ଭେଜିଟେରିଆନ୍ ସୋସାଇଟି ଦ୍ୱାରା ଆରମ୍ଭ କରାଯାଇଥିବା ବିଶ୍ୱ ଶାକାହାରୀ ଦିବସର ଉଦ୍ଦେଶ୍ୟ ନୈତିକ ମାନବୀୟ ଭାବଗୁଡ଼ିକୁ ବୁଝିବା, ପର୍ଯ୍ୟାବରଣ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ଲୋକମାନଙ୍କୁ ଏକା ସହିତ ଆଣିବା ଓ ଅଧିକରୁ ଅଧିକ ସଂଖ୍ୟାରେ ଲୋକମାନେ ଶାକାହାରୀ ଖାଦ୍ୟକୁ ଆପଣାଇବା ଉପରେ ଜୋର୍ ଦେବା।

**ଲାଭ**-ମାଂସାହାରୀଙ୍କ ଅପେକ୍ଷା ଶାକାହାରୀ ଲୋକମାନେ ସାଚୁରେଟେଡ୍ ଫ୍ୟାଟ୍ କମ୍ ନିଅନ୍ତି ଯେଉଁଥି ପାଇଁ ସେମାନଙ୍କ ଭିତରେ ଖରାପ କୋଲେଷ୍ଟେରଲ୍ ବୃଦ୍ଧି ପାଇବାର ସମ୍ଭାବନା କମ୍ ଥାଏ ଓ ହୃଦୟ ସୁସ୍ଥ ରହେ। ଶାକାହାରୀମାନଙ୍କର ରକ୍ତଚାପ ମଧ୍ୟ ନିୟନ୍ତ୍ରଣ ମଧ୍ୟରେ ରହେ। ଏମାନଙ୍କ ଖାଦ୍ୟରେ ଫ୍ୟାଟ୍‌ର ଅଂଶ କମ୍ ରହୁଥିବାରୁ ଓଜନ ନିୟନ୍ତ୍ରଣ ମଧ୍ୟରେ ରହେ। ଶାକାହାରୀ ଖାଦ୍ୟ ସହଜରେ ହଜମ ହୋଇଯାଏ। ଏଥିରେ ଫାଇବର୍‌ର ମାତ୍ରା ଖୁବ୍ ଭଲ ଥିବାରୁ ଅପଚ, ଏସିଡିଟି, କୋଷ୍ଠକାଠିନ୍ୟର ସମ୍ଭାବନା ହ୍ରାସ ପାଏ।

**କ୍ଷତି**-ଶାକାହାରୀ ଲୋକମାନେ ସଠିକ୍ ଭାବରେ ଡାଏଟ୍ ନନେଲେ ସେମାନଙ୍କ ଭିତରେ ପ୍ରୋଟିନ୍, ଭିଟାମିନ-ବି୧୨, ଓମେଗା-୩, କ୍ୟାଲସିୟମ୍ ଆଦି ପୋଷକ ତତ୍ତ୍ୱଗୁଡ଼ିକର ଅଭାବ ଦେଖାଦେଇପାରେ ଯେଉଁଥି ପାଇଁ ସ୍ୱାସ୍ଥ୍ୟ ସମସ୍ୟା ଆରମ୍ଭ ହୋଇପାରେ। ତେଣୁ ଶାକାହାରୀମାନେ ଶାଗ, ଋତୁଜନିତ ଫଳ, କ୍ଷୀର ଓ ଅନ୍ୟ ଡେୟରୀ ଉତ୍ପାଦ, ଅଲଗା ଅଲଗା ପ୍ରକାରର ଶସ୍ୟ, ମେବା, ନଟ୍ସ, ବୀଜ ଆଦିକୁ ଖାଦ୍ୟରେ ସାମିଲ କରିପାରିବେ।

# ଜଣେ ବିଦେଶିନୀ



ଆଧ୍ୟାତ୍ମିକ ଓ ରାଜନୈତିକ ଦୃଷ୍ଟିରୁ ସୁପ୍ତ ଅବସ୍ଥାରେ ଥିବା ଭାରତକୁ ଜାଗ୍ରତ କରେଇଥିବା ଓ ଭାରତକୁ ନିଜର ଘର ବୋଲି କହୁଥିବା ଏନି ବେସେଣ୍ଟ ୧୮୪୭ର ଆଜିର ଦିନରେ ଲଣ୍ଡନ ଠାରେ ଜନ୍ମଗ୍ରହଣ କରିଥିଲେ। ପୂରା ଦୁନିଆର ଧର୍ମଗୁଡ଼ିକ ମଧ୍ୟରୁ ବେଦ ଓ ଉପନିଷଦର ଧର୍ମ ହିଁ ସଠିକ୍ ମାର୍ଗ ବୋଲି ସେ ବୁଝିଥିଲେ। ଜଣେ ବିଦେଶୀ ମହିଳା ହୋଇଥିଲେ ହେଁ ନିଜକୁ କେବେ ମଧ୍ୟ ବିଦେଶୀ ବୋଲି ଭାବି ନଥିବା ଏନିଙ୍କର ଥିଲା ବିଚକ୍ଷଣ ସ୍ମରଣ ଶକ୍ତି। ସମୟ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ନିଜର ବେଶଭୂଷା ଉପରେ ସେ ଅତ୍ୟନ୍ତ ସବଧାନ ରହୁଥିଲେ। ତାଙ୍କୁ କେହି 'ମେମ୍ ସାହେବ୍' ଡ଼ାକିଲେ ସେ ପସନ୍ଦ କରୁ ନଥିଲେ। 'ଆମ୍ମା' ଡ଼ାକକୁ ବହୁତ ପସନ୍ଦ କରୁଥିବା ଏନିଙ୍କର ଭାରତବର୍ଷ ପ୍ରତି ଥିଲା ବହୁତ ଅଧିକ ଦୁର୍ବଳତା ଓ ଦେଶବାସୀ ମଧ୍ୟ ତାଙ୍କୁ 'ମା ବସନ୍ତ' ବୋଲି ସମ୍ବୋଧନ କରୁଥିଲେ। ଦାରିଦ୍ର୍ୟତା ଭିତରେ ବଡ଼ ହୋଇଥିବା ଏନିଙ୍କ ମଧ୍ୟରେ ଧୀରେ ଧୀରେ ଧାର୍ମିକ, ଆଧ୍ୟାତ୍ମିକ, ରହସ୍ୟବାଦୀ ପୁସ୍ତକ ପଠନର ସୁଖ ବୃଦ୍ଧି ପାଇଥିଲା। ଏପରିକି ବାରାଣସୀରେ ସେ ସଂସ୍କୃତ ଶିକ୍ଷା କରି 'ଭଗବଦ୍ ଗୀତା'ର ଅନୁବାଦ କରିଥିଲେ। ୧୮୯୭ରେ ଚାରି ମହାନ ଗ୍ରନ୍ଥ ନାମକ ପୁସ୍ତକ ପ୍ରକାଶିତ ହେବା ସହିତ ଶାନ୍ତିକୁଞ୍ଜ ଆବାସର ନିର୍ମାଣ କରାଇଥିଲେ। ଅନେକ କଠିନ କାର୍ଯ୍ୟ ଓ ସାଧନା କରିଥିବା ଏହି ମହୀୟସୀ ମହିଳା ୨୦ ସେପ୍ଟେମ୍ବର, ୧୯୩୩ରେ ଦେହତ୍ୟାଗ କରିଥିଲେ।

# ଦି ରାଜା ସାବ୍: କାଷ୍ଟ୍ ଓ ରିଲିଜ୍ ତାରିଖ



ଦକ୍ଷିଣର ସୁପରଷ୍ଟାର ପ୍ରଭାସଙ୍କ ପ୍ରଶଂସକମାନେ ଦୀର୍ଘ ସମୟ ହେଲାଣି ଫିଲ୍ମ 'ଦି ରାଜା ସାବ୍' ଅପେକ୍ଷାରେ ରହିଛନ୍ତି। ବର୍ତ୍ତମାନ ନିର୍ମାତାମାନେ ଟି-ସିରିଜର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହାର ଟ୍ରେଲର୍ ଜାରି କରିଛନ୍ତି। ଖବର ଅନୁସାରେ ଫିଲ୍ମଟି ଆସନ୍ତା ବର୍ଷ ପୋଙ୍ଗଲ ଅବସରରେ ୯ ଜାନୁଆରୀରେ ରିଲିଜ ହେବ। ପିପଲ୍ ମିଡିଆ ଫ୍ୟାକ୍ଟ୍ରି ତା'ର ଏକ୍ସ ହ୍ୟାଣ୍ଡେଲ୍‌ରେ ଫିଲ୍ମର ଏକ ଲୋମଟାଙ୍କୁରା ଟ୍ରେଲର୍ ରିଲିଜ କରିଛି। ରୋମାଣ୍ଟିକ ହରର୍- କମେଡି 'ଦି ରାଜା ସାବ୍'ର ଟ୍ରେଲର୍ ଆରମ୍ଭ ହୋଇଛି ପ୍ରଭାସଙ୍କ ସହିତ ଏକ ସମ୍ମୋହନ ଦୃଶ୍ୟରୁ। ଏଥିରେ ମନୋବୈଜ୍ଞାନିକ ଭୂମିକାରେ ନଜର ଆସୁଛନ୍ତି ବୋମନ ଇରାନୀ। ପ୍ରଭାସ ଓ ତାଙ୍କର ସାଥୀମାନେ ଫିଲ୍ମରେ ଏକ ଭୂତକୋଠିରେ ନିଜକୁ ପାଉଛନ୍ତି। ଏହାପରେ ଏକ ଆତ୍ମା ସହିତ ତାଙ୍କର ସାକ୍ଷାତ ହେଉଛି ଯିଏ ପ୍ରଭାସଙ୍କ ସହିତ ଟକ୍କର ଦେବା ପାଇଁ ପ୍ରସ୍ତୁତ ହେଉଛି। ଏହାପରେ ଭୂତ ସହିତ ପ୍ରଭାସ ତାଙ୍କ ସାଥିମାନଙ୍କୁ ସାକ୍ଷାତ କରେଇବା ପାଇଁ ଚାହୁଁଛନ୍ତି। ଫିଲ୍ମରେ ପ୍ରଭାସ ଓ ମାଳବିକା ମୋହନନଙ୍କ ମଧ୍ୟରେ ରୋମାନ୍ସ ଦେଖିବାକୁ ମିଳିବ। କିନ୍ତୁ ଟ୍ରେଲର୍‌ରେ ସବୁ ପ୍ରକାରର ଲାଇମ୍‌ଲାଇଟ୍ ଲୁଟି ନେଇଛନ୍ତି ସଞ୍ଜୟ ଦତ୍ତ। ତାଙ୍କର ଲୁକ୍ ବେଶ୍ ଆକର୍ଷଣୀୟ ହୋଇଛି ଯେଉଁଥି ପାଇଁ ଦର୍ଶକମାନେ ଫିଲ୍ମ ସହିତ ବାନ୍ଧି ହୋଇ ରହିବେ ବୋଲି ଜଣାପଡୁଛି। ସେ ଏଥିରେ ଜଣେ ଓଝା ଭାବରେ ନଜର ଆସୁଛନ୍ତି ଓ ସେ ଭିଲେନ୍ ଭୂମିକାରେ ଅଭିନୟ କରୁଛନ୍ତି। ଏହା ପ୍ରଥମ ହରର୍ ଏଣ୍ଟରଟେନର୍ ହେବ। ତେବେ ଏଥିରେ ମାଳବିକା ମୋହନନ, ନିଧି ଅଗ୍ରୱାଲ୍ ଓ ରିଦ୍ଧି କୁମାରଙ୍କ ପରି କଳାକାରମାନେ ନଜର ଆସିବେ। ମାରୁତି ହେଉଛନ୍ତି ଫିଲ୍ମର ନିର୍ଦ୍ଦେଶକ ଓ କାହାଣୀ ଲେଖକ।



# ବୟସ୍କ ଦିବସ

ଘରର ବୟସ୍କ ଲୋକମାନେ ଆମ ପାଇଁ ଈଶ୍ୱରଙ୍କ ସହିତ ସମାନ। ସେମାନଙ୍କର ଆଶୀର୍ବାଦ ଦ୍ୱାରା ଆମର ପାଳନ ପୋଷଣ ହୋଇଥାଏ, ତେଣୁ ସେମାନଙ୍କ ପ୍ରତି ମନରେ ସମ୍ମାନ ଓ ଅତୁଟ ଭଲ ପାଇବା ରହିବା ସ୍ୱାଭାବିକ କଥା। କିନ୍ତୁ ଏହାଠାରୁ ମହତ୍ତ୍ୱପୂର୍ଣ୍ଣ ହେଲା ବାର୍ଦ୍ଧକ୍ୟ ଅବସ୍ଥାରେ ସେମାନଙ୍କ ସହିତ ରହିବା ଉଚିତ ଯେତେବେଳେ ସେମାନେ ଅସହାୟ ଓ ଅକ୍ଷମ ହୋଇଯାଇଥିବେ। ଯଦିଓ ସମୟର ଅଭାବ ଓ ପରିସ୍ଥିତିକ୍ରମେ ସବୁବେଳେ ଏପରି କରିବା ସମ୍ଭବପର ହୋଇପାରେ ନାହିଁ କିନ୍ତୁ ବର୍ଷରେ ଗୋଟିଏ ଦିନ ସେମାନଙ୍କୁ ସମର୍ପିତ କରିବା ଉଚିତ। ଏହା ସହିତ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆମମାନଙ୍କ ମନରେ ବରିଷ୍ଠ ଲୋକମାନଙ୍କ ପ୍ରତି ସମ୍ମାନ ରହିବା ଉଚିତ। ଏହି ସମ୍ମାନକୁ ବ୍ୟକ୍ତ କରିବା ପାଇଁ, ସେମାନଙ୍କ ପ୍ରତି ମନର ଚିନ୍ତନର ଆବଶ୍ୟକତା ପାଇଁ ଔପଚାରିକ ଭାବରେ ଏକ ଦିନର ଆବଶ୍ୟକତା ହୋଇଥିଲା। ସେଥିପାଇଁ ୧୯୯୦ରୁ ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଉଛି ବୃଦ୍ଧଜନ ଦିବସ। ବିଶ୍ୱରେ ବୟସ୍କ ଲୋକମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଓ ଅନ୍ୟାୟକୁ ରୋକିବା ଦିଗରେ ଲୋକମାନଙ୍କୁ ସଚେତନ କରେଇବା ପାଇଁ ୧୪ ଡିସେମ୍ବର, ୧୯୯୦ରେ ଏହି ନିର୍ଣ୍ଣୟ ନିଆଯାଇଥିଲା। ତେବେ ବୃଦ୍ଧଜନଙ୍କ ପ୍ରତି ଚିନ୍ତା ବ୍ୟକ୍ତ କରିବା ପାଇଁ ଏହି ପ୍ରକାରର ପଦକ୍ଷେପ ଆଗରୁ ନିଆଯାଇଛି। ୧୯୮୨ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା 'ବୃଦ୍ଧାବସ୍ଥାକୁ ସୁଖମୟ କରାନ୍ତୁ'ର ନାରା ଦେଇ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଅଭିଯାନ ଆରମ୍ଭ କରାଯାଇଥିଲା। ଏହାପରେ ମିଳିତ ଜାତିସଂଘ ବୃଦ୍ଧଜନ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା।



ନିତିଦିନ NITIDIN





























# ରାଜ୍ୟବାସୀଙ୍କୁ ନବୀନଙ୍କ ଦୁର୍ଗାପୂଜା ଓ ଦଶହରା ଶୁଭେଚ୍ଛା

**ଭୁବନେଶ୍ୱର,୩୦।୯/ଏନ୍‌ଏନ୍‌ଏସ୍:** ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମଙ୍ଗଳବାର ଭିଡିଓବାର୍ତ୍ତା ଜରିଆରେ ନବୀନ କହିଛନ୍ତି ଯେ, ଅସତ୍ୟ ଉପରେ ସତ୍ୟର ବିଜୟ ହେଉଛି ଦଶହରାର ବାର୍ତ୍ତା। ଏହି ପବିତ୍ର ଅବସରରେ ଅନ୍ୟାୟ ଅନୀତି ଓ ଅତ୍ୟାଚାର ବିରୋଧରେ ଲଢ଼େଇକୁ ଆହୁରି ଜୋରଦାର କରିବା ପାଇଁ ମା'ଙ୍କ ଆଶୀର୍ବାଦ କାମନା କରୁଛି।









**ଆଇସିସି ମହିଳା ବିଶ୍ୱକପ୍: ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ**

# ଶ୍ରୀଲଙ୍କାକୁ ହରାଇ ଭାରତର ଅଭିଯାନ



**ଗୁଆହାଟୀ,୩୦।୯/ଏଜେନ୍ସି:** ମଙ୍ଗଳବାର ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ବଳରେ ଭାରତ ୫୯ ରନ୍‌ରେ (ଡିଏଲ୍ ମେଥଡ୍) ଶ୍ରୀଲଙ୍କାକୁ ହରାଇ ଅଭିଯାନ ଆରମ୍ଭ କରିଛି। ବର୍ଷା କାରଣରୁ ମ୍ୟାଚ ୪୭ ଓଭର୍‌କୁ ହ୍ରାସ ପାଇଥିବା ବେଳେ ଭାରତୀୟ ମହିଳା କ୍ରିକେଟ୍ ଟିମ୍ ପ୍ରଥମେ ୪୭ ଓଭର୍‌ରେ ୮ ୱିକେଟ୍ ହରାଇ ୨୬୯ ରନ୍ କରିଥିଲା। ୨୭୧ ରନ୍ ବିଜୟ ଲକ୍ଷ୍ୟ (ଡିଏଲ୍ ମେଥଡ୍)କୁ ପିଛା କରୁଥିବା ଶ୍ରୀଲଙ୍କା ୪୫.୪ ଓଭର୍‌ରେ ୨୧୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ପକ୍ଷରୁ କ୍ୟାପ୍‌ଟେନ୍ ଚମାରି ଅଟାପାଟ୍ଟୁ ସର୍ବାଧିକ ୪୩ ରନ୍ କରିଥିଲେ। ତାଙ୍କ ବ୍ୟତୀତ ନୀଳାକ୍ଷିକା ଡି ସିଲ୍‌ଭା ୩୫, ହର୍ଷିତା ସମରବୀରା ୨୯, ହସିନି ପରେରା ୧୪, କଭିଶ ଦିଲ୍‌ହରୀ ୧୫ ରନ୍ କରିଥିଲେ। ଶେଷ ଆଡ଼କୁ ଅଚିନି କୁଲସୁରିଆ ୧୭ ଏବଂ ଉଦେଶିକା ପ୍ରବୋଧିନି ଅପରାଜିତ ୧୪ ରନ୍‌ର ଇନିଂସ୍ ଖେଳିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩, ସ୍ନେହ ରାଣା ଓ ଶ୍ରୀ ଚରଣୀ ୨-୨ ୱିକେଟ୍ ନେଇଥିବା ବେଳେ କ୍ରାନ୍ତି ଗୌଡ଼, ଅମନଜୋତ୍ କୌର୍ ଓ ପ୍ରତୀକା ରାୱଲ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ବହୁ ଖରାପ ଥିଲା। ଚତୁର୍ଥ ଓଭର୍‌ରେ ଦିନିକିଆ ର୍‍ୟାଙ୍କିଂରେ ନମ୍ବର ଏକ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ରୂପରେ ଭାରତକୁ ପ୍ରଥମ ଝଟ୍‌କା ଲାଗିଥିଲା। ମନ୍ଧାନା ମାତ୍ର ୮ ରନ୍ କରି ଉଦେଶିକା ପ୍ରବୋଧିନୀଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପ୍ରତୀକା ରାୱଲ୍ ଓ ହରଲିନ୍ ଦେଓଲ୍ ଇନିଂସ୍ ସମ୍ଭାଳିଥିଲେ। ୧୦ ଓଭର୍ ପରେ ସ୍କୋର୍ ୪୩/୧ ହୋଇଥିବା ବେଳେ ବର୍ଷା ହେବାରୁ ଖେଳ ରୋକିବାକୁ ପଡ଼ିଥିଲା। ପରେ ମ୍ୟାଚ୍‌କୁ ୪୭-୪୭ ଓଭର୍ ବିଶିଷ୍ଟ କରିବାକୁ ନିଷ୍ପତ୍ତି ହୋଇଥିଲା। ଖେଳ ଆରମ୍ଭ ପରେ ପ୍ରତୀକା ଓ ହରଲିନ୍‌ଙ୍କ ମଧ୍ୟରେ ୬୭ ରନ୍‌ର ଉନ୍ନତ ପାର୍ଟନରଶିପ୍ ହୋଇଥିଲା। ପ୍ରତୀକାଙ୍କୁ ଆଉଟ୍ କରି ଇନୋକା ରନାୱିରା ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ପ୍ରତୀକା ୫୯ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୩୭ ରନ୍ କରି ଫେରିଥିଲେ। ଏହାପରେ ହରଲିନ୍ ୪୮ ରନ୍‌ର ଇନିଂସ୍ ଖେଳିଥିଲେ। ୨୬ତମ ଓଭର୍‌ର ପ୍ରଥମ ବଲ୍‌ରେ ଇନୋକା ତାଙ୍କୁ ପ୍ୟାଭିଲିୟନ୍ ଫେରାଇବା ପରେ ଭାରତକୁ ଲାଗ୍ ଲାଗ୍ ଦୁଇଟି ଝଟ୍‌କା ଦେଇଥିଲେ। ଦ୍ୱିତୀୟ ବଲ୍‌ରେ ଖାତା ଖୋଲିବା ପୂର୍ବରୁ ଜେମିମା ରଡ୍ରିଗ୍ସ ଏବଂ ପଞ୍ଚମ ବଲ୍‌ରେ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର୍ (୨୧)ଙ୍କୁ ବାହାରର ରାସ୍ତା ଦେଖାଇଥିଲେ। ରିଚା ଘୋଷ (୨) ମଧ୍ୟ ଚମାରି ଅଟାପାଟ୍ଟୁଙ୍କୁ ୱିକେଟ୍ ଦେଇ ଶସ୍ତାରେ ଫେରିଥିଲେ। ୧୨୪ ରନ୍‌ରେ ଟିମ୍ ୬ ୱିକେଟ୍ ହରାଇବା ପରେ ଅମନଜୋତ୍ କୌର ଓ ଦୀପ୍ତି ଶର୍ମା ଅର୍ଦ୍ଧଶତକ ପୂରଣ କରିବା ସହିତ ୧୦୩ ରନ୍‌ର ଶତକୀୟ ଇନିଂସ୍ ଖେଳିଥିଲେ। ଦୀପ୍ତି ୫୩ ବଲ୍‌ରେ ୩ ଚୌକା ସହାୟତାରେ ୫୩ ରନ୍ କରି ଆଉଟ୍ ହୋଇଥିଲେ। ଅମନଜୋତ୍ ୫୬ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୫୭ ରନ୍ କରି ସ୍ନେହ ରାଣା (୨୮)ଙ୍କ ସହିତ ଅପରାଜିତ ଫେରିଥିଲେ। ରାଣାଙ୍କ ୧୫ ବଲ୍‌ର ଇନିଂସ୍‌ରେ ଦୁଇଟି ଲେଖାଏଁ ଛକା ଓ ଚୌକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣବୀରା ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଉଦେଶିକାଙ୍କୁ ୨ଟି ସଫଳତା ମିଳିଥିଲା। ଅଚିନି କୁଲସୁରିଆ ଓ କ୍ୟାପ୍‌ଟେନ୍ ଚମାରି ଅଟାପାଟ୍ଟୁ ୧-୧ ୱିକେଟ୍ ନେଇଥିଲେ।

**ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍**

# ଜାଭେଲିନ୍ ଥ୍ରୋ'ରେ ଭାରତକୁ ଶୀର୍ଷ ଦୁଇ ପଦକ



**ନୂଆଦିଲ୍ଲୀ,୩୦।୯/ଏଜେନ୍ସି:** ଏଠାରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍୪୪ ଇଭେଣ୍ଟ୍‌ରେ ଭାରତ ଶୀର୍ଷ ଦୁଇଟି ସ୍ଥାନ ହାସଲ କରିଛି। ଜବାହରଲାଲ ନେହରୁ ଷ୍ଟାଡିୟମ୍ ସନ୍ଦୀପ ସଞ୍ଜୟ ସରଗର ବ୍ୟକ୍ତିଗତ ଶ୍ରେଷ୍ଠ ୬୨.୮୨ ମିଟର ସମକକ୍ଷ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସନ୍ଦୀପ ଚୌଧୁରୀ ସିଜନ୍‌ର ଶ୍ରେଷ୍ଠ ଥ୍ରୋ ୬୨.୬୭ ମିଟର ସହିତ ରୌପ୍ୟ ପଦକ ଜିତିଛନ୍ତି। ବ୍ରାଜିଲ୍‌ର ଏଡ଼େନିଲ୍‌ସନ୍ ରୋବର୍ଟୋଙ୍କୁ (୬୨.୩୬ ମିଟର) ସହ ବ୍ରୋଞ୍ଜ୍ ପଦକ ମିଳିଛି। ଇଭେଣ୍ଟ୍‌ରେ ଅନ୍ୟ ଦୁଇ ଭାରତୀୟ ପୁଷ୍ପେନ୍ଦ୍ର ସିଂହ (୬୧.୯୪ ମିଟର) ଓ ମହେନ୍ଦ୍ର ଗୁର୍ଜର୍ (୫୭.୮୪ ମିଟର) ଯଥାକ୍ରମେ ଚତୁର୍ଥ ଓ ସପ୍ତମ ସ୍ଥାନରେ ରହିଛନ୍ତି। ଏହି ଦୁଇ ପଦକ ସହ ଚାମ୍ପିଅନ୍‌ଶିପ୍‌ରେ ଭାରତର ପଦ ସଂଖ୍ୟା (ତିନିଟି ସ୍ୱର୍ଣ୍ଣ, ଚାରିଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍) ୮ରେ ପହଞ୍ଚିଛି।

## ଡିସ୍‌କସ୍‌ରେ କଥୁନିଆଙ୍କୁ ରୌପ୍ୟ



ପୁରୁଷ ଡିସ୍‌କସ୍ ଥ୍ରୋ ଏଫ୍୫୬ ଇଭେଣ୍ଟ୍‌ରେ ଭାରତୀୟ ପାରା ଆଥ୍‌ଲେଟ୍ ଯୋଗେଶ କଥୁନିଆ ରୌପ୍ୟ ପଦକ ଜିତିଛନ୍ତି। କଥୁନିଆ ଦ୍ୱିତୀୟ ପ୍ରୟାସରେ ୪୧.୪୯ ମିଟର ଦୂରତା ହାସଲ କରିଥିଲେ। ଏହା ଯୋଗେଶଙ୍କ ଚାମ୍ପିଅନ୍‌ଶିପ୍‌ରେ କ୍ରମାଗତ ତୃତୀୟ ରୌପ୍ୟ ପଦକ। ଏହା ପୂର୍ବରୁ ସେ ସେ ଫ୍ରାନ୍ସ ଓ ଜାପାନ୍‌ରେ ଯଥାକ୍ରମେ ୨୦୨୩ ଓ ୨୦୨୪ ସିଜନ୍‌ରେ ରୌପ୍ୟ ପଦକ ଜିତିଥିଲେ। ବ୍ରାଜିଲ୍‌ର କ୍ଲାଉଡିନି ବାଟିଷ୍ଟା ୪୫.୬୭ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୧୯ ସିଜନ୍‌ରୁ ଆରମ୍ଭ ହୋଇଥିବା ଚାମ୍ପିଅନ୍‌ଶିପ୍‌ରେ ଏହା ବାଟିଷ୍ଟାଙ୍କ କ୍ରମାଗତ ଚତୁର୍ଥ ସ୍ୱର୍ଣ୍ଣ ପଦକ। ସେ ଗତ ତିନୋଟି ପାରାଲିମ୍ପିକ୍ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗ୍ରୀସ୍‌ରେ କନ୍‌ଷ୍ଟାଣ୍ଟିନୋସ୍ ଜୁନିସ୍ (୩୯.୯୭ ମିଟର) ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

# ପାଟିଦାର ମଧ୍ୟପ୍ରଦେଶ ରଣଜୀ ଟିମ୍ କ୍ୟାପ୍‌ଟେନ୍



**ଭୋପାଳ,୩୦।୯/ଏଜେନ୍ସି:** ମଧ୍ୟପ୍ରଦେଶ କ୍ରିକେଟ୍ ସଂଘ (ଏମ୍‌ପିସିଏ) ୨୦୨୫-୨୬ ରଣଜୀ ଟ୍ରଫି ପାଇଁ ଟିମ୍ ଘୋଷଣା କରିଛି। ଚଳିତ ଥର ରଜତ ପାଟିଦାରଙ୍କୁ ପୂର୍ଣ୍ଣକାଳୀନ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ପୂର୍ବରୁ ପାଟିଦାର କେବଳ ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଟିମ୍‌ର କ୍ୟାପ୍‌ଟେନ୍ ଥିଲେ। ଏବେ କିନ୍ତୁ ସେ ପୂରା ରଣଜୀ ସିଜନ୍ ପାଇଁ ଟିମ୍‌ର ନେତୃତ୍ୱ ନେବେ। ଆଘାତ କାରଣରୁ ଫାଷ୍ଟ ବୋଲର୍ ଆଭେସ୍ ଖାନ୍‌ଙ୍କୁ ଚଳିତ ସିଜନ୍ ପାଇଁ ଟିମ୍‌ରେ ସାମିଲ କରାଯାଇ ନାହିଁ। ଆଭେସ୍ ଜୁନ୍ ୧୭ରେ ଆଣ୍ଠୁ ସର୍ଜରୀ କରାଇଥିଲେ ଏବଂ ଗତ ସିଜନ୍‌ରେ ମଧ୍ୟ ରଣଜୀ ଟ୍ରଫିରେ ଖେଳିପାରି ନଥିଲେ। ତେବେ ପରେ ଆଇପିଏଲ୍ ୨୦୨୫ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପାଇଁ ପୂରା ସିଜନ୍ ଖେଳିଥିଲେ। ଏମ୍‌ପିସିଏ ଅନୁସାରେ ଆଭେସ୍ ଏବେ ବିସିସିଆଇର ବେଙ୍ଗାଲୁରୁସ୍ଥିତ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ରିହାବ୍ କରୁଛନ୍ତି। ୨୦୨୫-୨୬ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡ୍‌ରେ ସେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଆଶା ରହିଛି।

ମଧ୍ୟପ୍ରଦେଶ ରଣଜୀ ଟିମ୍: ରଜତ ପାଟିଦାର (କ୍ୟାପ୍‌ଟେନ୍), ଯଶ୍ ଦୁବେ, ହର୍ଷ ଗୱ୍ଲୀ, ଶୁଭମ୍ ଶର୍ମା, ହିମାଂଶୁ ମନ୍ତ୍ରୀ, ହରପ୍ରୀତ୍ ସିଂହ, ଭେଙ୍କଟେଶ ଆୟର, ସାଗର ସୋଲାଙ୍କି, କୁମାର କାର୍ତ୍ତିକେୟ, ସାରାଂଶ ଜୈନ, ଅଧୀର ପ୍ରତାପ, ଆର୍ଯ୍ୟନ୍ ପାଣ୍ଡେ, ଅରଶଦ୍ ଖାନ୍, ଅନୁଭବ ଅଗ୍ରୱାଲ୍, କୁଲଦୀପ ସେନ୍।

**ଏସିଆ କପ୍ ଟ୍ରଫି ବିବାଦରେ ନକ୍‌ଭିଙ୍କ ସଫେଇ**

# ମୁଁ କାର୍ଟୁନ୍ ପରି ଛିଡ଼ା ହୋଇଥିଲି



**ନୂଆଦିଲ୍ଲୀ,୩୦।୯/ଏଜେନ୍ସି:** ଏସିଆ କପ୍ ଫାଇନାଲ୍ ମ୍ୟାଚ୍‌ରେ ବିଜୟୀ ହେବା ପରେ ଟ୍ରଫି ପ୍ରଦାନ କରାନଯିବା ଏବଂ ଏସିସି ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀଙ୍କ ବ୍ୟବହାରକୁ ନେଇ ବିସିସିଆଇ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି) ବୈଠକରେ କଡ଼ା ସମାଲୋଚନା କରିଛି। ବୈଠକରେ ବିସିସିଆଇ ପକ୍ଷରୁ ଯୋଗ ଦେଇଥିବା ଉପସଭାପତି ରାଜୀବ ଶୁକ୍ଲା ନକ୍‌ଭୀଙ୍କୁ ସିଧା ପ୍ରଶ୍ନ କରିଥିଲେ ଯେ 'ବିଜେତା ଟିମ୍‌କୁ ଟ୍ରଫି କାହିଁକି ଦିଆଗଲା ନାହିଁ ? ଏହା ଏସିସିର ଟ୍ରଫି, କୌଣସି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ଔପଚାରିକ ଭାବେ ବିଜେତା ଟିମ୍‌କୁ ପ୍ରଦାନ କରାଯିବାର ଥିଲା।' ଏହି ପ୍ରସଙ୍ଗର ତୁରନ୍ତ ସମାଧାନ କରାଯିବା ସହିତ ଏସିସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ରାଜୀବ ଶୁକ୍ଳା କହିଥିଲେ। ସେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପ୍ରମୁଖ ଏବଂ ଏସିସି ଅଧ୍ୟକ୍ଷ ନକ୍‌ଭୀଙ୍କୁ କଡ଼ା ସ୍ୱରରେ ପ୍ରଶ୍ନ କରିଥିଲେ।

ବୈଠକରେ ନକ୍‌ଭୀ କହିଥିଲେ, 'ମୁଁ ସେଠାରେ ବିନା କାରଣରେ ଏକ କାର୍ଟୁନ୍ ପରି ଛିଡ଼ା ହୋଇ ରହିଥିଲି। ଭାରତୀୟ ଟିମ୍ ମୋ ଠାରୁ ଟ୍ରଫି ସ୍ୱୀକାର କରିବ ନାହିଁ ବୋଲି ଏସିସିକୁ ଲିଖିତ ଭାବେ କୌଣସି ସୂଚନା ଦିଆଯାଇ ନଥଲା।' ସେ କହିଥିଲେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଆଲୋଚନା କୌଣସି ଅନ୍ୟ ମଞ୍ଚରେ କରାଯିବ।

ଏସିଆ କପ୍ ଫାଇନାଲ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଚମତ୍କାର ବିଜୟ କରିବା ପରେ ଏହି ବିବାଦ ଦେଖା ଦେଇଥିଲା। ଟ୍ରଫି ସମାରୋହରେ ନକ୍‌ଭୀ ବିଜେତା ଭାରତୀୟ ଟିମ୍‌କୁ ଟ୍ରଫି ପ୍ରଦାନ କରିବା ପରିବର୍ତ୍ତେ ନିଜ ପାଖରେ ରଖିଥିଲେ। ଏହାପରେ ଭାରତୀୟ ଟିମ୍ ବିନା ଟ୍ରଫିରେ ବିଜୟ ଉତ୍ସବ ପାଳନ କରିବା ସହିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି।

**ଅଣ୍ଡର୍-୧୯ ଟେଷ୍ଟ: ଦୀପେଶ ଦେବେନ୍ଦ୍ରନ୍‌ଙ୍କୁ ୫ ୱିକେଟ୍**

# ଅଷ୍ଟ୍ରେଲିଆ ୨୪୩ ରନ୍‌ରେ ଅଲ୍‌ଆଉଟ୍

**ବ୍ରିସ୍‌ବେନ୍,୩୦।୯/ଏଜେନ୍ସି:** ଫାଷ୍ଟ ବୋଲର ଦୀପେଶ ଦେବେନ୍ଦ୍ରନ୍‌ଙ୍କ ୫ ୱିକେଟ୍ ବଳରେ ଭାରତୀୟ ଅଣ୍ଡର-୧୯ ଟିମ୍ ପ୍ରଥମ ଟେଷ୍ଟ ମ୍ୟାଚ୍ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍‌କୁ ୨୪୩ ରନ୍‌ରେ ଅଲ୍‌ଆଉଟ୍ କରିଛି। ସ୍ଥାନୀୟ ଇୟାନ୍ ହଲି ଓଭାଲ୍ ଗ୍ରାଉଣ୍ଡ୍‌ରେ ଖେଳାଯାଉଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ କ୍ୟାପ୍‌ଟେନ୍ ୱିଲ୍ ମଲାଜ୍‌ଚୁକ୍ ଟସ୍ ଜିତି ବ୍ୟାଟିଂ ନେଇଥିଲେ। ତାମିଲନାଡୁର ୧୭ ବର୍ଷୀୟ ଫାଷ୍ଟ ବୋଲର୍ ଦୀପେଶ ୧୬.୨ ଓଭର୍‌ରେ ୪୫ ରନ୍ ଦେଇ ୫ ୱିକେଟ୍ ଅକ୍ତିଆର କରିଥିବା ବେଳେ କିଶନ୍ କୁମାର ୪୮ ରନ୍‌ରେ ୩ ସଫଳତା ପାଇଥିଲେ। ଅଷ୍ଟ୍ରେଲିଆ ଟିମ୍ ପକ୍ଷରୁ ଷ୍ଟିଭେନ୍ ହୋଗାନ୍ ୨୪୬ ବଲ୍‌ରେ ସର୍ବାଧିକ ୯୨ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କୁ ଆଉ କାହାରି ସହାୟତା ମିଳିନଥିଲା। ଜେଡ୍ ଓଲିକ୍ ୯୪ ବଲ୍‌ରେ ଦ୍ୱିତୀୟ ସର୍ବାଧିକ ୩୮ ରନ୍ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୦ ରନ୍‌ର ସ୍କୋର୍‌ରେ ଦୁଇଟି ୱିକେଟ୍ ହରାଇଥିଲ। ଦୀପେଶ ଓ କିଶନ୍ କୁମାର ୧-୧ ୱିକେଟ୍ ନେଇ ଟିମ୍‌କୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ଅଫ୍-ସ୍ପିନର୍ ଅନମୋଲଜିତ୍ ସିଂହ କ୍ୟାପ୍‌ଟେନ୍ ମଲାଜ୍‌ଚୁକ୍ (୨୧ ରନ୍)ଙ୍କ ଆଉଟ୍ କରିବା ପରେ ପ୍ରଥମ ସେସନ୍‌ରେ ହିଁ ଅଷ୍ଟ୍ରେଲିଆ ସ୍କୋର୍ ୩ ୱିକେଟ୍‌ରେ ୭୮ ରନ୍ ହୋଇଥିଲା। ଏହାପରେ ଖିଲନ୍ ପଟେଲ୍ ଓ ଦୀପେଶ ମିଳିତ ଭାବେ ଓଲିକ୍ ଓ ୱିକେଟ୍‌କିପର୍ ସାଇମନ୍ ବଜ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ପ୍ରଥମ ଦିନ ଅଷ୍ଟ୍ରେଲିଆର ସବୁଠୁ ବଡ଼ ଅଡୁଆ ଏହା ଥିଲା ଯେ ଟିମ୍ କୌଣସି ବଡ଼ ପାର୍ଟନରଶିପ୍ କରିପାରି ନଥିଲା।



**ଦେଶ ବି ଦେଶ**

# ବିଜେପି ନେତା ବିଜୟ ମାଲହୋତ୍ରାଙ୍କ ଦେହାନ୍ତ



**ନୂଆଦିଲ୍ଲୀ,୩୦।୯/ଏଜେନ୍ସି:** ୯୩ ବର୍ଷ ବୟସ୍କ ବିଜେପିର ବରିଷ୍ଠ ନେତା ବିଜୟ କୁମାର ମାଲହୋତ୍ରାଙ୍କ ଦେହାନ୍ତ ହୋଇଯାଇଛି। ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ସୂଚନା ମିଳିଛି। ବିଜୟ ମାଲହୋତ୍ରା ୫ ଥର ସାଂସଦ ରହିଥିବା ବେଳେ ଏବଂ ୨ ଥର ବିଧାୟକ ଥିଲେ। ତାଙ୍କୁ ଦିଲ୍ଲୀ ବିଜେପିର ଜଣେ ଅଭିଜ୍ଞ ନେତା ଭାବରେ ବିବେଚନା କରାଯାଉଥିଲା। ୨୦୦୮ ବିଧାନସଭା ନିର୍ବାଚନରେ ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ମଧ୍ୟ ମନୋନୀତ କରିଥିଲା। ୧୯୩୧ ମସିହା ଡିସେମ୍ବର ୩ରେ ପଞ୍ଜାବ ପ୍ରଦେଶର ଲାହୋରରେ ଜନ୍ମଗ୍ରହଣ କରିଥିଲେ ବିଜୟ ମଲହୋତ୍ରା। ଯାହା ବର୍ତ୍ତମାନ ପାକିସ୍ତାନର ଅଂଶ। ସେ କବିରାଜ ଖଜାନ ଚାନ୍ଦଙ୍କ ସାତ ସନ୍ତାନଙ୍କ ମଧ୍ୟରୁ ଚତୁର୍ଥ ଥିଲେ। ୧୯୪୭ରେ ଦେଶ ବିଭାଜନ ସମୟରେ ତାଙ୍କ ପରିବାର ଦିଲ୍ଲୀ ଚାଲିଆସିଥିଲେ। ଯେଉଁଠାରେ ରହି ସେ ତାଙ୍କର ଶିକ୍ଷା ଏବଂ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ବିଜୟ ୧୯୯୯ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ୩୦ହଜାର ଭୋଟରେ ପରାସ୍ତ କରିଥିଲେ। ସେ ବିଜେପିର ଦିଲ୍ଲୀ ୟୁନିଟ୍‌ର ସଭାପତି ମଧ୍ୟ ଥିଲେ।

**ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ବିଜୟଙ୍କ ଅନୁରୋଧ**

# 'ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର'



**ଚେନ୍ନାଇ,୩୦।୯/ଏଜେନ୍ସି:** କରୁର ଦଳାଚକଟା ଦୁର୍ଘଟଣାରେ ୪୧ ଜଣଙ୍କ ମୃତ୍ୟୁ ଘଟଣାରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଅଭିନେତା ତଥା ରାଜନେତା ଥଲାପତି ବିଜୟ। ବିଜୟ କହିଛନ୍ତି ସେ ଟିଭିକେ ନାମରେ ଏକ ରାଜନୈତିକ ଦଳ ଗଠନ କରିବା ଦିନ ଠାରୁ ଅନେକ ରାଜନେତାମାନଙ୍କ ପାଇଁ ଶତ୍ରୁ ପାଲଟିଯାଇଛନ୍ତି। ଅନେକ ରାଜନେତାମାନେ ଚାହୁଁନାହାନ୍ତି ସେ ରାଜନୀତିକୁ ଆସନ୍ତୁ ଏବଂ ତାମିଲନାଡୁ ଲୋକଙ୍କ ପାଇଁ କିଛି ଭଲ କରନ୍ତୁ ବୋଲି। ସୁତରାଂ ତାଙ୍କ ରାଜନୈତିକ ରାଲିରେ ଘଟିଥିବା ଏପ୍ରକାର ଭୟଙ୍କର ଅଘଟଣ ପଛରେ ଏକ ବଡ଼ଧରଣର ଷଡଯନ୍ତ୍ର ରହିଥିବା ସେ ଅନୁଭବ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ତାଙ୍କ ସମର୍ଥକଙ୍କ ଉପରେ ନୁହେଁ ବରଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜୟ କହିଛନ୍ତି।

ବିଜୟ କହିଛନ୍ତି ରାଲିରେ ଦଳାଚକଟା ଘଟଣା ଘଟିବା ଏବଂ ଏଥିରେ ଏତେ ସଂଖ୍ୟକ ଲୋକ ମୃତ୍ୟୁବରଣ କରିବାକୁ ନେଇ ସେ ଗଭୀର ଭାବେ ମର୍ମାହତ ହୋଇପଡିଛନ୍ତି। ସେ ତାଙ୍କ ଜୀବନରେ ଏପରି ଦୁଃଖଦାୟୀ ପରିସ୍ଥିତି ଦେଖିନଥିଲେ। ଜନସାଧାରଣଙ୍କ ସୁରକ୍ଷା ପାଇଁ ସେ ରାଲି ପାଇଁ ନିରାପଦ ସ୍ଥାନ ବାଛିବାକୁ ପୁଲିସ୍ ପ୍ରଶାସନକୁ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ ଯାହା ହେବା ଉଚିତ୍ ନ ଥିଲା, ତାହା ଘଟିଗଲା। ତେବେ ଗତ ୫ ଜିଲାରେ ତାଙ୍କ ପ୍ରଚାର ସଫଳ ହେବା ପରେ କରୁରରେ ହିଁ ଏପରି କାହିଁକି ଘଟିଲା ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ବିଜୟ କହିଛନ୍ତି "ଜନତା ସତ୍ୟ କ'ଣ ଜାଣିଛନ୍ତି ଓ ସବୁ ଦେଖୁଛନ୍ତି। ଶୀଘ୍ର ସତ୍ୟ ପ୍ରକାଶ ପାଇବ।"

**ଜୁନିୟର ମହିଳା ହକି**

# କାନବେରା ଚିଲ୍‌କୁ ୩-୧ରେ ହରାଇଲା ଭାରତ



**କାନବେରା,୩୦।୯/ଏଜେନ୍ସି:** ଇଶିକାଙ୍କ ଡବଲ୍ ଗୋଲ୍ ବଳରେ ଭାରତୀୟ ଜୁନିୟର୍ ମହିଳା ହକି ଟିମ୍ ମଙ୍ଗଳବାର ଅଷ୍ଟ୍ରେଲିଆ କ୍ଲବ୍ କାନ୍‌ବେରା ଚିଲ୍‌କୁ ୩-୧ ଗୋଲ୍‌ରେ ହରାଇ ଦେଇଛି। ଏହା ଚଳିତ ଅଷ୍ଟ୍ରେଲିଆ ଗସ୍ତରେ ଭାରତରେ ଦ୍ୱିତୀୟ ବିଜୟ। ଇଶିକା ୧୩ଶ ଓ ୩୯ତମ ମିନିଟ୍‌ରେ ଗୋଲ୍ ଦେଇଥିବା ବେଳେ ସୋନମ ୨୭ତମ ମିନିଟ୍‌ରେ ଅନ୍ୟ ଗୋଲ୍‌ଟି ସ୍କୋର୍ କରିଥିଲେ। ଏକାଦଶ ମିନିଟ୍‌ରେ ଗୋଲ୍ ଖାଇବା ସତ୍ତ୍ୱେ ଭାରତ ମ୍ୟାଚ୍‌ରେ ଦବ୍‌ଦବା ବଜାୟ ରଖିଥିଲା। କାନବେରା ଚିଲ୍ ପକ୍ଷରୁ ନାଓମୀ ଇଭାନ୍ସ ପେନାଲ୍ଟି କର୍ଣ୍ଣର୍ ଗୋଲ୍ ଦେଇ ଟିମ୍‌କୁ ଆଗୁଆ କରିଥିଲେ। ଦୁଇ ମିନିଟ୍ ପରେ ଇଶିକା ପେନାଲ୍ଟି କର୍ଣ୍ଣର୍‌ରୁ ଗୋଲ୍ ଦେଇ ସ୍ଥିତି ସମାନ କରିଥିଲେ। ସୋନମ ହାଫ୍ ଟାଇମ୍ ପୂର୍ବରୁ ଏକ ଫିଲ୍ଡ ଗୋଲ୍ କରି ଭାରତକୁ ୨-୧ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର୍‌ରେ ଇଶିକା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଟିମ୍‌କୁ ୩-୧ରେ ଆଗୁଆ କରିଥିଲେ ଏବଂ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି କାଏମ ରହିଥିଲା। ଚଳିତ ଗସ୍ତରେ ଭାରତ ଦୁଇଟି ମ୍ୟାଚ୍ ହାରିଥିବା ବେଳେ ଦୁଇଟିରେ ବିଜୟୀ ହୋଇଛି। ଟିମ୍ ଗୁରୁବାର କାନବେରା ଚିଲ୍ ବିପକ୍ଷରେ ନିଜର ଅନ୍ତିମ ମ୍ୟାଚ୍ ଖେଳିବ।

# ୱେଷ୍ଟଇଣ୍ଡିଜ୍‌କୁ ୯୦ ରନ୍‌ରେ ହରାଇଲା ନେପାଳ



**ଶାରଜାହ,୩୦।୯/ଏଜେନ୍ସି:** ଶାରଜାହରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ନେପାଳ ୯୦ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ଦେଇଛି। ଏହା ସହିତ ତିନି ମ୍ୟାଚ୍‌ର ସିରିଜ୍ ଟିମ୍ ୨-୦ରେ କବ୍‌ଜା କରିଛି। ପ୍ରଥମ ମ୍ୟାଚ୍‌ରେ ନେପାଳ ୧୯ ରନ୍‌ରେ ବିଜୟୀ ହୋଇଥିଲା। ପ୍ରଥମେ ନେପାଳ ୬ ୱିକେଟ୍‌ରେ ୧୭୩ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ଟିମ୍ ୧୭.୧ ଓଭର୍‌ରେ ମାର୍କ ୮୩ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଥିଲା। ଏହା କୌଣସି ଟେଷ୍ଟ ଖେଳୁଥିବା ଟିମ୍ ବିପକ୍ଷରେ କୌଣସି ଫର୍ମାଟ୍‌ରେ ନେପାଳର ପ୍ରଥମ ସିରିଜ୍ ବିଜୟ। ୧୭୩ ରନ୍ ଲକ୍ଷ୍ୟର ପିଛା କରୁଥିବା ୱେଷ୍ଟଇଣ୍ଡିଜ୍ ପାୱାରପ୍ଲେରେ ଦୁଇ ୱିକେଟ୍ ବିନିମୟରେ ମାତ୍ର ୧୬ ରନ୍ କରିଥିଲା। ଜ୍ୱେଲ୍ ଆଣ୍ଡ୍ରୁ (୨) ଓ କିସି କାର୍ଟି (୧) ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଜେସନ୍ ହୋଲ୍ଡର୍ (୨୧ ରନ୍)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର୍ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନଥିଲେ। ନେପାଳ ପକ୍ଷରୁ ମିଡିୟମ୍ ଫାଷ୍ଟ ବୋଲର୍ ମହମଦ ଆଦିଲ୍ ଆଲମ ୨୪ ରନ୍‌ରେ ୪ ୱିକେଟ୍ ଏବଂ କୁଶାଳ ଭୁର୍ତେଲ୍ ୧୬ ରନ୍‌ରେ ୩ଟି ୱିକେଟ୍ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୧୦ ଓଭର୍‌ରେ ୩ ୱିକେଟ୍ ହରାଇ ୭୪ ରନ୍ କରିଥିଲା। ଏହାପରେ ଓପ୍ନର୍ ଆସିଫ୍ ଶେଖ୍ ଓ ସୁନ୍ଦୀପ ଜୋରା ପରବର୍ତ୍ତୀ ୧୦ ଓଭର୍‌ରେ ଜୋରଦାର ବ୍ୟାଟିଂ କରି ଚତୁର୍ଥ ୱିକେଟ୍ ପାଇଁ ୬୬ ବଲ୍‌ରେ ୧୦୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଜୋରା ୩୯ ବଲ୍‌ରେ ପାଞ୍ଚ ଛକା ସହାୟତାରେ ୬୩ ରନ୍ ଏବଂ ଆସିଫ୍ ଶେଖ୍ ୪୭ ବଲ୍‌ରେ ୬୮ ରନ୍ କରି ଅପରାଜିତ ରହିଥିଲେ। ମହମଦ ଆଦିଲ୍ ଆଲମ ୫ ବଲ୍‌ରେ ଦ୍ରୁତ ୧୧ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସ୍ପିନର୍ ଅକିଲ୍ ହୁସେନ୍ ଓ କାଇଲ୍ ମେୟର୍ସ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

# ବିଦେଶୀ ଟି-୨୦ ଲିଗ୍ ଖେଳିପାରିବେନି ପାକ୍ କ୍ରିକେଟର୍

**ଏନ୍‌ଓସି ବାତିଲ୍ କଲା ପିସିବି**

**ଏସିଆ କପ୍ ଫାଇନାଲ୍ ହାରିବାର ଦିନକ ପରେ ନିଷ୍ପତ୍ତି**

**ନୂଆଦିଲ୍ଲୀ,୩୦।୯/ଏଜେନ୍ସି:** ପାକିସ୍ତାନୀ ଖେଳାଳିମାନେ ଏବେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିପାରିବେ ନାହିଁ। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଖେଳାଳିଙ୍କ ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ବାତିଲ କରିଛି। ଟିମ୍ ଏସିଆ କପ୍ ଫାଇନାଲ୍ ହାରିବା ପରେ ବୋର୍ଡ ଏହି ନିଷ୍ପତ୍ତି ନେଇଛି। ତେବେ ଏହି ନିଷ୍ପତ୍ତିର କାରଣ ବୋର୍ଡ ଜଣାଇନାହିଁ। କ୍ରିକ୍‌ଇନ୍‌ଫୋ ଅନୁସାରେ ପିସିବି ଚିଫ୍ ଅପରେଟିଂ ଅଫିସର (ସିଓଓ) ସୁମେର ଅହମଦ ସେପ୍ଟେମ୍ବର ୨୯ ତାରିଖରେ ଏକ ନୋଟିସ୍ ପଠାଇ ଖେଳାଳି ଏବଂ ଏଜେଣ୍ଟଙ୍କୁ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ନୋଟିସ୍‌ରେ ଦର୍ଶାଯାଇଛି, ପିସିବି ମୁଖ୍ୟଙ୍କ ଅନୁସାରେ ଲିଗ୍ ଏବଂ ଅନ୍ୟ ବିଦେଶୀ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ସମସ୍ତ ଖେଳାଳିଙ୍କ ଏନ୍‌ଓସି ଅନ୍ୟାଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି।

ଏନ୍‌ଓସି ବାତିଲ୍ ହେବାପରେ ବାବର ଆଜମ୍, ଶାହିନ୍ ଶାହ ଆଫ୍ରିଦି, ମହମ୍ମଦ ରିଜ୍‌ୱାନ୍, ଫହିମ୍ ଅଶରଫ୍ ଏବଂ ଶାଦାବ୍ ଖାନ୍‌ଙ୍କ ସମେତ ବହୁ ପାକିସ୍ତାନୀ ଖେଳାଳିଙ୍କୁ କ୍ଷତି ହେବ। ଏହି ଖେଳାଳିମାନେ ଚଳିତ ବର୍ଷ ଅଷ୍ଟ୍ରେଲିଆର ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଖେଳିବାର ଥିଲା। ଏହା ବ୍ୟତୀତ ହାରିସ୍ ରଉଫ୍ ଏବଂ ଅନ୍ୟ ଖେଳାଳି ମଧ୍ୟ ଆଇଏଲ୍‌ଟି୨୦ ପରି ଫ୍ରାଞ୍ଚାଇଜି ଲିଗ୍ ଖେଳିବାର ଥିଲା। ଆଇଏଲ୍‌ଟି୨୦ ପାଇଁ ଅକ୍ଟୋବର ୧ ତାରିଖରେ ଅକ୍ସନ୍ ହେବ। ଏଥିପାଇଁ ୧୮ ପାକିସ୍ତାନୀ ଖେଳାଳି ଶର୍ଟଲିଷ୍ଟ ହୋଇଥିଲେ। ସେହିପରି ପାକିସ୍ତାନୀ ଖେଳାଳି କାନାଡାର ଗ୍ଲୋବାଲ୍ ଟି-୨୦ ଲିଗ୍‌ରେ ମଧ୍ୟ ଭାଗ ନେଇପାରିବେ ନାହିଁ। ପିସିବି ମାସେ ତଳେ ଗ୍ଲୋବାଲ୍ ଟି-୨୦ ଲିଗ୍‌ରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଏନ୍‌ଓସି ଉପରେ ରୋକ୍ ଲଗାଇଥିଲା।

# ମିଆଁମାର୍‌ର ଗୋଟିଏ ପରିବାରର ୧୧ ଜଣଙ୍କୁ ଫାଶୀଦଣ୍ଡ



**ବେଜିଂ, ୩୦।୯/ଏଜେନ୍ସି:** ଚୀନ୍‌ର ଏକ କୋର୍ଟ ମିଆଁମାରର ଗୋଟିଏ ପରିବାରର ୧୧ ସଦସ୍ୟଙ୍କୁ ଏକକାଳୀନ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପରିବାରର ବାକି ୫ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଶୁଣାଣି ସମୟରେ କୋର୍ଟ ମିଆଁମାରର ଏହି ପରିବାରକୁ ଅତ୍ୟନ୍ତ ନିଷ୍ଠୁର, ଘାତକ ତଥା ହିଂସକ ଭାବେ ବର୍ଣ୍ଣନା କରିଛନ୍ତି। ସବୁଠୁ ବଡ଼କଥା ହେଉଛି ଏହି ପରିବାର ଠାରୁ ପ୍ରାୟ ୧୨ହଜାର କୋଟି ଟଙ୍କା ଜବତ କରାଯାଇଛି।

ରିପୋର୍ଟ ଅନୁସାରେ ମିଆଁମାର ଏହି ପରିବାର ମିଙ୍ଗ୍ ସମ୍ପ୍ରଦାୟର ହୋଇଥିବା ବେଳେ ଚୀନ୍ ସୀମାରେ ଅନେକ ସମୟ ଧରି ବସବାସ କରୁଥିଲେ। ତେବେ ଏମାନେ ଉପରକୁ ସାଧାରଣ ଜୀବନଶୈଳୀ ଜିଉଁଥିବା ବେଳେ ବାସ୍ତବରେ ଏମାନେ ଚୀନ୍‌ରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ହତ୍ୟା, ଅପହରଣ, ଠକେଇ, ଚୋରି ଡକାୟତି, ସାଇବର ଅପରାଧ, ଟଙ୍କା ହେରଫେର ସହ ଦେହବ୍ୟବସାୟ ଭଳି କାର୍ଯ୍ୟ କରୁଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ କେବେ ବି ଧରାପଡୁନଥିଲେ କିମ୍ବା ଏମାନଙ୍କ ଉପରେ କାହାର ସନ୍ଦେହ ମଧ୍ୟ ହେଉନଥିଲା। ଏମାନେ ଯେବେ ଠାରୁ ଉକ୍ତ ଅଞ୍ଚଳରେ ରହିବା ଆରମ୍ଭ କଲେ ପ୍ରଥମେ କିଛି ବର୍ଷ ଏମାନେ ଏକଦମ୍ ଶାନ୍ତ ରହିଥିଲେ, ଯେପରିକି ଏମାନଙ୍କ ଉପରକୁ କାହାର ସନ୍ଦେହ ନଯିବ। କିନ୍ତୁ ସମୟକ୍ରମେ ଏମାନେ ନିଜ ଅପରାଧ ସାମ୍ରାଜ୍ୟ ଆରମ୍ଭ କରିଦେଇଥିଲେ। ତେବେ ଦୁଇ ବର୍ଷ ପୂର୍ବରୁ ମିଆଁମାର ବିଦ୍ରୋହୀ ଗୋଷ୍ଠୀ ଏମାନଙ୍କ ଆଡ୍ଡା ଉପରେ ସଂଯୋଗବଶତଃ ଆକ୍ରମଣ କରିଥିଲେ। ଏଥିରେ ମୃତାହତଙ୍କ ମଧ୍ୟରେ ଅଧିକାଂଶ ଚୀନ୍ ନାଗରିକ ଥିଲେ। ତେବେ ଚୀନ୍ ପୁଲିସ୍ ସେବେଠାରୁ ଏମାନଙ୍କ ଉପରେ ସନ୍ଦେହ କରିବା ଆରମ୍ଭ କରିଥିଲା।

ମିଙ୍ଗ୍ ପରିବାରର ଗ୍ୟାଙ୍ଗ୍ ମୁଖ୍ୟତଃ ମିଆଁମାରର ଉତ୍ତର-ପୂର୍ବ ଶାନ୍ ରାଜ୍ୟର କୋକାଙ୍ଗରେ କାମ କରୁଥିଲା, ଏହା ଚୀନ୍‌ର ଦକ୍ଷିଣ-ପଶ୍ଚିମ ୟୁନ୍ନାନ୍ ପ୍ରଦେଶର ସୀମା ସହିତ ଲାଗିଛି। ଜୁଲାଇ ୨୦୨୩ରୁ, ଚୀନର ସୁରକ୍ଷା ମନ୍ତ୍ରଣାଳୟ ନାଗରିକମାନଙ୍କୁ ନେଇ ହେଉଥିବା ଟେଲିକମ୍ ଠକେଇ ଉପରେ ଏକ ରାଷ୍ଟ୍ରବ୍ୟାପୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ନେଟୱର୍କକୁ ନିର୍ମୂଳେ ଧ୍ୱଂସ କରିବା ପାଇଁ ଚୀନ ମିଆଁମାର, କମ୍ବୋଡିଆ ଏବଂ ଥାଇଲ୍ୟାଣ୍ଡ ସମେତ ତାର ଦକ୍ଷିଣ ପୂର୍ବ ଏସିଆନ୍ ପଡୋଶୀମାନଙ୍କ ସହିତ କାମ ଆରମ୍ଭ କରିଥିଲା ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra